# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 174 | ଭାଗ ୩୨ | ସଂଖ୍ୟା ୧୭୪ | Bhubaneswar | Thursday 12 September 2024 | Page 8 ₹ 4.00 | ଭୁବନେଶ୍ୱର | ଗୁରୁବାର ୧୨ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ପୃଷ୍ଠା ୫ ନିଜ ଶରୀର ଉପରେ ମହିଳାଙ୍କ ପୂର୍ଣ୍ଣ ଅଧିକାର



## ଜନ୍ମଦିନରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ
### ସୁଭଦ୍ରା ଯୋଜନାର କରିବେ ଶୁଭାରମ୍ଭ

ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ): ଆସନ୍ତା ୧୭ ତାରିଖ (ମଙ୍ଗଳବାର)ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭୁବନେଶ୍ୱରର ଜନତା ମଇଦାନରେ ସେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ଏହାସହ ପ୍ରଧାନମନ୍ତ୍ରୀ ଆଉ କିଛି ଜନ କଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ/ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏହିଦିନ ପ୍ରଧାନମନ୍ତ୍ରୀଙ୍କର ଜନ୍ମଦିନ। ଗସ୍ତସୂଚୀ ଅନୁଯାୟୀ, ପୂର୍ବାହ୍ନ ୧୧. ୩୫ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ। ୧୧. ୪୦ରେ ସେ ବିମାନବନ୍ଦର ଛାଡ଼ିବେ। ୧୧. ୫୫ରେ ଜନତା ମଇଦାନରେ ପହଞ୍ଚିବେ ପ୍ରଧାନମନ୍ତ୍ରୀ। ଦିନ ୧୨ଟାରୁ ୧ଟା ପର୍ଯ୍ୟନ୍ତ ସେ ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ଏବଂ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ/ଉଦ୍‌ଘାଟନ/ଲୋକାର୍ପଣ କରିବେ। ୧ଟା ୫ ମିନିଟରେ ପ୍ରଧାନମନ୍ତ୍ରୀ ଜନତା ମଇଦାନରୁ ବିମାନବନ୍ଦର ଅଭିମୁଖେ ଯାତ୍ରା କରିବେ। ୧ଟା ୨୫ ମିନିଟରେ ସେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମିଳିଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଚାଲିଛି।

## ଜିଲ୍ଲାପାଳଙ୍କୁ ମିଠା ପ୍ୟାକେଟ୍‌ରେ ଟଙ୍କା ଦେଇ ସିମେଣ୍ଟ କଂପାନୀ ସିଏମ୍‌ଓ ଗିରଫ



ବରଗଡ଼, ୯।୯ (ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲାପାଳଙ୍କୁ ମିଠା ପ୍ୟାକେଟ୍‌ରେ ଟଙ୍କା ଦେଇ ବନ୍ଧା ହେଲେ ଛତିଶଗଡ଼ର ଏକ ସିମେଣ୍ଟ କମ୍ପାନୀର ସିଏମ୍‌ଓ ରାମଭଦ୍ ଗଜ୍ଜୁ। ସରକାରୀ କର୍ମଚାରୀଙ୍କୁ ପ୍ରରୋଚିତ ଉଦ୍ୟମ ପାଇଁ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ। ରାମଭଦ୍ ଗଜ୍ଜୁ ଜିଲ୍ଲାପାଳଙ୍କ ଅଫିସକୁ ଆସି ଫୁଲ ତୋଡ଼ା ସହ ମିଠା ପ୍ୟାକେଟ୍ ଦେଇଥିଲେ। ମିଠା ପ୍ୟାକେଟକୁ ଦେଖି ଜିଲ୍ଲାପାଳଙ୍କର ସନ୍ଦେହ ହେବାରୁ ପିଅନକୁ ଡାକି ଖୋଲିବାକୁ କହିଥିଲେ। ପିଅନ ମିଠା ପ୍ୟାକେଟ ଖୋଲିବା ପରେ ଜିଲ୍ଲାପାଳ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମିଠା ପ୍ୟାକେଟରେ ୪ଟି ୫ଶହ ଟଙ୍କିଆ ନୋଟ୍ ବଣ୍ଡଲ ଥିଲା। ସେଥିରେ ୨ ଲକ୍ଷ ଟଙ୍କା ଥିଲା। ମିଠା ପ୍ୟାକେଟରେ ଟଙ୍କା ଦେଖିବା ପରେ ଜିଲ୍ଲାପାଳ ତୁରନ୍ତ ଭିଜିଲାନ୍ସକୁ ଖବର ଦେଇଥିଲେ।

### ଏମିତି ଚାଲିଥିଲା ନବୀନ ସରକାର
# ଆଦିବାସୀ ଛାତ୍ର ଓ ଚାଷୀଙ୍କ ନାଁରେ ହଜାରେ କୋଟିର ଘୋଟାଲା

## ଆୟୋଗ୍ୟ ଚାଷୀଙ୍କୁ କାଳିଆ ସହାୟତା

ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ): କାଳିଆ ଯୋଜନା ନାଁରେ ଲୋକଙ୍କୁ ଭୁଆଁ ବୁଲାଉଥିଲେ ବିଜେଡି ସରକାର। ଆଜି ପ୍ରକାଶ ପାଇଥିବା ସିଏଜି ରିପୋର୍ଟରେ ଏଭଳି ସାଂଘାତିକ ତଥ୍ୟ ଆସିଛି। ବିଭିନ୍ନ ପର୍ଯ୍ୟାୟରେ ବହୁ ଅଯୋଗ୍ୟ ହିତାଧିକାରୀଙ୍କୁ କାଳିଆ ସହାୟତା ଦିଆଯାଇଛି। ୨୦୧୯ରୁ ୨୧ ମଧ୍ୟରେ ୬୫ ଲକ୍ଷ ୬୪ ହଜାର ହିତାଧିକାରୀଙ୍କୁ କାଳିଆ ଟଙ୍କା ଦିଆଯାଇଥିଲା। ୪୧.୬୪ ଲକ୍ଷ ହିତାଧିକାରୀଙ୍କୁ ୩ ଥର, ୮.୦୯ ଲକ୍ଷଙ୍କୁ ୨ ଥର ଟଙ୍କା ମିଳିଥିବା ବେଳେ ୧୫ ଲକ୍ଷ ୯୧ ହଜାର ହିତାଧିକାରୀଙ୍କୁ କେବଳ ଥରଟିଏ କିସ୍ତି ଟଙ୍କା ମିଳିଛି। ଯୋଜନା କାର୍ଯ୍ୟକାରୀ ବେଳେ ୯.୭୬ ଲକ୍ଷ ଅଯୋଗ୍ୟ ହିତାଧିକାରୀ ଧରାପଡ଼ିଥିଲେ। ପରେ ଡାଟାବେସ୍ ବିଶ୍ଳେଷଣ ବେଳେ ଆଉ ୨.୯୬ ଲକ୍ଷ ଅଯୋଗ୍ୟ ମିଳିଥିଲେ।

ଏହିପରି ମୋଟ୍ ୧୨.୭୨ ଲକ୍ଷ ଅଯୋଗ୍ୟ ହିତାଧିକାରୀ କାଳିଆର ଯୋଜନାର କିସ୍ତି ଟଙ୍କା ପାଇଥିଲେ। ଏହି ୧୨ ଲକ୍ଷ ଅଯୋଗ୍ୟ ହିତାଧିକାରୀ ୭୮୨ କୋଟି ୨୬ ଲକ୍ଷ ଟଙ୍କା ନେଇଯାଇଛନ୍ତି। ଏହି ଅର୍ଥ ବର୍ତ୍ତମାନ ଅଯୋଗ୍ୟ ହିତାଧିକାରୀଙ୍କ ଠାରୁ ଆଦାୟ କରିବା କଷ୍ଟକର ହୋଇଥିଲେ ମଧ୍ୟ ସରକାର ଏହି ଅର୍ଥ ଫେରସ୍ତ ପାଇଁ ବ୍ୟବସ୍ଥା କରିବାକୁ ସିଏଜି ପରାମର୍ଶ ଦେଇଛନ୍ତି। କେବଳ ସେତିକି ନୁହେଁ, କାଳିଆ ଯୋଜନା ନାଁରେ କେତେବଡ ସ୍କାମ ହୋଇଛି ତାହା ଆଉ କିଛି ଘଟଣାରୁ ମଧ୍ୟ ଜଣାପଡିଛି।

ଯେମିତି କି ୧ଲକ୍ଷ ୨୮ ହଜାର ହିତାଧିକାରୀଙ୍କୁ ୧୦୭ କୋଟି ୬୪ ଲକ୍ଷ ଟଙ୍କା ଦିଆଯାଇଛି। କିନ୍ତୁ ଉଦବେଗର ବିଷୟ ହିତାଧିକାରୀଙ୍କ ନାଁ ଓ ଯେଉଁ ବ୍ୟାଙ୍କକୁ ଟଙ୍କା ଟ୍ରାନସଫର ହୋଇଛି ସେହି ନାଁ ମଧ୍ୟରେ କୌଣସି ତାଳମେଳ ନାହିଁ। ଏହା ପ୍ରମାଣିତ କରୁଛି ଯେ, ବୋଗସ ଆକାଉଣ୍ଟରେ ଟଙ୍କା ➪ପୃଷ୍ଠା-୬

## ଛାତ୍ରବୃତ୍ତି ଦେବା ଆଳରେ କୋଟି କୋଟି ଚଳୁ

ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ): କେବଳ କାଳିଆ ନୁହେଁ, ସ୍କଲାରସିପ ନାଁରେ ବି ବ୍ୟାପକ ଦୁର୍ନୀତି। ଆଉ ଆଜି ସିଏଜି ତାର ଖୁଲାସା କରିଛି। ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ମାଟ୍ରିକ ପରବର୍ତ୍ତୀ ଉଚ୍ଚଶିକ୍ଷା ସ୍କଲାରସିପ( ପିଏମଏସ) ରେ ବ୍ୟାପକ ଦୁର୍ନୀତି ହୋଇଛି। ୨୦୧୭-୧୮ ମସିହାରୁ ୨୦୨୦-୨୧ ମସିହା ମଧ୍ୟରେ ଏହି ସ୍କଲାରସିପ୍ ଦେବା ଆଳରେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅଫିସରମାନେ ସବୁ ନୀତିନିୟମକୁ ଫୁ’ କରି କୋଟିକୋଟି ଟଙ୍କା ହେରଫେର କରିଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ପିଲାଙ୍କ ନାଁ ଜାଲିଆତି କରି ଏହି ଅଫିସରମାନଙ୍କୁ ଧରି କୋଟିକୋଟି ଟଙ୍କା ଲୁଟି ନେଇଥିବା ସିଏଜିଙ୍କ ଅଡିଟରୁ ଜଣାପଡ଼ିଛି । ତେଣୁ ଏଭଳି ହେରଫେର କରି ରାଜକୋଷକୁ କ୍ଷତି ପହଂଚାଇଥିବା ଅଫିସରମାନଙ୍କୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଉତ୍ତରଦାୟୀ କରିବା ସହ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ନିମନ୍ତେ ସିଏଜି ସୁପାରିଶ କରିଛନ୍ତି ।

ଆଜି ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପିତ ହେବାପରେ ଏକ ସାମ୍ବାଦିକ ସମ୍ମିଳନୀ କରି ପ୍ରଧାନ ମହାଲେଖାକାର ରାଜକୁମାର, ମହାଲେଖାକାର ବିଶ୍ୱନାଥ ସିଂହ ଏହି ଅଡିଟ୍ ରିପୋର୍ଟ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଅନୁସୂଚିତ ଅଂଚଳରେ ଜମି ପରିଚାଳନା,୨୦୨୩ ମାର୍ଚ୍ଚରେ ସମାପ୍ତ ବର୍ଷ ପାଇଁ ରାଜ୍ୟର ଆର୍ଥିକ ସ୍ଥିତିର ପ୍ରତିବେଦନ, ୨୦୨୨ ମାର୍ଚ୍ଚର ସମାପ୍ତ ବର୍ଷ ପାଇଁ ଓଡ଼ିଶା ସରକାରଙ୍କ ସମ୍ପର୍କିତ ଅନୁପାଳନ ସମୀକ୍ଷା ପ୍ରତିବେଦନ ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଛି ।

ସିଏଜି ତାଙ୍କ ଅଡିଟ୍ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଖୋର୍ଦ୍ଧା ଜିଲ୍ଲାରେ ଏହି ସ୍କଲାରସିପ୍ ମନଇଚ୍ଛା ବଂଟନ କରାଯାଇଛି। ୨୦୧୮-୧୯ରେ ପ୍ରାୟ ୮୮ ପ୍ରତିଶତ ଅନୁଷ୍ଠାନ, ୨୦୧୯-୨୦ ଓ ୨୦୨୦-୨୧ରେ ୧୦୦ ପ୍ରତିଶତ ଅନୁଷ୍ଠାନର ଆବେଦନଗୁଡ଼ିକୁ ଖୋର୍ଦ୍ଧା ଡିଡବ୍ଲ୍ୟୁଓ ଯାଂଚ କରିନଥିଲେ । ୨୦୧୮-୧୯ରୁ ୨୦୨୦-୨୧ ମଧ୍ୟରେ ଅଡିଟ୍ ଦ୍ୱାରା ବିବେଚନା ଭିତ୍ତିରେ ମନୋନୀତ ୧୩ଟି ଅନୁଷ୍ଠାନ ମଧ୍ୟରୁ କୌଣସିଟିରେ ଡିଡବ୍ଲ୍ୟୁଓଙ୍କ ଦ୍ୱାରା ଯାଂଚ କରାଯାଇନଥିଲା ବୋଲି ସିଏଜି କହିଛନ୍ତି। ଖୋର୍ଦ୍ଧା ଜିଲ୍ଲା ପାଇଁ ଜିଲ୍ଲାସ୍ତରୀୟ କମିଟି ଗଠନ ପ୍ରମାଣ ପ୍ରଦାନ କରିବାରେ ଡିଡବ୍ଲୁଓ ସକ୍ଷମ ହୋଇନଥିଲେ । ଏପରିକି ଏହି ସ୍କଲାରସିପ୍ ମଞ୍ଜୁରୀ ପାଇଁ ରହିଥିବା ମାର୍ଗଦର୍ଶିକାକୁ ମଧ୍ୟ ପାଳନ କରାଯାଇନଥିଲା । ➪ପୃଷ୍ଠା-୬

## ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ
# ବଢ଼ିଲା ସହାୟତା ରାଶି

- ଦୁର୍ଘଟଣାଜନିତ ମୃତ୍ୟୁ ସହାୟତା ରାଶି ୪ ଲକ୍ଷରୁ ୬ ଲକ୍ଷ ଟଙ୍କା
- ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ୨ ଲକ୍ଷ ଟଙ୍କାରୁ ୩ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ): ଆପଣମାନେ ହେଉଛନ୍ତି ନିର୍ମାଣର ମେରୁଦଣ୍ଡ। ରାସ୍ତା, ଘାଟ, କୋଠା ବାଡ଼ି, କଳ କାରଖାନା, ବନ୍ଦର, ବିମାନ ବନ୍ଦର, ଶିକ୍ଷାୟତନ, ଡାକ୍ତରଖାନା, ଯେ କୌଣସି ନିର୍ମାଣ ହେଉ, ଆପଣମାନଙ୍କ ବିନା ଏସବୁର ପରିକଳ୍ପନା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଆୟୋଜିତ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅବସରରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଈଶ୍ୱରଙ୍କ ପରିକଳ୍ପନାରେ ମଣିଷ ହିଁ ଏଭଳି ଏକ ସୃଷ୍ଟି, ଯିଏ ସର୍ଜନା କରିପାରେ, ଭାବିପାରେ ଓ ନିର୍ମାଣ କରିପାରେ। ଗଢିବାର ପ୍ରକ୍ରିୟା ଟି ହେଲା ନିର୍ମାଣ। ନିର୍ମାଣ ପାଇଁ ଶ୍ରମର ଯୋଗଦାନ ସବୁଠୁ ଅଧିକ। ଆମ କୁଶଳୀ ଶ୍ରମିକମାନେ ସାଧାରଣକୁ ଅସାଧାରଣ କରିପାରନ୍ତି। ସିମେଣ୍ଟ, ବାଲି, ଗୋଡିକୁ ବ୍ୟବହାର କରି ଗଢି ପାରନ୍ତି ସୁନ୍ଦର ଅଟ୍ଟାଳିକା। ଲୁହା, ଇସ୍ପାତ, ଆଲୁମିନିୟମକୁ ବ୍ୟବହାର କରି ତିଆରି କରନ୍ତି କଳ କାରଖାନା। ପିଚୁ, ଗୋଡି, ବଜୁରିକୁ ମିଶ୍ରଣ କରି ନିର୍ମାଣ କରନ୍ତି ସୁନ୍ଦର ରାସ୍ତା। ତେଣୁ ଯଥାର୍ଥରେ ସେମାନେ ହେଉଛନ୍ତି ପ୍ରକୃତ ରାଷ୍ଟ୍ର ନିର୍ମାତା । ନିର୍ମାଣ କ୍ଷେତ୍ର କେବଳ ଆମ ଅର୍ଥନୀତିକୁ ସମୃଦ୍ଧ କରେ ନାହିଁ, ଏହା ମଧ୍ୟ ବ୍ୟାପକ କର୍ମସଂସ୍ଥାନ ଯୋଗାଇଥାଏ। ନିର୍ମାଣ କ୍ଷେତ୍ରରେ ଦେଖିବାକୁ ମିଳେ ପାରମ୍ପରିକ ଜ୍ଞାନ ସହିତ ଆଧୁନିକ ବୈଷୟିକ ବିଦ୍ୟାର ସମିଶ୍ରଣ। ଭୁବନେଶ୍ୱରକୁ ଆଧୁନିକତାର ରୂପ ଦେବାର ➪ପୃଷ୍ଠା-୬



### ଲକ୍ଷେ ଲୋକଙ୍କୁ ଜଗୁଛନ୍ତି ମାତ୍ର ୮୩ ପୋଲିସ
## ଓଡ଼ିଶା ପୋଲିସର ସାଙ୍ଘାତିକ ସ୍ଥିତି



ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ): ଆଇନଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ ଓ ଭିଭିଆଇପି ସୁରକ୍ଷା ସବୁଥିରେ ପୋଲିସର ଆବଶ୍ୟକତା ରହିଛି । କିନ୍ତୁ ଓଡ଼ିଶାରେ ପୋଲିସଙ୍କ ସଂଖ୍ୟା ନଗନ୍ୟ। ଲକ୍ଷେ ଲୋକଙ୍କୁ ଜଗିଛନ୍ତି ମାତ୍ର ୮୩ ଜଣ ପୋଲିସ। ଏକଥା ପଢିଲେ ହୁଏତଃ ଆପଣଙ୍କୁ ଅଡୁଆ ଲାଗିପାରେ। କିନ୍ତୁ ଏହି ତଥ୍ୟ ଦେଖିଲେ ଆପଣ ସାଧାରଣତଃ ବିଶ୍ୱାସ କରିବେ ଯେ ଓଡିଶା ପୋଲିସ ପ୍ରକୃତରେ କେତେ ଭାରାକ୍ରାନ୍ତ। ଡିଜିପିଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ୧୯୭୨ ମସିହାରେ ଓଡିଶା ପୋଲିସ ପାଇଁ ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା ଥିଲା ୭୪ ହଜାର ୬୯ । ସେତବେଳର ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ସ୍ୱୀକୃତି ପ୍ରାପ୍ତ ପଦବୀରେ ମୋହର ବାଜିଥିଲା । ସେତବେଳର ଲୋକସଂଖ୍ୟା ଠାରୁ ଏବେ ର ଲୋକସଂଖ୍ୟା ଆନୁମାନିକ ୧୦ ଗୁଣା ବୃଦ୍ଧି ପାଇଛି । କିନ୍ତୁ ପରିତାପର ବିଷୟ ସେହି ପୁରୁଣା ସ୍ୱୀକୃତିପ୍ରାପ୍ତ ପଦବୀରୁ ୧୫ ହଜାର ୫୮୦ ପଦବୀ ଏବେ ମଧ୍ୟ ଖାଲି ରହିଛି। ୫୮ ହଜାର ୪୮୯ ଜଣ ଏବେ କାର୍ଯ୍ୟରତ ଅଛନ୍ତି । ଏଭଳି ସ୍ଥିତିରେ ପୋଲିସ ପ୍ରତିକୂଳ ପରିବେଶରେ କାମ କରୁଛି । ଯାହାଫଳରେ ପୋଲିସର କାର୍ଯ୍ୟଦକ୍ଷତା କମୁଛି । ଉନ୍ନତ ମାନର ତଦନ୍ତ ହୋଇପାରୁନାହିଁ । ବିଚାରପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି । ➪ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ଆମେରିକା ରାଷ୍ଟ୍ରପତି ନିର୍ବାଚନ: କମଳା ହାରିସ୍‌ଙ୍କ ସପକ୍ଷରେ ୬୩ ପ୍ରତିଶତ ଜନମତ
- ୭୦ ବର୍ଷରୁ ଅଧିକ ବୟସର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜନ ଆୟୁଷ୍ମାନ ଯୋଜନାରେ ସାମିଲ ପାଇଁ କ୍ୟାବିନେଟ୍ ନିଷ୍ପତ୍ତି
- ସେନ୍‌ସେକ୍ସ ୩୯୮ ପଏଣ୍ଟ ହ୍ରାସ। ଟାଟା ଷ୍ଟିଲ୍, ଟାଟା ମୋଟର୍ସ, ଷ୍ଟେଟ୍ ବ୍ୟାଙ୍କ ସମେତ ୧୦ କମ୍ପାନୀଙ୍କୁ ଘାଟା
- ପଳାତକ ହୀରା ବ୍ୟବସାୟୀ ନିରବ ମୋଦିଙ୍କ ଆଉ ୨୯.୭୫ କଟି ଟଙ୍କାର ସମ୍ପତ୍ତି ଆଟାଚ୍ କଲା ଇଡି। ଏହି ସବୁ ସମ୍ପତ୍ତି ବ୍ୟାଙ୍କ ଜମା, କୋଠାବାଡି ଓ ଜମି ଅନ୍ତର୍ଭୁକ୍ତ
- କ୍ୟାବିନେଟ୍ ଦେଲା ଅନୁମୋଦନ, ୧୩ରେ ଭାଙ୍ଗିବ ହରିଆଣା ବିଧାନସଭା
- ମମତା ବାନାର୍ଜୀଙ୍କ ସହିତ ୩୦ ଜଣିଆ ପ୍ରତିନିଧିମଣ୍ଡଳୀ ଆଲୋଚନା କରିବା ପାଇଁ ଅନୁମତି ଦେବାକୁ ରାଜ୍ୟର ଆନ୍ଦୋଳନରତ ଡାକ୍ତରମାନେ ସର୍ତ୍ତ ବାଢ଼ିଲେ
- ଆମେରିକାରେ କଟ୍ଟର ଭାରତ ବିରୋଧୀ ସାଂସଦ ଇଲହାନ ଓମାରଙ୍କୁ ଭେଟି ଆଲୋଚନା କଲେ ରାହୁଲ ଗାନ୍ଧି
- ଓଡ଼ିଶାରେ ଷ୍ଟ୍ରୋକ ହାର ଜାତୀୟ ହାରଠାରୁ ଅଧିକ, ପ୍ରତି ୭ ଜଣରୁ ଜଣଙ୍କୁ ଷ୍ଟ୍ରୋକ ବିପଦ ଥିବା ଦି ଲାନସେଟରେ ରିପୋର୍ଟରୁ ପ୍ରକାଶ
- ସମୁଦ୍ର ତଟରେ ମଦ କୁଡ଼ିଆ ଯୋଜନାକୁ ପୁରୀ ଶଙ୍କରାଚାର୍ଯ୍ୟଙ୍କ ବିରୋଧ
- ଚାନ୍ଦିପୁରରେ କ୍ଷେପଣାସ୍ତ୍ର ପରୀକ୍ଷା ପାଇଁ ଆଜି ୬ଟି ଗାଁର ପ୍ରାୟ ୩୫୦୦ ଲୋକ ହେବେ ସ୍ଥାନାନ୍ତର
- ଜମ୍ମୁ-କାଶ୍ମୀରର ଉଦ୍ଧାମପୁର ଜିଲ୍ଲା ବସନ୍ତଗଡ଼ରେ ସେନା ଅପରେସନ ଦ୍ୱାରା ୩ ଆତଙ୍କବାଦୀ ନିହତ
- ଭୁବନେଶ୍ୱର: ୟୁନିଟ୍-୮ ଅଞ୍ଚଳରେ କ୍ରେନ୍ ଭୁଶୁଡ଼ି ୫ ଶ୍ରମିକ ଆହତ

## ଆଇସିୟୁରେ ରୋଗୀଙ୍କୁ ଚାପୁଡ଼ା

**ପୂର୍ବତନ ମନ୍ତ୍ରୀଙ୍କ ସମ୍ପର୍କୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ**

ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ): ସୁଦୂର ମୟୁରଭଞ୍ଜ ଜିଲ୍ଲାରୁ ଆସି ରାଜଧାନୀର ଏକ କର୍ପୋରେଟ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ବୃଦ୍ଧ ବ୍ୟକ୍ତି ଆଇସିୟୁ ଭିତରେ ଆକ୍ରମଣର ଶିକାର ହୋଇଛନ୍ତି । ବିଳମ୍ବିତ ରାତିରେ ଦାୟିତ୍ୱରେ ଥିବା ନର୍ସ ଡାକ୍ତରଖାନାରେ ନିୟୋଜିତ ଜଣେ ବାଉନ୍ସରଙ୍କ ସହାୟତାରେ ରୋଗୀଙ୍କୁ ମାଡ ମାରିଛନ୍ତି । ଏଭଳି ଘଟଣା ଏବେ ଡାକ୍ତରଖାନାରୁ ଥାନା ବାଟ ଦେଇ ରାଜ୍ୟ ମାନବ ଅଧିକାର କମିଶନଙ୍କ ନିକଟରେ ପହଞ୍ଚିଛିବା ପରେ ପଦାକୁ ଆସିଛି ।

ମିଳିଥିବା ସୂଚନା ଅନୁଯାୟୀ ମୟୁରଭଞ୍ଜ ଜିଲ୍ଲାର ଜଣେ ନେତ୍ରୀଙ୍କ ଶ୍ୱଶୁରଙ୍କ ଦେହ ଖରାପ ହେବାପରେ ସେ ରାଜଧାନୀକୁ ଚିକିତ୍ସିତ ହେବାକୁ ଆସିଥିଲେ । ସେ ମଧ୍ୟ ଜଣେ ପୂର୍ବତନ ମହିଳା ମନ୍ତ୍ରୀଙ୍କ ସମ୍ପର୍କୀୟ । ରାଜଧାନୀରେ ଗୋଟିଏ କର୍ପୋରେଟ ହସ୍ପିଟାଲରେ ତାଙ୍କର ଅପରେସନ ହେଲା । ଦିନ ବେଳା ଅପରେସନ ସରିବାପରେ ଡାକ୍ତର ରୋଗୀଙ୍କୁ ଆଇସିୟୁକୁ ପଠାଇ ଦେଇଥିଲେ । ରୋଗୀଙ୍କ ଦେହରେ କ୍ୟାଥେଟର ଲାଗିଥିଲା । ହେଲେ ରାତି ବଢ଼ିବା ସହିତ ତାଙ୍କର ପରିସ୍ରା ବନ୍ଦ ହୋଇ ପେଟ ଫୁଲି ଯନ୍ତ୍ରଣା ହେବାକୁ ଲାଗିଲା।

ଯନ୍ତ୍ରଣା ଅସହ୍ୟ ହେବାରୁ ରୋଗୀ ଦାୟିତ୍ୱରେ ଥିବା ନର୍ସଙ୍କୁ ଡାକିଲେ । ଡାକ୍ତରଙ୍କୁ ଡାକିବାକୁ କହିଲେ । ହେଲେ ନର୍ସ ଜଣଙ୍କ କହିଲେ ଯେ ଡାକ୍ତର ଆସନ୍ତା କାଲି ଆସିବେ । ଏବେ କିଛି କରିହେବ ନାହିଁ । ହେଲେ ଯନ୍ତ୍ରଣାରେ ଛଟ ପଟ ହେଉଥିବା ବ୍ୟକ୍ତି ଜଣଙ୍କ ନର୍ସଙ୍କୁ କାକୁତି ମିନତି ହୋଇ ବାରମ୍ବାର ଡାକ୍ତରଙ୍କୁ ଡାକିବାକୁ କହିବାରୁ ନର୍ସ ଜଣଙ୍କ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଦେବା ସହିତ ତାଙ୍କ ହାତ ଓ ଗୋଡକୁ ବାନ୍ଧି ଦେଇଥିଲେ । ହେଲେ ବୃଦ୍ଧ ଜଣଙ୍କ ଅସହ୍ୟ ଯନ୍ତ୍ରଣାରେ ପାଟି ➪ପୃଷ୍ଠା-୬

### ରାଜ୍ୟ ସରକାରଙ୍କ ମେଗା ନିଯୁକ୍ତି ମିଶନ୍
## ୫ ବର୍ଷରେ ୧.୫୦ ଲକ୍ଷ ପଦବୀ ପୂରଣ

- ନିରପେକ୍ଷ ନିଯୁକ୍ତି ପ୍ରକ୍ରିୟା ପାଇଁ ସ୍ୱତନ୍ତ୍ର ଆଇନ୍
- ୩ ମାସରେ ପୂରଣ ହେବ ୩୪, ୬୮୬ ପଦବୀ

ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ): ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ୍ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୫ବର୍ଷ ମଧ୍ୟରେ ରାଜ୍ୟରେ ୧ ଲକ୍ଷ ୫୦ ହଜାର ଖାଲି ପଡିଥିବା ପଦବୀ ପୂରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଏବେ ରାଜ୍ୟରେ ମୋଟ ୧ ଲକ୍ଷ ୩୨ ହଜାର ୪୫୯ଟି ଖାଲି ପଦବୀ ରହିଛି । ଏହା ମଧ୍ୟରୁ ୯୨ ହଜାରରୁ ଅଧିକ ପଦବୀରେ ନିଯୁକ୍ତି ପାଇଁ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଦ୍ୱାରା ଅନୁମୋଦନ ମିଳି ସାରିଛି । ସେଥିରୁ ୭୮ ହଜାର ୯୧୯ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇସାରିଛି। ଆଗାମୀ ୨ ବର୍ଷ ମଧ୍ୟରେ ୬୫ ହଜାର ପଦବୀ ପୂରଣ କରାଯିବ । ଆଜି ବିଧାନସଭାରେ କଂଗ୍ରେସ ଆଣିଥିବା ମୁଲତବୀ ପ୍ରସ୍ତାବରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଗୃହରେ ଉତ୍ତର ରଖି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ➪ପୃଷ୍ଠା-୬

# ବିରୋଧୀଦଳ ଦାୟିତ୍ୱ ତୁଲାଇବାରେ ବିଜେଡି ଫେଲ



- ନବୀନଙ୍କ ପାଇଁ ଗୃହରେ ମୁହଁ ଲୁଚାଇଲେ ବିଧାୟକ
- ଗୋଟିଏ ବି ପ୍ରସଙ୍ଗରେ ସରକାରଙ୍କୁ ଘେରି ପାରିଲେନି

ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ): ଗଣତନ୍ତ୍ରର ଆତ୍ମା କହିଲେ ବିରୋଧୀଦଳକୁ ବୁଝାଇଥାଏ। କାରଣ ସରକାରୀ ଦଳର ଭୁଲ୍ ପଦକ୍ଷେପକୁ ରୋକିବା ସହିତ ବାଟ ଭୁଲା ସରକାରକୁ ପଥ ପ୍ରଦର୍ଶନ କରାଇଥାଏ ବିରୋଧୀଦଳ। କିନ୍ତୁ ଓଡ଼ିଶାରେ ଏ କ୍ଷେତ୍ରରେ ବିରୋଧୀଦଳ ବିଫଳ ହୋଇଛି। ସପ୍ତଦଶ ବିଧାନସଭାର ପ୍ରଥମ ତଥା ବଜେଟ୍ ଅଧିବେଶନ ବିଧବାର ସରିଗଲା। ଜୁଲାଇ ୨୨ରୁ ଆରମ୍ଭ ହୋଇଥିବା ବିଧାନସଭାର ବଜେଟ୍ ଅଧିବେଶନ କାଳରେ ରାଜ୍ୟରେ ବିରୋଧୀଦଳ କିଏ ବୋଲି ଜଣାପଡ଼ିଲା ନାହିଁ। ଯାହାକି ରାଜନୀତିକ ମହଲରେ ଚିନ୍ତାର କାରଣ ହୋଇଛି। ଗୋଟିଏ ହେଲେ ପ୍ରସଙ୍ଗରେ ସରକାରଙ୍କୁ ଘେରିପାରିଲାନି ବିଜେଡି। ରାଜ୍ୟପାଳଙ୍କ ପୁଅ ମାଡ ମାରିବା ଘଟଣା ହେଉ କି ସୁଭଦ୍ରା ଯୋଜନାରେ ଅବ୍ୟବସ୍ଥା କିମ୍ବା ମାଗଣା ବିଜୁଳି। ସବୁ ପ୍ରସଙ୍ଗ କେବଳ ନାମକୁ ମାତ୍ର ଉଠାଇ ପୁଣି ତୁନି ପଡିଗଲେ ବିଜେଡି ବିଧାୟକମାନେ। ଶେଷରେ ଅଧିବେଶନର ଶେଷ ଦିନରେ ବିଜେଡିର ଦୁଇ ବିଧାୟକ ଓ କଂଗ୍ରେସର ଜଣେ ବିଧାୟକଙ୍କ ବିରୋଧରେ ଗୃହରେ ନିନ୍ଦା ପ୍ରସ୍ତାବ ଆସିଲା ଆଉ ମୁଖ୍ୟ ବିରୋଧୀ ଭାବେ ବିଜେଡି ଏକ୍ଷେତ୍ରରେ ଯେଉଁଭଳି ପ୍ରଦର୍ଶନ କରି ଗୃହ ହୁଲୁସ୍ଥୁଲ କରିବା କଥା ତାହା ହେଲା ନାହିଁ। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ୫୧ଟି ଆସନ ସହିତ ବିରୋଧୀଦଳର ବିଜେଡ଼ିକୁ ମାନ୍ୟତା ମିଳିଛି। ଦୀର୍ଘ ୨୫ ବର୍ଷ ପରେ ରାଜ୍ୟରେ ବିରୋଧୀଦଳ ସଶକ୍ତ ହେବ ବୋଲି ଆଶା କରାଯାଉଥିଲା। ରାଜ୍ୟବାସୀଙ୍କର ଏହି ଆଶାରେ ପାଣି ପକାଇ ଦେଇଛି ବିଜେଡି। କାରଣ ବିଜେଡି ବିଧାୟକ ଦଳ ନେତାଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚିତ ହେବା ସହିତ ବିରୋଧୀଦଳର ନେତା ହୋଇଛନ୍ତି। ନବୀନ ପଟ୍ଟନାୟକ ବିରୋଧୀଦଳର ନେତା ହେବା ପରେ ଯାହା ଆଶଙ୍କା କରାଯାଉଥିଲା ତାହା ସତ୍ୟରେ ପରିଣତ ହୋଇଛି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ଗୃହକୁ ଆସୁନଥିଲେ। ବିରୋଧୀଦଳ ନେତା ହେବା ପରେ ପୂର୍ବଧାରାକୁ ବଜାୟ ରଖିଛନ୍ତି। ଯାହାଫଳରେ ବିରୋଧୀଦଳର ମାନ୍ୟତା ପାଇଥିବା ବିଜେଡି ବିଧାନସଭାର ଅଧିବେଶନ କାଳରେ ଦିଗହରା ହୋଇପଡ଼ିଛି। ବିରୋଧୀଦଳ ନେତା ଓ ଉପନେତାଙ୍କୁ ବିଧାନସଭା ଅଧିବେଶନ କାଳରେ ଗୃହରେ ଦେଖିବାକୁ ମିଳିନାହିଁ ବୋଲି କହିଲେ ଭୁଲ୍ ହେବ ନାହିଁ। ନବୀନ ପଟ୍ଟନାୟକ କେବଳ ଥରେ ଦୁଇଥର ବିଧାନସଭାକୁ ଆସିଥିବା ଦେଖିବାକୁ ମିଳିଥିଲା। ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଥିବାରୁ ସେ ମଧ୍ୟ ଗୃହକୁ ଆସିପାରି ନାହାନ୍ତି। ଏପରିକି ସରକାରୀ ➪ପୃଷ୍ଠା-୬

## ଅବ୍ୟବସ୍ଥା ଘେରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ

# ଦୀର୍ଘଦିନ ଧରି ଆବେଦନ ସତ୍ତ୍ୱେ ମିଳୁନି ଭିନ୍ନକ୍ଷମ ପ୍ରମାଣପତ୍ର

**ଜଗତସିଂହପୁର, ୧୧।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ୮ ଟି ବ୍ଲକ ଓ ୨ ଟି ପୌରପାଳିକାର ଅଧିବାସୀ ମୁଖ୍ୟତଃ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭରଶୀଳ।ଜରୁରୀକାଳୀନ ସହ ବିଭିନ୍ନ ରୋଗର ଚିକିତ୍ସା ଏବଂ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଦୈନନ୍ଦିନ ଶତାଧିକ ରୋଗୀ ଏହି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥାନ୍ତି। ଦୀର୍ଘଦିନ ଧରି ଅନେକ ବ୍ୟକ୍ତି ସେମାନଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ ସୁଦ୍ଧା ସେମାନଙ୍କୁ ଏଥିରୁ ବଞ୍ଚିତ କରାଯାଉଥିବାର ଅଭିଯୋଗ ହେଉଛି। ଫଳରେ ସେମାନେ ବିଭିନ୍ନ ପ୍ରକାର ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି।

ଏ ସମ୍ପର୍କରେ ସିଙ୍ଗାରପୁରର ଭାସ୍କର ମଲ୍ଲିକ ଅଭିଯୋଗ କରିଛନ୍ତି। ସେ ବାରମ୍ବାର ଚିକିତ୍ସାଳୟକୁ ଦୌଡି ନିରାଶ ହୋଇ ଫେରୁଥିବାର କହିଛନ୍ତି। ଥାଲେସେମିଆ, ହିମୋଫେଲିଆ ଭଳି ଅନେକ ରୋଗରେ ପୀଡିତ ହୋଇଥିବା ଶିଶୁ, ଯୁବକ ଯୁବତୀ ଓ ବୃଦ୍ଧାବୃଦ୍ଧ ମାନେ ଗତ ୪/୫ ବର୍ଷ ଧରି ଶିଶୁ ବିଭାଗ ଡାକ୍ତରଙ୍କ ଦ୍ୱାରା ନିୟମିତ ଭାବେ ଚିକିତ୍ସିତ ହୋଇଥାନ୍ତି। ଜିଲ୍ଲା ମେଡିକାଲ ବୋର୍ଡର ବିଚିତ୍ର ନୀତି ଯୋଗୁଁ ଏମାନେ ଆବଶ୍ୟକ ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହେଉଛନ୍ତି। ବୋର୍ଡ଼ର ଶିଶୁ ବିଭାଗ ଡାକ୍ତରଙ୍କୁ




ରଖାଯିବା ପରିବର୍ତ୍ତେ ଜଣେ ମେଡିସିନ ବିଭାଗର ଡାକ୍ତରଙ୍କୁ ନିୟୋଜିତ କରାଯାଇଥିବାରୁ ସଠିକ ଭିନ୍ନକ୍ଷମ ମୂଲ୍ୟାୟନ କରିବାରେ ଅସୁବିଧା ହେଉଛି। ଅନ୍ୟପକ୍ଷରେ ନିରୋଲୋଜି ବିଭାଗର ଡାକ୍ତର ନଥିବାରୁ ସମସ୍ୟା ଦିଗୁଣିତ ହୋଇଯାଉଛି। ବର୍ତ୍ତମାନ ସୁଧା ୭ ଶହରୁ ଉର୍ଦ୍ଧ୍ୱ ଆବେଦନକାରୀ ପ୍ରମାଣପତ୍ର ପାଇବା ପାଇଁ ଅପେକ୍ଷାରତ ଅଛନ୍ତି। ଦୀର୍ଘବର୍ଷ ହେବ ଭିନ୍ନକ୍ଷମ ପ୍ରମାଣପତ୍ର ନମିଳିବା ସମ୍ପର୍କରେ ଅଭିଯୋଗ ହେବାପରେ ଅତ୍ୟଧିକ ଜଟିଳ ଅବସ୍ଥାରେ ଚିକିତ୍ସିତ ହେଉଥିବା କେତେକ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ସୁପାରିଶ କରାଯାଉଛି। ଯେହେତୁ ତାଙ୍କ ଦ୍ୱାରା ସଠିକ ଭିନ୍ନକ୍ଷମ ପ୍ରମାଣପତ୍ର ମୂଲ୍ୟାୟନ ଆଦୌ ସମ୍ଭବ ନୁହେଁ । ତାଙ୍କ ଯୋଗ୍ୟତା ଏବଂ ଅଭିଜ୍ଞତା ନାହିଁ । ସେହିପରି ମେଡ଼ିସିନ ବିଭାଗର ଡାକ୍ତର ସିଂହ୍ରର୍ସ ଦାସ, କାନ, ନାକ, ଗଳା,ବିଭାଗର ଡାକ୍ତର ଶ୍ରୀମହୀନ୍ ରାଉତ, ମାନସିକ, ବିକୃତ, ବିଭାଗର ଡାକ୍ତର ମନୋଜ କୁମାର ପରିଡ଼ା, ଅସ୍ଥିଶଲ୍ୟ ଅର୍ଥପେଡ଼ିକି, ବିଭାଗର ଡାକ୍ତର ସତ୍ୟରଞ୍ଜନ ଭୂଇଁୟା ଏହି ସବୁବିଭାଗର ଡାକ୍ତର ମେଡ଼ିକାଲ ବୋର୍ଡରେ ରଖାଯାଇଛି । ମେଡ଼ିକାଲ ବୋର୍ଡ ପକ୍ଷରୁ ସପ୍ତାହକୁ ଥରେ ପ୍ରତ୍ୟେକ ସୋମବାରଦିନ ଜିଲ୍ଲା ମୁଖ୍ୟ ମେଡ଼ିକାଲରେ ବୋର୍ଡ ବସେ। ସୋମବାର ଦିନ ଯଦି କୌଣସି ସରକାରୀ ଛୁଟି ପଡ଼ିଲେ ସେଦିନ ମେଡ଼ିକାଲ ବୋର୍ଡ ବସେନାହିଁ। ନିରୀହ ଶିଶୁ, ଯୁବକ ଯୁବତୀମାନେ ପ୍ରମାଣପତ୍ର ନ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ଯାହାଫଳରେ ସେମାନେ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। କେତେକ ବ୍ୟକ୍ତି ଦୀର୍ଘବର୍ଷ ହେବ ଭିନ୍ନକ୍ଷମ ପ୍ରମାଣପତ୍ର ନପାଇବାରୁ ଅଭିଯୋଗ କରିବାପରେ କେତେକ ଭିନ୍ନକ୍ଷମ ଅତ୍ୟଧିକ ଜଟିଳ ଅବସ୍ଥାରେ ଚିକିତ୍ସିତ ହେଉଥିଲେ ମଧ୍ୟ ଭିନ୍ନକ୍ଷମ ପ୍ରମାଣପତ୍ର ସୁପାରିଶ କରାଯାଉଛି । କାହାକୁ 'କ' ବ' ଏପରି ଭାବେ ଭିନ୍ନକ୍ଷମ ମୂଲ୍ୟାୟନ କରୁନଥିବାରୁ ଏହି ସମ୍ବେଦନଶୀଳ ଘଟଣା ଗତ ୨ବର୍ଷ ଧରି ଭିନ୍ନକ୍ଷମମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ନୀରବ ରହିଛନ୍ତି।

ଜଗତସିଂହପୁର ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ଅତ୍ୟନ୍ତ ଅବ୍ୟବସ୍ଥା ଦେଇ ଗତି କରୁଛି । ପୂର୍ବଭଳି ରୋଗୀମାନେ ବୋର୍ଡ ବସିବାଦିନ ସକାଳ ୯ଟାରୁ ୨ଟା ପର୍ଯ୍ୟନ୍ତ ବହୁ ଦୂରଦୁରାନ୍ତରୁ ଆସି ସମସ୍ତ କାଗଜପତ୍ର ଦାଖଲ କରୁଥିଲେ ମଧ୍ୟ ସେମାନଙ୍କୁ ମଧ୍ୟରୁ କେତେକଙ୍କୁ ବିଭିନ୍ନ ଆଳ ଦେଖାଇ ଫେରାଇ ଦେଉଛନ୍ତି । ମୃତ୍ୟୁ ସହ ସଂଗ୍ରାମ କରୁଥିବା ନିରୀହ ଶିଶୁ, ଯୁବକ ଯୁବତୀ ସହ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନର ଅଣଦେଖା ନେଇ ଛାତ୍ର ରାଜ୍ୟସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି ।



### ଅଙ୍ଗନବାଡି କର୍ମୀ ନିଯୁକ୍ତିକୁ ନେଇ ଉତ୍ତେଜନା

## ସିଡିପିଓ ଅଫିସ୍‌ରେ ମହିଳାଙ୍କ ଧାରଣା

**କଣାସ, ୧୧।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଅର୍ନ୍ତଗତ ବଡାସ ଗ୍ରାମପଞ୍ଚାୟତର ତରପଡା ଗ୍ରାମରେ ଥିବା ୧ ଓ ୨ ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀ ନିଯୁକ୍ତି ହୋଇ ନାହାନ୍ତି । ଅଙ୍ଗନବାଡି କର୍ମୀ ନିଯୁକ୍ତିକୁ ନେଇ ଓଡିଶା ଉଚ୍ଚ ନ୍ୟାୟାଳୟରେ ମକଦମା ଚାଲିଛି । କିନ୍ତୁ ପରିତାପର ବିଷୟ ୨ନଂ ଅଙ୍ଗନବାଡି କେନ୍ଦ୍ରରେ କିଛି ଦିନ ହେଲା ଅଙ୍ଗନବାଡି କର୍ମୀ ଭାବେ ମିନାକ୍ଷୀ ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି। ଗ୍ରାମର କୌଣସି ମହିଳା ନଜାଣି ବିନା ବିଜ୍ଞାପନରେ କିପରି ନିଯୁକ୍ତି ଦିଆଗଲା, ତାହାର ପ୍ରତିବାଦରେ ୫୦ରୁ ଉର୍ଦ୍ଧ ମହିଳା ଗତକାଲି ସଂଧ୍ୟାରେ ସିଡିପିଓ ଅଫିସ୍ ଘେରାଉ କରିଥିଲେ । ଯାହାଫଳରେ କି ସିଡିପିଓ ମହିଳାଙ୍କ ମଧ୍ୟରେ ଉତେଜନା ଦେଖାଦେଇଥିଲା । ଉତେଜନା ଦେଖାଦେବାରୁ କଣାସ ଥାନା ଆଇ.ଆଇ.ସି ରାକେଶ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ସହିତ ଆଲୋଚନା କରି ମହିଳାମାନଙ୍କୁ ଗ୍ରାମକୁ ଛାଡିଦେଇଥିଲେ । ଆଜି ପୁନଶ୍ଚ ୨୦ଜଣରୁ ଉର୍ଦ୍ଧ ମହିଳା ନ୍ୟାର୍ଯ୍ୟ ଦାବି କରି ସିଡିପିଓ ଅଫିସ୍‌ରେ ଧାରଣା ଦଇବସିଛନ୍ତି । କିନ୍ତୁ ସିଡିପିଓ କାର୍ଯ୍ୟାଳୟକୁ ଆସିନାହାନ୍ତି। ସିଡିପିଓ ସ୍ମିତା ମହାନ୍ତିଙ୍କୁ ଟେଲିଫୋନ୍ ଯୋଗେ ଯୋଗାଯୋଗ କରିବାରୁ ସେ କହିଲେ ମୁଁ କିଛି ନିଯୁକ୍ତି ଦେଇ ନାହିଁ ଉପଜିଲ୍ଲାପାଳ ନିଯୁକ୍ତି ଦେଇଛନ୍ତି । ଉପଜିଲ୍ଲାପାଳ ଗୋପିନାଥ କଅଁରଙ୍କୁ ପଚାରିବାରୁ ସେକହିଲେ କୋର୍ଟ ନିର୍ଦ୍ଦେଶ ଦେବାରୁ ମୁଁ ନିଯୁକ୍ତି ଦେଇଛି । କିନ୍ତୁ ବିନା ବିଜ୍ଞାପନ କିପରି ନିଯୁକ୍ତି ଦେଲେ ପଚାରିବାରୁ ଉପଜିଲ୍ଲାପଳ ଶ୍ରୀକଅଁର କୁହନ୍ତି ୨୦୧୯ ମସିହାରେ ବିଜ୍ଞାପନ ପ୍ରକାଶ ପାଇଥିଲା । ସେହି ଅନୁଯାୟୀ ମୁଁ ନିଯୁକ୍ତି ଦେଇଛି । ଦୁଃଖର ବିଷୟ କୋର୍ଟ ନିର୍ଦ୍ଦେଶ ପରେ କିପରି ଉପଜିଲ୍ଲାପାଳ ବିନାବିଜ୍ଞାପନରେ ନିଯୁକ୍ତି ଦେଇ ତରପଡା ଗାଁରେ ଉତେଜନା ସୃଷ୍ଟିକରିଛନ୍ତି । ଜନସାଧାରଣରେ ଆଲୋଚନାର ବିଷୟବସ୍ତୁ ହୋଇଛି । ଯାହା ଦ୍ୱାର କି ଗ୍ରାମର ମହିଳାମାନେ ଦୁଇ ଦିନ ହେଲା ସିଡିପିଓ ଅର୍ଫିସ୍‌ରେ ଧାରଣାରେ ବସିରହିଛନ୍ତି ।

## ଘରେ ପଶି ବ୍ୟବସାୟୀଙ୍କୁ ଆକ୍ରମଣ

**ବ୍ରହ୍ମପୁର, ୧୧।୯ (ସଂଚାର ବ୍ୟୁରୋ):** ବଡ ବଜାର ଥାନା ଅନ୍ତର୍ଗତ ଗୌଡ଼ ସାହିରେ ଏକ ଅଘଟଣା ଘଟିଛି । ବ୍ୟବସାୟୀ କେ ସତୀଶ କୁମାର ସୁବୁଦ୍ଧିଙ୍କ ଉପରେ ଆକ୍ରମଣ ହୋଇଛି । ଆଜି ସକାଳୁ ଏହି ଘଟଣା ଘଟିଛି । ସେ ରହୁଥିବା ଘରର ଛାତ ଉପର ଗ୍ରୀଲ ତାଡି ଦୁର୍ବୃତ୍ତ ଜଣକ ଘର ଭିତରେ ପ୍ରବେଶ କରିଥିଲା । ସତୀଶ ସୋଇଥିବା ଅବସ୍ଥାରେ ତାଙ୍କ ଉପରେ ରକ୍ତାତ ଆକ୍ରମଣ ହୋଇଛି । ସେ ତାଙ୍କୁ ଚିହ୍ନି ନଥିବା କହିଛନ୍ତି । ଘରେ ତାଙ୍କ ସ୍ତ୍ରୀ ଓ ଦୁଇ ଛୁଆ ଥିଲେ । ଗହଳ ଚହଳ ପରେ ଦୁର୍ବୃତ୍ତ ଚମ୍ପଟ ମାରିଛି । ପରେ ଆହତ ସତୀଶଙ୍କୁ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପୂର୍ବ ଶତ୍ରୁତା ଦିଗରେ ସତୀଶ କୌଣସି ସୂଚନା ଦେଇନାହାନ୍ତି । ପୋଲିସ୍ ସବୁ ଦିଗରୁ ତଦନ୍ତ ଜାରି ରଖିଛି ।

## ରାଧାବଲ୍ଲଭ ସାହି ଗଣେଶ ମଣ୍ଡପରେ ନୃତ୍ୟ ପ୍ରତିଯୋଗିତା

**ଖୋରଧା, ୧୧।୯ (ସଂଚାର ବ୍ୟୁରୋ):** ଖୋରଧା ସହର ବା ପ୍ରାଚୀନ ଜଜାରସିଂହ ମୌଜାରେ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରାୟ ୪୦୦ବର୍ଷର ଏକ ମାତ୍ର ମନ୍ଦିର ରାଧାବଲ୍ଲଭଜୀଉଙ୍କ ପୀଠ ସନ୍ନିକଟ ସାହି ଏକ ଐତିହ୍ୟ ସମ୍ପନ୍ନ ଅଞ୍ଚଳ ଭାବେ ସୁପରିଚିତ। ଖୋରଧା କଚେରୀ ଓ ପୁରୁଣା ଥାନା ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ ଏହି ସାହିରେ ୪ଜଣ ସ୍ୱାଧୀନତା ସଂଗ୍ରାମୀ, ରଣପୁର ଓ ଖଣ୍ଡପଡ଼ା ଗଡ଼ଜାତର ଦୁଇ ଦେୱାନ୍ ତଥା କଲେକ୍ଟର, ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସୈନିକମାନଙ୍କୁ ଚିକିତ୍ସା କରୁଥିବା ଡ଼ାକ୍ତର, ଇଞ୍ଜିନିୟର, ରେଭେନ୍ସା କଲେଜର ପ୍ରଫେସର, ନାଟ୍ୟକାର,ଗୀତିକାର ତଥା ସ୍ୱାଧୀନୋତ୍ତର କାଳରେ ବହୁବାର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଚଳଚିତ୍ର ନିର୍ଦ୍ଦେଶକ, ଫଟୋଗ୍ରାଫର୍, ସ୍ୱାଧିନୋତ୍ତର କାଳରେ ଆଇ.ଏ.ଏସ୍, ଜାତୀୟ ସ୍ତରରେ ପ୍ରସିଦ୍ଧ ଲାଭ କରିଥିବା ନୃତ୍ୟ ଗୁରୁ, କ୍ରୀଡ଼ାବିତ୍, କଳାକାର,



ଉଚ୍ଚ ଶିକ୍ଷା ବିଭାଗର ଉପନିର୍ଦ୍ଦେଶକ, ପ୍ରଥମ ମାର୍କେଟ, ବିଦ୍ୟାଳୟ, ମନ୍ଦିର, ମସ୍‌ଜିଦ୍ ଯୋଗୁଁ ଏହା ଏକ ସଂସ୍କୃତି ସମ୍ପନ୍ନ ସାହି ଭାବରେ ସୁପରିଚିତ । ଗଜାନନ ପୂଜା କମିଟି ଆନୁକୂଲ୍ୟରେ ଶିଶୁ କଳାମାନଙ୍କର ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ସ୍ମୃତିପ୍ରଭା ବେହେରା ପ୍ରଥମ, ଶୁଭଶ୍ରୀ ସ୍ୱାଇଁ ଦ୍ୱିତୀୟ, ରଶ୍ମିତା ସୁବୁଦ୍ଧି ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । କମିଟିର ସଭାପତି କୁନାଲ୍ ବାରିକ, ଉପସଭାପତି କେଦାର ନାୟକ, ସମ୍ପାଦକ ଦିଲ୍ଲୀପ ଅଗ୍ରୱାଲା, ପ୍ରଭୃତିଙ୍କ ଦ୍ୱାରା ଆୟୋଜିତ ସଭାରେ ୫୩ବର୍ଷ ତଳେ ଛାତ୍ରାବସ୍ଥାରେ ପୂଜା ଆରମ୍ଭ କରିଥିବା ଗୋପାଳକୃଷ୍ଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଦଳିତ ଯୁବତୀଙ୍କୁ ବିବାହ ପ୍ରଲୋଭନରେ ଗଣଦୁଷ୍କର୍ମ ଓ ହତ୍ୟା

**କେନ୍ଦ୍ରାପଡା, ୧୧।୯ (ସଂଚାର ବ୍ୟୁରୋ):** ଦଳିତ ଯୁବତୀଙ୍କୁ ପ୍ରେମ କରି ଫସାଇ ଅପହରଣ ପରେ ନୋଟାରୀ ବିବାହ କରାଯାଇଥିଲା। ମାତ୍ର ଜାତିଗତ ବିଭେଦତା ପାଇଁ ପରିବାର ଲୋକ ଗ୍ରହଣ କରିନଥିଲେ । ପରେ ଯୁବତୀଙ୍କୁ ପ୍ରେମିକର ସାଥୀ ଓ ଭାଇ ମିଶି ଗଣ ଦୁର୍ଷ୍କମ କରି ମାରିଦେଇଛନ୍ତି ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି । ଏପରି ଏକ ଘଟଣା କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଥାନା ଓଲ୍ତି ଗ୍ରାମରେ ଘଟି ଯାଇଛି ।




ଘଟଣାର ପ୍ରକାଶ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଧିନ ଦେଉଳି ଗ୍ରାମର ବିଲୋଦ ମଲ୍ଲିକଙ୍କ ଝିଅ ରଶ୍ମିତା ମଲ୍ଲିକ ବିଏସି ନରସିଙ୍ଗ ପରେ ସେହି ଅଞ୍ଚଳରେ ଏକ ଫାଥୋଲ୍ୟାବରେ କାମ କରୁଥିଲା । ଡେରାବିଶ ଥାନା ଓଲ୍ତି ଗ୍ରାମର ରାଜ କିଶୋର ବେହେରାଙ୍କ ପୁଅ ଶମ୍ଭୁନାଥ ବେହେରା ତାକୁ ପ୍ରେମ ଜାଲରେ ଫସାଇ ଥିଲେ। ଗତ ଜୁନ୍ ମାସ୧୪ ତାରିଖ ପ୍ରଥମ ରଜ ଦିନ ରଶ୍ମିତାକୁ ଧର୍ମଶାଳା ଅଞ୍ଚଳରୁ ଅପହରଣ କରିଆଣି ଜୋର ଜବରଦସ୍ତ ଶାରିରୀକ ସମ୍ପର୍କ ରଖିବା ସହ ନୋଟାରୀରେ ଜାଲିଆତି କରି ବିବାହ କରିଥିଲା । ମାତ୍ର ରଶ୍ମିତା ଭିନ୍ନ ଜାତି ଦଳିତ ସମ୍ପ୍ରଦାୟର ହୋଇଥିବାରୁ ଉଭୟଙ୍କୁ ରାଜ କିଶୋର ବେହେରା ଓ ତାର ବାଡ ପୁଅ ଭ୍ରମରବର ବେହେରା ୩ ପୁଅ, ଝିଅ, ବୋହୁ ଓ ସ୍ତ୍ରୀ ମିଶି ମାରଧର କରି ଘରେ ପୁରାଇ ଦେଇନଥିଲେ । ଉଭୟ ସେହି କୁମ୍ଭାର ସାହିରେ ଘରଭଡା ନେଇ ସାନ ଭାଇ ବାବୁ ବେହେରା ସହ ରହୁଥିଲେ । ଏହାର ସୁଯୋଗ ନେଇ ବାବୁ ବେହେରା ମଧ୍ୟ ଶାରିରୀକ ସମ୍ପର୍କ ରଖିବାକୁ ବାଧ୍ୟକରି ମାଡ ମାରେ। ପୁଅ ଘର ପରିବାର ଲୋକ ଧମକ ଦେଇ ୨ଲକ୍ଷ ଟଙ୍କା ଆଣିଲେ ତୁମେ ଦୁଇଜଣ ଘରଭଡା ଦେଇ ସେଇଠି ରହିବ ନହେଲେ ତତେ ବିଦା କରିବୁ କିମ୍ବା ମାରିଦେବୁ ବୋଲି ହତ୍ୟା ଧମକ ସହ ଭୟଭିତ କରାଇ ମାନସିକ ଓ ଶାରୀରିକ ଆଘାତ ଦେଉଥିଲେ। ଯାହାକି ଅଗଷ୍ଟ ୮ ତାରିଖରେ ରଶ୍ମିତା ଠାରୁ ନିର୍ଯ୍ୟାତନାର ଖବର ପାଇ ବିନୋଦର ବୋହୁ ଓ ସାନ ଝିଅ ବୁଝାସୁଝା କରିବାକୁ ଯାଇଥିବା ବେଳେ ତାଙ୍କୁ ମଧ୍ୟ ନିର୍ଯ୍ୟାତନା ଦେଇଥିଲେ ଓ ଏ ସମସ୍ତ କଥା

**ଅଭିଯୋଗ ଆଣିଲେ ପରିବାର, ସ୍ୱାମୀ ଗିରଫ**

**ସମସ୍ତ ଆସାମିଙ୍କୁ ଗିରଫ ପାଇଁ ୟୁନାଇଟେଡ ଫୋରମର ଦାବି**

ରଶ୍ମିତା କହିଥିଲା । ଗତକାଲି ଅପରାହ୍ନ ୮ଟା ୪୩ ମିନିଟ୍‌ରେ ଶମ୍ଭୁନାଥ ରଶ୍ମିତା ମରିଯାଇଛି ବୋଲି ଫୋନ୍ କରି କହିଥିଲା । ମାତ୍ର ରଶ୍ମିତାର ଶରୀରରେ, ମୁହଁରେ ବହୁ କ୍ଷତ ଓ ରକ୍ତ ଶ୍ରାବ ହୋଇଥିବାରୁ ଏହା ଏକ ଗଣ ଦୁଷ୍କର୍ମ ଓ ହତ୍ୟା ବୋଲି ରଶ୍ମିତାର ବାପା ବିନୋଦ ମଲ୍ଲିକ ଓ ଭଉଣୀ ସଶ୍ମିତା ମଲ୍ଲିକ ଅଭିଯୋଗରେ ଦର୍ଶାଇଛନ୍ତି । ଏନେଇ ଡେରାବିଶ ଥାନାରେ ଏତଲା ଦେବାପରେ ଶମ୍ଭୁନାଥ କୁ ପୁଲିସ ଅଟକ ରଖିବା ପରେ ଗିରଫ କରିଛି । କଟକର ସାଇଣ୍ଟିଫିକ ଟିମ୍ ତଦନ୍ତ କରିଥିବା ବେଳେ ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ ତଦନ୍ତ କରି ଶବ ବ୍ୟବଛେଦ କରିଛନ୍ତି । ଦଳିତ ସଙ୍ଗଠନ ମୂଳ ନିବାସୀ ୟୁନାଇଟେଡ ଫୋରମ୍ ତରଫରୁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ସହ ସମସ୍ତ ୧୦ ଜଣ ଆସାମୀଙ୍କୁ ତୁରନ୍ତ ଗିରଫ ଓ ବିନୋଦ ପରିବାରକୁ ସହାୟତା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି ।

## ଭିତରକନିକାରେ ଆରମ୍ଭ ହେଲା ଦେଶୀୟ ପକ୍ଷୀଙ୍କ ଗଣନା



**ରାଜନଗର, ୧୧।୯ (ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଭିଡ ଜମାଇଥିବା ଦେଶୀୟ ପକ୍ଷୀଙ୍କ ଗଣନା ୯ ତାରିଖ ଠାରୁ ଆରମ୍ଭ ହୋଇଛି । ଭିତରକନିକା ଜାତୀୟ ଉଦ୍ୟାନର ମଠଆଡିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ଓ ଭିତରକନିକା ଜାତୀୟ ଉଦ୍ୟାନ ବାହାରେ ଥିବା ବାଲିଡିଆରେ ଦେଶୀୟ ପକ୍ଷୀଙ୍କ ଗଣନା କରାଯାଉଛି । ସୋମବାର ପ୍ରଥମ ଦିନରେ ମଠଆଡିଆରୁ ପକ୍ଷୀଙ୍କ ଗଣନା ଆରମ୍ଭ ହୋଇଛି । ଆଜି ରାଜନଗର ରେଂଜ ଅନ୍ତର୍ଗତ ବାଲିଡିଆ ଠାରେ ଦେଶୀୟ ପକ୍ଷୀଙ୍କ ଗଣନା କାର୍ଯ୍ୟ ଆରମ୍ଭ ହୋଇଛି । ଏହା ୨ଦିନ ଧରି ଚାଲିବ । ଗଣନାରେ ସାମିଲ ଥିବା କର୍ମଚାରୀମାନଙ୍କୁ କିପରି ଗଣନା କରାଯିବ, ସେ ନେଇ ପ୍ରଶିକ୍ଷଣ ଦିଆଯାଇଛି । ଗୋଟିଏ ଗ୍ରୁପରେ ୫ଜଣ ଅଭିଜ୍ଞ ବନକର୍ମଚାରୀମାନେ ବାଲିଡିଆ ଠାରେ ପକ୍ଷୀଙ୍କ ଗଣନା ଆରମ୍ଭ କରିଛନ୍ତି । ଦେଶରେ ମୌସୁମୀ ବାୟୁ ସକ୍ରିୟ ହେବା ପରେ ଠାରୁ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଭିଡ ଜମିଛି । ଭିତରକନିକାର ମଠଆଡିଆ, ଦୁର୍ଗାପ୍ରସାଦଡିଆ ଓ ଲକ୍ଷ୍ମୀପ୍ରସାଦଡିଆ ସମେତ ବାଲିଡିଆ ଠାରେ ଦେଶୀୟ ପକ୍ଷୀ ଭିଡ ଜମାଇବା ସହ ବସାକରି ଅଣ୍ଡା ଦେଇଛନ୍ତି । ଗଣନାକାରୀ ଟିମ୍ କେତୋଟି ଗଛରେ, କେତୋଟି ବସାରେ ଓ କେତେ ବଡପକ୍ଷୀ ଓ କେତେ ପକ୍ଷୀ ଶାବକ ସେ ନେଇ ଟିକିନିକି ଭାବେ ଗଣନା କରୁଛନ୍ତି । ଏହି ଗଣନା କାର୍ଯ୍ୟରେ ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟଗାର୍ଡ ଗୀତାଞ୍ଜଳି ସାହୁ, ସଂଗୀତା ସ୍ୱାଇଁ, ମନୋରଂଜନ ସାହୁ, ଚନ୍ଦନ ମଲିକ, ପ୍ରଭାତ କୁମାର ଯତି, ମନୋଜ ପାଢ଼ୀ, କଳାକାର ବେହେରା ପ୍ରମୁଖ ସାମିଲ ହୋଇଛନ୍ତି।

## ଗଣେଶଙ୍କୁ ଲାଗି ହେଲା ଏକ ଲକ୍ଷ ଲଡୁ ଏବଂ ଦୁବ

**ଭେଡେନ, ୧୧।୯ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ରେମଣ୍ଡା ସ୍ଥିତ ଯୁବ ଜ୍ୟୋତି ପାଠାଗାର, ଗଣେଷ ପୂଜା କମିଟୀରେ ଆଜି (ବୁଧବାର) ଦିନ ଶ୍ରୀ ଶ୍ରୀ ବିଘ୍ନହର୍ତ୍ତା ବାବା ଗଣେଶଙ୍କ ଠାରେ ଏକ ଲକ୍ଷ ଲଡୁ ଭୋଗ ଅର୍ପଣ କରାଗଲା । ଗ୍ରାମର ଶତାଧିକ ମହିଳା ଆଜି ଅପରାହ୍ନରେ ଏକ ବିରାଟ ଶୋଭଯାତ୍ରାରେ ଏକ ଲକ୍ଷ ଲଡୁ ନେଇ ଗ୍ରାମ ପରିକ୍ରମା କରି ଗଣେଶଙ୍କ ଠାରେ ଅର୍ପଣ କରିଥିଲେ । ଏହା ପୂର୍ବରୁ ପ୍ରଭୁଙ୍କ ଠାରେ ଏକ ଲକ୍ଷ ଦୁବ ଅର୍ପଣ କରାଯାଇଛି ।



## ସାମ୍ବାଦିକ ନିରଞ୍ଜନ ନାୟକଙ୍କ ବିୟୋଗରେ ଶୋକ

**ଆନନ୍ଦପୁର, ୧୧।୯ (ସଂଚାର ବ୍ୟୁରୋ):** ବରିଷ୍ଠ ସାମ୍ବାଦିକ ତଥା କେନ୍ଦୁଝର ଜିଲ୍ଲା ପ୍ରେସ୍‌କ୍ଲବ ସଭାପତି, କେନ୍ଦୁଝର ଟାଇମ୍ସର ପ୍ରତିଷ୍ଠାତା ନିରଞ୍ଜନ ନାୟକ (୬୨)ଙ୍କର ୧୦ତାରିଖ ମଙ୍ଗଳବାର ଦିନକେନ୍ଦୁଝରସ୍ଥିତ ବାସଭବନରେ ବିୟୋଗ ହୋଇଥିବାର ଜଣାଯାଇଛି। ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ପଢ଼ିଆରିପଲ୍ଲୀ ଗ୍ରାମର ବାସିନ୍ଦା ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ନାୟକ ଦୀର୍ଘବର୍ଷ ଧରି କେନ୍ଦୁଝର ଟାଇମ୍ସ ନାମକ ଏକ ସମ୍ବାଦପତ୍ରର ସମ୍ପାଦକ ଦାୟିତ୍ୱ ନିର୍ବାହ କରୁଥିବାବେଳେ ସେ ଜଣେ ଉଚ୍ଚ କୋଟୀର ସାହିତ୍ୟିକ ଥିଲେ। କିଛିଦିନ ଧରି କ୍ୟାନ୍ସର ରୋଗରେ ପିଡ଼ିତ ହୋଇ କେନ୍ଦୁଝରସ୍ଥିତ ବାସଭବନରେ ରହିଥିବା ବେଳେ ମଙ୍ଗଳବାର ଦିନ ତାଙ୍କର ପରଲୋକ ଘଟିଥିଲା। ତାଙ୍କର ଏହି ବିୟୋଗ ନେଇ ଆନନ୍ଦପୁର ପ୍ରେସ୍ ପରିଷଦ ସଭାପତି ନିରାକାର ଦଲେଇଙ୍କ ସମେତ ସମସ୍ତ କର୍ମକର୍ତ୍ତା ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଯାଜପୁର ରୋଡ ସ୍କାଏ ଅଟୋମୋବାଇଲର ବଡ଼ କଳାବଜାର !

# ୧୦ ଟଙ୍କାର ଡିଷ୍ଟିଲ ୱାଟରକୁ ନେଉଛି ୨୦୦ ଟଙ୍କା

**ଯାଜପୁର, ୧୧।୯ (ସଂଚାର ବ୍ୟୁରୋ):** ଆପଣ ଯାଜପୁର ରୋଡ ସ୍ଥିତ ସ୍କାଏ ଅଟୋମୋବାଇଲ କୁ ଚାରି ଚକିଆ ଯାନ ସର୍ଭିସିଂ କରିବାକୁ ଯାଉଛନ୍ତି କି? ତାହାଲେ ହୋଇ ଯାଆନ୍ତୁ ସାବଧାନ ! ଆପଣ ବି ହୋଇ ପାରନ୍ତି ଠକାମୀର ଶିକାର ! ଆପଣ ବି ୧୦ ଟଙ୍କାର ଜିନିଷକୁ ୨୦୦ ଟଙ୍କା ଦେଇ କିଣିବାକୁ ବାଧ୍ୟ। ସାଧାରଣ ଗ୍ରାହକଙ୍କୁ ଲୁଟ କରିବାକୁ ମାରୁତି କମ୍ପାନୀ ଏବଂ ଡିଲର ଆପଣେଇଛନ୍ତି ନୂତନ ପନ୍ଥା। ଗାଡ଼ିରେ ବ୍ୟବହୃତ ହେଉଥିବା ଡିଷ୍ଟିଲ ଜଳକୁ ଲିଟର ପିଛା ୨୦୦ ଟଙ୍କା ନେଇ ଅଡୁଆରେ ଛନ୍ଦି ହୋଇ ପଡିଛନ୍ତି ଯାଜପୁର ରୋଡ ସ୍କାଏ ଅଟୋ ମୋବାଇଲ।

ରାଜ୍ୟରେ କଳାବଜାରୀକୁ ରୋକିବାରେ ସରକାର ବିଫଳ। କେଉଁଠି କେଉଁଠି ନକଲି ସସ କାରଖାନା ଠାବ ହେଲାଣି ତ ଆଉ କେଉଁଠି ନକଲି ଜର୍ଦା ଏବଂ କୋଲଡ୍ରିଂକ୍ସ କାରଖାନା ଠାବ ହେଲାଣି। ସେହିପରି ନକଲି ପାଣି ସହ ମାଳ ମାଳ ଡିଷ୍ଟିଲ ଜଳ ବି ବିକ୍ରି କରାଗଲାଣି। ଆବଶ୍ୟକ ଠାରୁ ଢେର ଗୁଣା ମୂଲ୍ୟରେ ଜିନିଷର ପରିମାଣ ବୃଦ୍ଧି କରାଯାଇ ଗ୍ରାହକଙ୍କୁ ଲୁଟୁ ଥିବାର ଚିତ୍ର ଅନେକ ସମୟରେ ସାମ୍ନା କୁ ଆସୁଥିବା ବେଳେ ଦାଇତ୍ୱରେ ଥିବା ଅଧିକାରୀ ଏବଂ ବ୍ୟବସାୟୀ ମାନଙ୍କ ମଧୁଚନ୍ଦ୍ରିକାରେ କଳାବଜାରୀ ଦୈନିକ ବଢି ବଢି ଚାଲିଛି।

ପ୍ରସଙ୍ଗ କ୍ରମେ ଯାଜପୁର ରୋଡ ସ୍ଥିତ ସ୍କାଏ ଅଟୋମୋବାଇଲ ସାଧାରଣ ଗ୍ରାହକ ଙ୍କୁ ଲୁଟିବାରେ ଓସ୍ତାଦ। ବାହାର ବଜାରରେ ଯେଉଁଠି ଡିଷ୍ଟିଲ ଜଳର ଦାମ ଲିଟର ପିଛା ୮ରୁ ୧୦ ଟଙ୍କା ରହିଥିବା ବେଳେ ଏହି ଶୋ ରୁମରେ କିନ୍ତୁ ଲିଟର ପିଛା ୨୦୦ ଟଙ୍କା ବିକ୍ରି କରାଯାଉଛି। ଯାହାକି ଖାଉଟି ନିୟମ ପରିସର ବାହାରେ। ଡିଷ୍ଟିଲ ଜଳ ଲେଖା ଥିବା ବଟଲରେ ଟଙ୍କାର ପରିମାଣ ୨୦୦ ଲେଖାଥିବା ବେଳେ "ଅଟୋ ଆକୁଆ" କମ୍ପାନୀର ନାମ ଲେଖା ଯାଇଛି।




**କଳାବଜାରି କରି ପାଣିରୁ ମାଲାମାଲ କମ୍ପାନୀ ଓ ଡିଲର**

**କିଣା ପାଣିରେ ଷ୍ଟିକର ଛାପି ୨୦୦ ଆଦାୟ**

**ଖାଉଟି ଅଦାଲତର ଦ୍ୱାରସ୍ଥ ହେବେ ସାମ୍ବାଦିକ**

ଯାହାକି ସେ କମ୍ପାନୀର କୌଣସି ଅନଲାଇନ ସାଇଟ କିମ୍ବା ପଞ୍ଜିକରଣ ନମ୍ବର ବି ନାହିଁ। ଏପରିକି କେଉଁ ଜାଗାରେ ଏହାର କମ୍ପାନୀ ତାହା ମଧ୍ୟ ଜଣା ପଡୁ ନଥିବା ବେଳେ ବୋତଲ ରେ ଥିବା ଡିଷ୍ଟିଲ ଜଳ ଉପରେ ସନ୍ଦେହ ସୃଷ୍ଟି ହେଉଛି। ସାଧାରଣ କଥାଟିଏ କହିବାକୁ ଗଲେ, ଯେଉଁଠି ସାରା ଦେଶରେ ଡିଷ୍ଟିଲ ଜଳର ଦାମ ଲିଟର ପିଛା ୮ରୁ ୧୦ ଅତି ବେଶୀରେ ୨୦ଟଙ୍କା ଥିବା ବେଳେ ସ୍କାଏ ଅଟୋ ମୋବାଇଲ ରେ ଏହାର ଦାମ ୨୦୦ ଟଙ୍କା କିପରି ରହିଛି ତାକୁ ନେଇ ଗ୍ରାହକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୬ ତାରିଖ ଦିନ ଗାଡି ସର୍ଭିସିଂ କରିବା ଲାଗି ଜିଲ୍ଲାର ଦୁଇ ଜଣ ସାମ୍ବାଦିକ ଯାଜପୁର ରୋଡ ସ୍ଥିତ ଜହ୍ନଆ ଛକ ବେଣାପୁର ଠାରେ ଥିବା ସ୍କାଏ ଅଟୋ ମୋବାଇଲରେ ସକାଳ ସମୟରେ ଗାଡି ଏଣ୍ଟ୍ରି କରିଥିଲେ। ଗୋଟିଏ ଅଲ୍ଟୋ ଏବଂ ଆର ଗାଡିଟି ମାରୁତି ଡିଜାୟାର କୁ ସର୍ଭିସିଂ କରିବା ପରେ ଅନ ଲାଇନ ବିଲ୍‌ରୁ ଜଣା ପଡିଥିଲା ଯେ ଡିଷ୍ଟିଲ ଜଳର ଦାମ ଏକ ଲିଟରକୁ ୨୦୦ଟଙ୍କା। ଏ ନେଇ ଦାୟିତ୍ୱରେ ଥିବା ଜାନକୀ କାନ୍ତ ସ୍ୱାଇଁଙ୍କୁ ଏସବୁ ବିଷୟରେ ପଚାରିବାରୁ ସେ କହିଥିଲେ କି, ଏଇ ମାସ ୧ତାରିଖ ଠାରୁ ୨୦୦ ଟଙ୍କା ରେଟ ବଢ଼ିଛି। ଆମକୁ ଉପରୁ ନିୟମ ହୋଇଛି ଆମେ ୨୦୦ଟଙ୍କା ବିକ୍ରି କରିବୁ କହି ଅଚାନକ ଶୋ ରୁମ ରୁ କୁଆଡେ ଗାଏବ ହୋଇ ପଳାଇ ଥିଲେ। ଏପରିକି ହେଡ ଅଫିସରେ ଏ ଘଟଣା ସମ୍ପର୍କରେ ଆଲୋଚନା ହେଉଛି ଏବଂ କିପରି ଏହାକୁ ବନ୍ଦ କରି ହେବ ସେ କଥା ଆମକୁ ଫୋନ ଯୋଗେ ଜାନକୀ କାନ୍ତ ସ୍ୱାଇଁ ଜଣାଇଥିଲେ।

ସବୁଠୁ ବଡ କଥା ହେଉଛି କି ମାର୍କେଟ ରେ ଅନ୍ୟ ଅଟୋ ମୋବାଇଲ ଦୋକାନ ଏବଂ ଡିଲର ଙ୍କ ନିକଟରେ ଏହି ଡିଷ୍ଟିଲ ଜଳର ପରିମାଣ ୧୦ଟଙ୍କା ଥିବା ବେଳେ ମାରୁତି ସ୍କାଏ ରେ ୨୦୦ଟଙ୍କା ହେଲା କିପରି ? ସେହିପରି ହୋଣ୍ଡା, ମହେନ୍ଦ୍ରା ଏବଂ ଟାଟା ଭଳି ଅନ୍ୟ ବଡ ବଡ ୱାର୍କ ସପ ରେ ଏହି ଡିଷ୍ଟିଲ ଜଳର ପରିମାଣ ଲିଟର ପିଛା ଅତି ବେଶୀରେ ୧୦ରୁ ୨୦ଟଙ୍କା ଥିବା ବେଳେ ଏଠାରେ କିପରି ୨୦୦ ଟଙ୍କା ରହିଛି ? ଅତଏବ ଏଥିରୁ ସ୍ପଷ୍ଟ ଅନୁମାନ କରି ହେଉଛି ଯେ, ଡିଷ୍ଟିଲ ଜଳ ରେ କଳାବଜାରୀ କରି ଗ୍ରାହକ ମାନଙ୍କୁ ଅଧିକ ରେଟ ପକାଇ ବିକ୍ରି କରାଯାଉଛି।ଯାହାକି ଖାଉଟି ନିୟମ ପରିସର ବାହାରେ।ଯେ କୌଣସି ଦ୍ରବ୍ୟ ବା ଜିନିଷ ତା"ର ତିଆରି ହେଉଥିବା ପରିମାଣ ମୂଲ୍ୟ ଠାରୁ କିଛି ଅଧିକ ଦାମ ରଖି କ୍ରୟ କରିବାକୁ ନିୟମ ଥିବା ବେଳେ ସ୍କାଏ ଅଟୋ ମୋବାଇଲ କାହା ସାହାସ ରେ ବଳିଆନ୍ ତାକୁ ନେଇ ଲକ୍ଷ ଲକ୍ଷ ଗ୍ରାହକଙ୍କ ମନରେ ଅସନ୍ତୋଷ ବାତାବରଣ ଖେଳି ଯାଇଛି।ଏପରି ସ୍ଥିତିରେ ସାମ୍ବାଦିକ ଦୁଇ ଜଣ ଯଥାଶ୍ରିଘ୍ର ଏନେଇ ମାନ୍ୟବର ଲୋକ ଅଦାଲତଙ୍କ ନିକଟରେ ଦ୍ୱାରସ୍ଥ ହେବା ସହ କମ୍ପାନୀ ବିରୁଦ୍ଧରେ ଆଇନଗତ ଲଢେଇ କରିବାକୁ ଅଣ୍ଟା ଭିଡିଛନ୍ତି। ତେବେ ସ୍କାଏ ଅଟୋ ମୋବାଇଲ ର ଏଭଳି କଳାବଜାରୀ କାର୍ଯ୍ୟ କୁ ନେଇ ହଜାର ହଜାର ସଂଖ୍ୟାରେ ଗ୍ରାହକ ଏବେ ଗାଡି ବିକ୍ରି କରିଦେଇ ଅନ୍ୟ କମ୍ପାନୀ ଗାଡିକୁ ଆପଣେଇବାକୁ ଉଦ୍ୟମ କରୁଥିବାର ଆଲୋଚନା ଜୋର ଧରିଛି।

## ଜିଲ୍ଲା ସ୍କୁଲ୍‌ର ଭୂସଂପତ୍ତି ସୁରକ୍ଷା ଦାବିରେ ୧୪ରେ ପରିବର୍ଦ୍ଧିତ ବୈଠକ

**ବାଲେଶ୍ୱର, ୧୧।୯ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାସ୍କୁଲ୍ ଭୂସଂପତ୍ତିର ସୁରକ୍ଷା ପାଇଁ ସିଭିଲ୍ ସୋସାଇଟିର ଏକ ପ୍ରତିନିଧି ଦଳ ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ ସଂପାଦକ ମନୋଜ ନାୟକଙ୍କ ନେତୃତ୍ୱରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁରପ୍ରକାଶଙ୍କୁ ସାକ୍ଷାତ କରି ରାଜସ୍ୱ ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ସହ ଆବଶ୍ୟକୀୟ ଦସ୍ତାବିଜ୍, ରାଜସ୍ୱ ବିଭାଗ ଚିଠି, ଗତ ୨୦୦୨ ମସିହାରେ ତତ୍‌କାଳୀନ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖଙ୍କ ସ୍ୱାକ୍ଷର ସଂବଳିତ ସମସ୍ତ ରାଜିନାମାର ନକଲ ସଂଯୋଗ କରାଯାଇଛି । ବ୍ରିଟିଶ ଶାସନ କାଳରେ ଗତ ୧୮୫୩ ମସିହାରେ ପ୍ରତିଷ୍ଠିତ ବାଲେଶ୍ୱର ଜିଲ୍ଲାସ୍କୁଲ୍ ବର୍ତ୍ତମାନ ଅବସ୍ଥିତ ଥିବା ଜମି ଓ ଛାତ୍ରଛାତ୍ରୀ ବ୍ୟବହାର କରୁଥିବା ଖେଳ



ପଡ଼ିଆର ସଂପତ୍ତି ଅଦ୍ୟାବଧି ସ୍କୁଲ୍ ନାମରେ ନଥିବାରୁ ଏହି ସଂପତ୍ତିକୁ ବେଆଇନ ଭାବେ କେତେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଦଖଲ କରିନେଇଥିବାର ପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । ତୁରନ୍ତ ସ୍କୁଲ୍‌ର ୧୨ ଏକର ୬୧ ଡେସିମିଲ ଓ ଖେଳପଡ଼ିଆର ୪ ଏକର ୭୨ ଡେସିମିଲ୍ ଜମିକୁ ଚିହ୍ନଟ କରି ସ୍କୁଲ୍ ନାମରେ ଆବଶ୍ୟକୀୟ ପଟ୍ଟା ପ୍ରଦାନ ପାଇଁ ପ୍ରତିନିଧିମାନେ ଦାବି କରିଥିଲେ । ଗତ ଅଗଷ୍ଟ ୨୧ ତାରିଖରେ ସିଭିଲ୍ ସୋସାଇଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ର ଉପରେ ଅଗଷ୍ଟ ୨୯ ତାରିଖରେ ପ୍ରଶାସନ ପକ୍ଷରୁ ସ୍କୁଲ୍‌ର ଖେଳ ପଡ଼ିଆ ମାପ କରାଯାଇଥିଲେ ମଧ୍ୟ ଅଦ୍ୟାବଧି ସ୍କୁଲ୍ କର୍ତ୍ତୃପକ୍ଷ କିମ୍ବା ସିଭିଲ୍ ସୋସାଇଟିକୁ ଫଳାଫଳ ଜଣାଇଯାଇନଥିବାର ପ୍ରତିନିଧିମାନେ ଅଭିଯୋଗ କରିଥିଲେ । ଏହି ଐତିହ୍ୟସଂପନ୍ନ ଶିକ୍ଷାନୁଷ୍ଠାନ ଭୂସଂପତ୍ତିର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତେବେ ସିଭିଲ୍ ସୋସାଇଟି, ସ୍କୁଲ୍ ପରିଚାଳନା କମିଟି, ପୁରାତନ ଛାତ୍ର ସଂସଦ ଓ ଅଭିଭାବକମାନେ ମିଳିତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସୋସାଇଟି ପକ୍ଷରୁ କୁହାଯାଇଛି । ଏଥିପାଇଁ ଆସନ୍ତା ୧୪ ତାରିଖ ଶନିବାର ସନ୍ଧ୍ୟାରେ ଏକ ପରିବର୍ଦ୍ଧିତ ବୈଠକ ପାଇଁ ସିଭିଲ୍ ସୋସାଇଟି ପକ୍ଷରୁ ଆହ୍ୱାନ ଦିଆଯାଇଛି ।

# ଆଉଟଲୁକ୍ ଏଗ୍ରି-ଟେକ୍ ସମ୍ମିଟ୍‌ରେ ସୋଆ କୃଷି ମହାବିଦ୍ୟାଳୟ ସମ୍ମାନିତ




**ଭୁବନେଶ୍ୱର,୧୧।୦୯ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)କୁ ଗତ ରବିବାର ଦିନ ନୂଆଦିଲ୍ଲୀ ଠାରେ 'ଆଉଟ୍‌ଲୁକ୍ ଏଗ୍ରି-ଟେକ୍ ସମ୍ମିଟ୍'ରେ ସମ୍ମାନଜନକ 'ଆଉଟଷ୍ଟାଣ୍ଡିଂ ଏଗ୍ରିକଲ୍‌ଚର ଇନ୍‌ଷ୍ଟିଚ୍ୟୁଟ୍ / ୟୁନିଭର୍ସିଟି' ସମ୍ମାନରେ ସମ୍ମାନିତ କରାଯାଇଛି। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଶ୍ରୀ ଦେବେଶ ଚତୁର୍ବେଦୀଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହି ଅବସରରେ ସୋଆ ପ୍ରତିଷ୍ଠାତା ସଭାପତିଙ୍କ ଓଏସ୍‌ଡି ଶ୍ରୀ ପ୍ରୀତମ ନାୟକ ମଧ୍ୟ ଉପସ୍ଥିତ ଥିଲେ। କୃଷି ଶିକ୍ଷା, ଗବେଷଣା ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ କ୍ଷେତ୍ରରେ ଉଚ୍ଚକୋଟୀର ସଫଳତା ନିମନ୍ତେ ଆଇଏଏସ୍‌କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମର ପ୍ରସଙ୍ଗ ଥିଲା 'ଫ୍ୟୁଚର ଅଫ୍ ଫାର୍ମିଙ୍ଗ୍: ସୋଇଙ୍ଗ୍ ସିଡ୍‌ସ ଅଫ୍ ଚେଞ୍ଜ'। ଏହି ଅବସରରେ ପ୍ରଫେସର ରାଉତ କହିଛନ୍ତି ଯେ ଏହି ସମ୍ମାନ କୃଷି ମହାବିଦ୍ୟାଳୟ ପାଇଁ ଏକ ଉଲ୍ଲେଖନୀୟ ମାଇଲଖୁଂଟ। ପୁରସ୍କାର ଗ୍ରହଣ କରିବା ପରେ ବୁଧବାର ପ୍ରଫେସର ରାଉତ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିବା ବେଳେ ଏହି ସମ୍ମାନ ନେଇ ପ୍ରଫେସର ନାୟକ କୃଷି ମହାବିଦ୍ୟାଳୟକୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଆଇଏଏସ୍‌ର ଆସୋସିଏଟ୍ ପ୍ରଫେସର ଡକ୍ଟର ଅଂଶୁମାନ ଜେନା ଓ ଡକ୍ଟର ଶୁଭପ୍ରଦ ଦାଶ ଉପସ୍ଥିତ ଥିଲେ।

# ମତ୍ସ୍ୟ, ପଶୁପାଳନ ଓ ଡାଏରୀ ବିଭାଗର ମୌସୁମୀ ବୈଠକ

**ଭୁବନେଶ୍ୱର,୧୧।୦୯ (ସଂଚାର ବ୍ୟୁରୋ):** ମତ୍ସ୍ୟ, ପଶୁପାଳନ ଏବଂ ଡେୟରୀ ମନ୍ତ୍ରଣାଳୟ ଅଧୀନସ୍ଥ ପଶୁପାଳନ ଏବଂ ଡେୟରୀ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ମୌସୁମୀ ବୈଠକ ଆହୂତ ହୋଇଛି । କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଂଜନ ସିଂ ଓରଫ୍ ଲଲନ ସିଂ ଆସନ୍ତା ୧୩ ତାରିଖ ଶୁକ୍ରବାର ଦିନ ଲୋକସେବା ଭବନ କନ୍‌ଭେନସନ୍ ହଲ୍‌ରେ ଆୟୋଜିତ ଏହି ବୈଠକରେ ଯୋଗଦେବେ । ଏହି ବୈଠକରେ କେନ୍ଦ୍ର ମନ୍ତ୍ରଣାଳୟର ରାଜ୍ୟ ମନ୍ତ୍ରୀ ପ୍ରଫେସର ଏସ୍. ପି. ସିଂ ବାଘେଲ ଏବଂ ମତ୍ସ୍ୟ, ପଶୁପାଳନ ଏବଂ ଡେୟରୀ ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟର ରାଜ୍ୟ ମନ୍ତ୍ରୀ ଶ୍ରୀ ଜର୍ଜ କୁରିଆନ ମଧ୍ୟ ଉପସ୍ଥିତ ରହିବେ । ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଏବଂ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେବେ । ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ । ତୃଣମୂଳସ୍ତରରେ ପ୍ରଭାବୀ କାର୍ଯ୍ୟକ୍ରମ ଗ୍ରହଣପୂର୍ବକ ସଂଯୋଜନ ଢାଞ୍ଚା ସୃଷ୍ଟି କରିବା, ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା ସମେତ ଫଳାଫଳ ଏବଂ ମଧ୍ୟବର୍ତ୍ତୀ ସଂଶୋଧନ ନେଇ ଆଲୋଚନା ସାଙ୍ଗକୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ କାର୍ଯ୍ୟପନ୍ଥା ଆକଳନ ଏହି ମୌସୁମୀ ବୈଠକର ଉଦ୍ଦେଶ୍ୟ । ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ସଂପୃକ୍ତ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ରହିବେ ।

# କୁମାରପୂର୍ଣ୍ଣିମା ରୂପଯାତ୍ରା ପ୍ରସ୍ତୁତି ବୈଠକ




**ଚୌଦ୍ୱାର, ୧୧।୯(ସଂଚାର ବ୍ୟୁରୋ):** ଐତିହାସିକ ଚୌଦ୍ୱାର କୁମାରପୂର୍ଣ୍ଣୀମା ରୂପଯାତ୍ରା ଉପଲକ୍ଷେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଦଶହରା ପୂଜା କମିଟି ପକ୍ଷରୁ ସ୍ଥାନୀୟ ଯାତ୍ରାପଡ଼ିଆ ସ୍ଥିତ ଦଶହରା ପୂଜା କମିଟି ବୈଠକ ଗୃହରେ ଆୟୋଜିତ ବୈଠକରେ ଚୌଦ୍ୱାର ଦଶହରା ପୂଜା କମିଟି ସଭାପତି ସୁବୋଧ କୁମାର ନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ନାରାୟଣ ସ୍ୱାଇଁ ସଭାକାର୍ଯ୍ୟ ପରିଚାଳନା କରି ଆସନ୍ତା ଅକ୍ଟୋବର ମାସ ୧୭ ତାରିଖରୁ କୁମାର ପୂର୍ଣ୍ଣୀମା ଉତ୍ସବ ଆରମ୍ଭ ହୋଇ ୧୮ତାରିଖ ବିରାଟ ଚୌଦ୍ୱାର ପୁସ୍ତକ ଉନ୍ମୋଚନ ସହିତ ସୁଚନା କେନ୍ଦ୍ରର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ। ୧୯ତାରିଖ ଦିନ ବିଭିନ୍ନ ମେଢ ମଣ୍ଡପରୁ ମେଢ଼ଗୁଡିକ ଆସ୍ଥାନ ଛାଡି ମେଲଣ ପଡ଼ିଆରେ ଏକତ୍ରିତ ହେବେ। ୨୦ତାରିଖରେ ଯାତ୍ରା ପଡ଼ିଆରୁ ଛନ୍ଦା ଗ୍ରହଣ କରି କ୍ରମାନ୍ୱୟରେ ବିସର୍ଜନ ଅଭିମୁଖେ ବିରୁପା କୁଳରେ ନିର୍ମାଣ ହୋଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜିତ ହେବେ ବୋଲି ସୁଚନା ପ୍ରଦାନ କରିଥିଲେ।

# ଗ୍ରୀନ୍ ହାଇଡ୍ରୋଜେନ ଉପରେ ଦ୍ୱିତୀୟ ଅନ୍ତର୍ଜାତୀୟ ସମ୍ମିଳନୀ

## ଗ୍ରୀନ୍ ଶକ୍ତି ଉପରେ ପ୍ୟାରିସ୍ ପ୍ରତିଶ୍ରୁତି ପୂରଣ କରିବାରେ ଭାରତ ଜି - ୨୦ ରାଷ୍ଟ୍ରମାନଙ୍କ ମଧ୍ୟରେ ପ୍ରଥମ




**ନୂଆଦିଲ୍ଲୀ,୧୧।୯** ପ୍ରଧାନମନ୍ତ୍ରୀ ଆଜି ଭିଡିଓ ବାର୍ତ୍ତା ମାଧ୍ୟମରେ ଗ୍ରୀନ ହାଇଡ୍ରୋଜେନ ସମ୍ପର୍କିତ ଅନ୍ତର୍ଜାତୀୟ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି । ଗ୍ରୀନ୍ ହାଇଡ୍ରୋଜେନ୍ ଉପରେ ଦ୍ୱିତୀୟ ଆନ୍ତର୍ଜାତିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ସମସ୍ତ ବିଶିଷ୍ଟ ବ୍ୟକ୍ତିଙ୍କୁ ହାର୍ଦ୍ଦିକ ସ୍ୱାଗତ କରି ତାଙ୍କ ଅଭିଭାଷଣ ଆରମ୍ଭ କରିଥିଲେ ଏବଂ କହିଥିଲେ ଯେ ବିଶ୍ୱ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଇ ଗତି କରୁଛି । ଜଳବାୟୁ ପରିବର୍ତ୍ତନ କେବଳ ଭବିଷ୍ୟତର ବିଷୟ ନୁହେଁ ବରଂ ଏହାର ପ୍ରଭାବ ବର୍ତ୍ତମାନ ଅନୁଭବ କରାଯାଇପାରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । 'ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନର ସମୟ ଆସିଛି' ବୋଲି ଶ୍ରୀ ମୋଦୀ କହିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଶକ୍ତି ପରିବର୍ତ୍ତନ ଏବଂ ଦୀର୍ଘସ୍ଥାୟୀ ବିଶ୍ୱ ନୀତି ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି ।

ଏକ ସ୍ୱଚ୍ଛ ଏବଂ ଗ୍ରୀନ୍ ପୃଥିବୀ ସୃଷ୍ଟି ଦିଗରେ ଦେଶର ପ୍ରତିବଦ୍ଧତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ ଯେ , ଗ୍ରୀନ୍ ଶକ୍ତି ଉପରେ ପ୍ୟାରିସ ପ୍ରତିଶ୍ରୁତି ପୂରଣ କରିବାରେ ଭାରତ ପ୍ରଥମ ଜି - ୨୦ ରାଷ୍ଟ୍ର ମଧ୍ୟରୁ ଅନ୍ୟତମ । ୨୦୩୦ ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟର ୯ ବର୍ଷ ପୂର୍ବରୁ ଏହି ପ୍ରତିଶ୍ରୁତି ପୂରଣ ହୋଇଛି ବୋଲି ସେ କହିଛନ୍ତି । ବିଗତ ୧୦ ବର୍ଷ ମଧ୍ୟରେ ହୋଇଥିବା ଅଗ୍ରଗତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତର ଅଣ - ଜୀବାଶ୍ମ ଇନ୍ଧନ କ୍ଷମତା ପ୍ରାୟ ୩୦୦% ବୃଦ୍ଧି ପାଇଛି ଏବଂ ସୌର ଶକ୍ତି କ୍ଷମତା ୩,୦୦୦% ରୁ ଅଧିକ ବୃଦ୍ଧି ପାଇଛି । ଏହି ସଫଳତା ପାଇବା ପରେ ଆମେ ବିଶ୍ରାମ ନେଉନାହୁଁ ଏବଂ ଦେଶ ବର୍ତ୍ତମାନର ସମାଧାନଗୁଡ଼ିକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଉଛି ଏବଂ ନୂତନ ଏବଂ ଅଭିନବ କ୍ଷେତ୍ର ଉପରେ ମଧ୍ୟ ଦୃଷ୍ଟି ଦେଉଛି ବୋଲି ଶ୍ରୀ ମୋଦୀ କହିଥିଲେ । " ଗ୍ରୀନ୍ ହାଇଡ୍ରୋଜେନ ବିଶ୍ୱର ଶକ୍ତି କ୍ଷେତ୍ରରେ ଏକ ଆଶାଜନକ ସଂଯୋଗ ଭାବରେ ଉଭା ହେଉଛି" ବୋଲି ପ୍ରଧାନମନ୍ତ୍ରୀ କହିବା ସହିତ ଏହା ଉଲ୍ଲେଖ କରିଥିଲେ ଯେ ଏହା ଶିଳ୍ପଗୁଡ଼ିକୁ, ଯାହାକୁ ବିଦ୍ୟୁତୀକରଣ କରିବା କଷ୍ଟକର ଅଟେ ତାହାକୁ ଡିକାର୍ବନାଇଜ୍ କରିବାରେ ସାହାଯ୍ୟ କରିପାରିବ । ସେ ବିଶୋଧନାଗାର, ସାର, ଇସ୍ପାତ, ହେଭି - ଡ୍ୟୁଟି ପରିବହନ ଏବଂ ଅନ୍ୟାନ୍ୟ କ୍ଷେତ୍ରର ଉଦାହରଣ ଦେଇଥିଲେ , ଯାହା ଏହା ଦ୍ୱାରା ଉପକୃତ ହେବ । ଅତିରିକ୍ତ ଅକ୍ଷୟ ଶକ୍ତି ପାଇଁ ଗ୍ରୀନ୍ ହାଇଡ୍ରୋଜେନକୁ ଷ୍ଟୋରେଜ୍ ସମାଧାନ ଭାବରେ ବ୍ୟବହାର କରାଯାଇପାରିବ ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି ।

# ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ମିଳିବ ସ୍ୱତନ୍ତ୍ର ପାଣ୍ଠି



**ଭୁବନେଶ୍ୱର,୧୧।୦୯ (ସଂଚାର ବ୍ୟୁରୋ):** ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ସହଯୋଗରେ ଏକ ସମୀକ୍ଷା ବୈଠକ ରାଜ୍ୟ ଅତିଥି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ମନ୍ତ୍ରୀ ରାମଦାସ ଆଠୱେଲ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନିମନ୍ତେ ସ୍ୱତନ୍ତ୍ର ଯୋଜନା ଓ ପାଣ୍ଠି ନେଇ ଆଲୋଚନା ହୋଇଥିଲା । କେନ୍ଦ୍ର ସରକାରଙ୍କ ଅନୁଦାନରେ ରାଜ୍ୟରେ ୮୬ ଟି ବୃଦ୍ଧାଶ୍ରମ ଏବଂ ରାଜ୍ୟ ସରକାରଙ୍କ ସହଯୋଗରେ ୫ ଟି ବୃଦ୍ଧାଶ୍ରମ ଚାଲୁଥିବା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଏନ୍‌ଜିଓ ପରିଚାଳିତ ବୃଦ୍ଧାଶ୍ରମଗୁଡ଼ିକୁ କେନ୍ଦ୍ର ସରକାର ସିଧାସଳଖ ଅନୁଦାନ ଦେଉଥିବାବେଳେ ରାଜ୍ୟ ସରକାର ୪ଟି ବୃଦ୍ଧାଶ୍ରମକୁ ବାର୍ଷିକ ୧୫ ଲକ୍ଷ ୩୧ ହଜାର ୩୫୦ଟଙ୍କା ଲେଖାଏଁ ପ୍ରଦାନ କରୁଛନ୍ତି । ୨୦୨୩-୨୪ଆର୍ଥିକ ବର୍ଷରେ ୧୬ ଟି ନୂତନ ବୃଦ୍ଧାଶ୍ରମର ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରାଯାଇଛି ଏବଂ ଏଗୁଡ଼ିକ ଅନୁମୋଦନ ଅପେକ୍ଷାରେ ରହିଛି । ସେହିଭଳି ରାଜ୍ୟରେ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ୧୪.୧୮ ଲକ୍ଷ ଏବଂ ରାଜ୍ୟ ମଧୁବାବୁ ପେନ୍‌ସନ୍ ଯୋଜନା ଅଧୀନରେ ପ୍ରାୟ ୧୭ ଲକ୍ଷ ବରିଷ୍ଠ ନାଗରିକ ଉପକୃତ ହେଉଛନ୍ତି । ସମ୍ପ୍ରତି, ରାଜ୍ୟ ସରକାର ୬୦-୭୯ ବର୍ଷ ବୟସ୍କ ହିତାଧିକାରୀଙ୍କ ପେନ୍‌ସନ୍ ରାଶି ୧୦୦୦ ଟଙ୍କାକୁ ଏବଂ ୮୦ ବର୍ଷ କିମ୍ବା ତତୋଧିକ ବର୍ଷର ବ୍ୟକ୍ତିଙ୍କ ପାଇଁ ପେନ୍‌ସନ୍ ରାଶି ୧୨୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ରାଜ୍ୟ ସରକାର ଉଭୟ ବର୍ଗରେ ପେନ୍‌ସନ୍ ରାଶିକୁ ଯଥାକ୍ରମେ ୮୦୦ ଟଙ୍କା ଏବଂ ୭୦୦ ଟଙ୍କା ବୃଦ୍ଧି କରିଛନ୍ତି ।

# ସୁଲଭ ମୂଲ୍ୟରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ବିଶ୍ୱମାନର ଶିକ୍ଷା ଦେବା ଆମର ପ୍ରତିବଦ୍ଧତା



**ଭୁବନେଶ୍ୱର,୧୧।୦୯ (ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ପୃଥକ ଭାବେ ପର୍ଡ୍ୟୁ ବିଶ୍ୱବିଦ୍ୟାଳୟର ସଭାପତି ଡ. ମୁଙ୍ଗ ଚିଆଙ୍ଗ, ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ କିନଡ୍ରିଲର ସିଇଓ ମାର୍ଟିନ ସ୍କୋରିଟର ଏବଂ ଦକ୍ଷତା, ଉଦ୍ୟମିତା ଓ ଗବେଷଣା ଉପରେ କାମ କରୁଥିବା ୱାଧୱାନୀ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ରମେଶ ୱାଧୱାନୀଙ୍କୁ ଭେଟି ଶିକ୍ଷା ଓ ଦକ୍ଷତା ସହ ଜଡ଼ିତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ବୈଠକ କାଳରେ କେନ୍ଦ୍ରମନ୍ତ୍ରୀ ଶିକ୍ଷା ମନ୍ତ୍ରୀ ପର୍ଡ୍ୟୁ ବିଶ୍ୱବିଦ୍ୟାଳୟର ସଭାପତି ଏବଂ ତାଙ୍କ ପ୍ରତିନିଧି ମଣ୍ଡଳୀ ସହ ଉକ୍ତ ବିଶ୍ୱବିଦ୍ୟାଳୟ ସହ ସମ୍ପର୍କକୁ ଆଗକୁ ବଢାଇବା ତଥା ଭାରତ ଓ ଆମେରିକା ମଧ୍ୟରେ ଶିକ୍ଷା ସମ୍ପର୍କକୁ ମଜଭୁତ୍ କରିବା ଉପରେ ଆଲୋଚନା କରିଛନ୍ତି । ସେ କହିଛନ୍ତି, ସୁଲଭ ମୂଲ୍ୟରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ପ୍ରଦାନ କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା ରହିଛି । ଜାତୀୟ ଶିକ୍ଷା ନୀତି ଭାରତ ଓ ବିଦେଶର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରେ ସହଯୋଗ ଓ ସମନ୍ୱୟ ସ୍ଥାପନ ପାଇଁ ନୂଆ ମାର୍ଗ ପ୍ରଶସ୍ତ କରିଛି । ଭାରତର ପ୍ରମୁଖ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ସହ ଏକାଡେମିକ ସହଯୋଗ ସ୍ଥାପନ, ଟ୍ୱିନିଂ, ଜଏଣ୍ଟ ଏବଂ ଡୁଆଲ୍ ଡିଗ୍ରୀ କାର୍ଯ୍ୟକ୍ରମର ବିକାଶ ସହିତ ଭାରତୀୟ ଛାତ୍ରଛାତ୍ରୀଙ୍କୁ ଲମ୍ବା ଅବଧି ପାଇଁ ଇଣ୍ଟର୍ନସିପର ସୁଯୋଗ ସୃଷ୍ଟି କରି ସେମିକଣ୍ଡକ୍ଟରରେ ଗବେଷଣା ଓ ଉଦ୍ଭାବନ କ୍ଷେତ୍ରରେ ଭାଗିଦାରୀ ବୃଦ୍ଧିର ସମ୍ଭାବନା ଉପରେ ଆଲୋଚନା ହୋଇଛି ।

# ସେମିକନ୍ ଇଣ୍ଡିଆ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୧୧।୯:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରପ୍ରଦେଶର ଗ୍ରେଟର ନୋଏଡାସ୍ଥିତ ଇଣ୍ଡିଆ ଏକ୍ସପୋ ମାର୍ଟରେ ସେମିକନ୍ ଇଣ୍ଡିଆ ୨୦୨୪କୁ ଉଦଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀକୁ ଶ୍ରୀ ମୋଦୀ ବୁଲି ଦେଖିଥିଲେ। ସେପ୍ଟେମ୍ବର ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ତିନି ଦିନିଆ ସମ୍ମିଳନୀରେ ଭାରତର ସେମିକଣ୍ଡକ୍ଟର ରଣନୀତି ଏବଂ ନୀତି ପ୍ରଦର୍ଶିତ ହୋଇଛି, ଯେଉଁଥିରେ ଭାରତକୁ ସେମିକଣ୍ଡକ୍ଟର ପାଇଁ ଏକ ବିଶ୍ୱସ୍ତରୀୟ କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି।

ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ 'ସେମି'ର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରି କହିଥିଲେ ଯେ ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ସହ ଜଡିତ ଏକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ଭାରତ ବିଶ୍ୱର ଅଷ୍ଟମ ଦେଶ। ''ଭାରତରେ ଉପସ୍ଥିତ ରହିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ। ଆପଣ ଠିକ୍ ସମୟରେ ସଠିକ୍ ସ୍ଥାନରେ ଅଛନ୍ତି'', ପ୍ରଧାନମନ୍ତ୍ରୀ ମୋଦୀ ଜୋର ଦେଇ କହିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ''ଏକବିଂଶ ଶତାବ୍ଦୀର ଭାରତରେ ଚିପ୍ସ କେବେ ବି ହ୍ରାସ ପାଏ ନାହିଁ। ଆଜିର ଭାରତ ବିଶ୍ୱକୁ ଆଶ୍ୱାସନା ଦେଉଛି, ଯେତେବେଳେ ଚିପ୍ସ ହ୍ରାସ ପାଇବ, ଆପଣ ଭାରତ ଉପରେ ଭରସା କରିପାରିବେ।''

ସେମିକଣ୍ଡକ୍ଟର ଶିଳ୍ପ ଏବଂ ଗୋଟିଏ ପଟକୁ ବିଦ୍ୟୁତ ପ୍ରବାହ କରୁଥିବା ଏକ ଡାୟୋଡ (ବିଦ୍ୟୁତ ପ୍ରବାହୀ ଉପକରଣ) ମଧ୍ୟରେ ରହିଥିବା ସମ୍ପର୍କ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଭାରତର ସେମିକଣ୍ଡକ୍ଟର ଶିଳ୍ପରେ ସ୍ୱତନ୍ତ୍ର ଡାୟୋଡ ରହିଛି ଯେଉଁଠାରେ ଶକ୍ତି ଉଭୟ ଦିଗରେ ପ୍ରବାହିତ ହୁଏ। ସେ ଏ ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ ଯେ ଶିଳ୍ପଗୁଡ଼ିକ ନିବେଶ ମାଧ୍ୟମରେ ମୂଲ୍ୟ ସୃଷ୍ଟି କରୁଥିବା ବେଳେ ଅନ୍ୟପଟେ ସରକାର ସ୍ଥିର ନୀତି ଏବଂ ବ୍ୟବସାୟିକ ସୁଗମତା ପ୍ରଦାନ କରନ୍ତି। ସେମିକଣ୍ଡକ୍ଟର ଶିଳ୍ପରେ ବ୍ୟବହୃତ ଏକ ସମନ୍ୱିତ ସର୍କିଟ ସହିତ ସମାନତା ହାସଲ କରି ଭାରତ ଏକ ସମନ୍ୱିତ ଇକୋସିଷ୍ଟମ ପ୍ରଦାନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ଏବଂ ଭାରତର ଡିଜାଇନରଙ୍କ ବହୁଚର୍ଚ୍ଚିତ ପ୍ରତିଭା ଉପରେ ଆଲୋକପାତ କରିଥିଲେ।

ଡିଜାଇନିଂ ଦୁନିଆରେ ଭାରତର ଅବଦାନ ୨୦ ପ୍ରତିଶତ ରହିଛି ଏବଂ ଏହା କ୍ରମାଗତ ଭାବେ ବୃଦ୍ଧି ପାଉଛି ବୋଲି ସୂଚନା ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଭାରତ ୮୫, ୦୦୦ ଟେକ୍ନିସିଆନ୍, ଇଞ୍ଜିନିୟର ଏବଂ ଗବେଷଣା ଓ ବିକାଶ ବିଶେଷଜ୍ଞଙ୍କୁ ନେଇ ଏକ ସେମିକଣ୍ଡକ୍ଟର କାର୍ଯ୍ୟବଳ ସୃଷ୍ଟି କରୁଛି। ଭାରତର ଗବେଷଣା ଇକୋସିଷ୍ଟମକୁ ନୂତନ ଦିଗ ଏବଂ ଶକ୍ତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଅନୁସନ୍ଧାନ ଜାତୀୟ ଗବେଷଣା ଫାଉଣ୍ଡେସନର ପ୍ରଥମ ବୈଠକ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, ''ଭାରତ ଏହାର ଛାତ୍ରଛାତ୍ରୀ ଏବଂ ବୃତ୍ତିଗତ ଶିଳ୍ପକୁ ପ୍ରସ୍ତୁତ କରିବା ଉପରେ ଧ୍ୟାନ ଦେଉଛି।'' ଏଥିସହିତ ୧ ଲକ୍ଷ କୋଟି ଟଙ୍କାର ସ୍ୱତନ୍ତ୍ର ଗବେଷଣା ପାଣ୍ଠି ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଥିଲେ।

# ଫ୍ଲୋରେନ୍ସ ନାଇଟେଙ୍ଗଲ ପୁରସ୍କାର ପାଇଲେ ସଂଯୁକ୍ତା ସେଠୀ

## ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ ଓ ବିରୋଧୀଦଳ ନେତା



**ନୂଆଦିଲ୍ଲୀ, ୧୧।୯:** ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାର ସଂଯୁକ୍ତା ସେଠୀଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ଫ୍ଲୋରେନ୍ସ ନାଇଟେଙ୍ଗଲ ପୁରସ୍କାରରେ ସମ୍ମାନିତ କରିଛନ୍ତି । ବୁଧବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଭବ୍ୟ ଉତ୍ସବରେ ନର୍ସିଂ ସିଷ୍ଟର ସଂଯୁକ୍ତାଙ୍କ ସମେତ ଦେଶର ୧୫ ଜଣଙ୍କୁ ପୁରସ୍କୃତ କରାଯାଇଛି। ସଂଯୁକ୍ତା ସେଠୀ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନର୍ସିଂ ଅଫିସର ତଥା ଓଟି-ଇନ୍‌ଚାର୍ଜ ସିଷ୍ଟର ଭାବେ କାର୍ଯ୍ୟରତ। ଏଥି ସହିତ ଜିଲ୍ଲା କ୍ୱାଲିଟି ଆସ୍ୟୁରାନ୍ସ ଟିମ ସଦସ୍ୟା ସହ ବାୟୋ ମେଡିକାଲ୍ ୱେଷ୍ଟ ସୁପରଭାଇଜର ମଧ୍ୟ ଅଛନ୍ତି। ସଂଯୁକ୍ତାଙ୍କ ଏହି ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋଶାଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସଂଯୁକ୍ତା ସେଠୀଙ୍କର ତ୍ୟାଗ, ନିଷ୍ଠା ଓ ଜନସେବା ମହିଳା ସଶକ୍ତୀକରଣର ସର୍ବଶ୍ରେଷ୍ଠ ଉଦାହରଣ। ଏହା ସହିତ ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସଂଯୁକ୍ତାଙ୍କୁ ତାଙ୍କର ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେ ତାଙ୍କ ଏକ୍ସ ଆକାଉଣ୍ଟରେ ଲେଖିଛନ୍ତି ଯେ ସଂଯୁକ୍ତାଙ୍କର ଏହି ସଫଳତା ଓଡ଼ିଶା ପାଇଁ ଗୌରବର ବିଷୟ। ଆଗାମୀ ଦିନରେ ସେ ଆହୁରି ସଫଳତା ପାଆନ୍ତୁ ବୋଲି ନବୀନ କାମନା କରିଛନ୍ତି। ସଂଯୁକ୍ତାଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଅଭିନନ୍ଦନ ଜଣାଇ ସେବା ଜାରି ରଖନ୍ତୁ ବୋଲି କହିଛନ୍ତି।

# ଗଣେଶ ଭସାଣିରେ ସଂଘର୍ଷ: ଜଣେ ମୃତ

**ଖୁଣ୍ଟୁଣୀ, ୧୧।୯ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଧୁରୁଷିଆ ଗ୍ରାମରେ ଗତକାଲି ରାତିରେ ଗଣେଶ ମେଢ଼ ଭସାଣି ଉତ୍ସବ ଚାଲିଥିବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ମୃତକ ହେଲେ ସୂର୍ଯ୍ୟକାନ୍ତ ସାମଲ। ଆଉଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ଧୁରୁଷିଆ ଗ୍ରାମର ମନ୍ଦିର ସାହି ଓ ଦଳିତ ସାହିର ଗଣେଶ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ରାତି ପ୍ରାୟ ୧୦.୩୦ ରେ ଉଭୟ ପୂଜା କମିଟିର ମେଢ଼ ଧୁରୁଷିଆ ଗ୍ରାମ ମଝିରେ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ଆକ୍ଷେପ ଓ ପ୍ରତି ଆକ୍ଷେପ ଯୋଗୁ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଦୁଇ ଗୋଷ୍ଠୀ ପରସ୍ପରକୁ ଛୁରୀ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ମାଡ଼ପିଟ ଓ ଛୁରୀରେ ଆକ୍ରମଣ କରାଯିବାରୁ ଉଭୟ ପକ୍ଷର ୩ ଜଣ ଆହତ ହୋଇଥିଲେ ତନ୍ମଧ୍ୟରୁ ଦୁଇ ଗୁରୁତରଙ୍କୁ ପରିବାର ଲୋକ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଆଜି ଜଣଙ୍କର ପ୍ରାଣହାନି ଘଟିଛି। ଖୁଣ୍ଟୁଣୀ ଥାନା ଆଇଆଇସି ରବି ନାରାୟଣ ବେହେରା ଓ ଏସ ଆଇ ବିକାଶ ସେଠୀ ମାମଲାର ତଦନ୍ତ ଚଳାଇଛନ୍ତି।

# ଓଡିଶାରେ ବ୍ରେନ ଷ୍ଟ୍ରୋକ୍ ଅଧିକ



**ଭୁବନେଶ୍ୱର,୧୧।୦୯ (ସଂଚାର ବ୍ୟୁରୋ):** ସାରା ଦେଶରେ ଦୈନିକ ପ୍ରାୟ ୨ହଜାର ବ୍ରେନ୍ ଷ୍ଟ୍ରୋକ୍ ଘଟଣା ସାମ୍ନାକୁ ଆସୁଥିବା ବେଳେ ଭାରତରେ ଏହା ଚିନ୍ତାଜନକ ହୋଇପଡିଛି । ନିକଟରେ ଲାନସେଟରେ ପ୍ରକାଶିତ ଏକ ଗବେଷଣାରୁ ଜଣାପଡିଛି ଯେ ଓଡ଼ିଶାରେ ବ୍ରେନ ଷ୍ଟ୍ରୋକ୍ ର ପ୍ରକୋପ ଜାତୀୟ ହାର ଠାରୁ ଅଧିକ ରହିଛି ଏବଂ ପ୍ରତି ସାତ ଜଣ ବାସିନ୍ଦାଙ୍କ ମଧ୍ୟରୁ ଜଣେ ବିପଦରେ ଅଛନ୍ତି ।

ଏହି ବଢୁଥିବା ସ୍ୱାସ୍ଥ୍ୟ ସମସ୍ୟା, ଯାହା ପୂର୍ବରୁ ଅଧିକାଂଶ ବୟସ୍କ ବୟସ୍କଙ୍କ ଠାରେ ଦେଖାଯାଉଥିଲା, ବର୍ତ୍ତମାନ ଅଚଳ ଜୀବନଶୈଳୀ, ଖରାପ ଖାଦ୍ୟଅଭ୍ୟାସ, ମାନସିକ ଚାପ ସ୍ତର ବୃଦ୍ଧି ଏବଂ ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି କାରଣରୁ ଯୁବ ଜନସଂଖ୍ୟାକୁ ପ୍ରଭାବିତ କରୁଛି ଭୁବନେଶ୍ୱର ଏମ୍ସର ନ୍ୟୁରୋଲୋଜି ବିଭାଗ ପକ୍ଷରୁ ଆୟୋଜିତ ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ନ୍ୟୁରୋଲୋଜି (ଆଇଏଏନ୍) ଷ୍ଟ୍ରୋକ୍ ସବ୍ ସେକ୍ସନ୍ ମିଡ୍ ଟର୍ମ ସମ୍ମିଳନୀରେ ଏହି ସବୁ ଚିନ୍ତା ପ୍ରକଟ କରାଯାଇଛି। 'କୋଡ୍ ଷ୍ଟ୍ରୋକ୍ ଟୁ ଷ୍ଟ୍ରୋକ୍ ଇଣ୍ଟରଭେନ୍ସନ୍' ଶୀର୍ଷକ ଏହି ସମ୍ମିଳନୀରେ ପ୍ରାରମ୍ଭିକ ଷ୍ଟ୍ରୋକ୍ ଚିହ୍ନଟ, ଚିକିତ୍ସା ର ଅଗ୍ରଗତି ଏବଂ ଷ୍ଟ୍ରୋକ୍ ପ୍ରତିରୋଧର ଗୁରୁତ୍ୱ ଉପରେ ଗଭୀର ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ନ୍ୟୁରୋଲୋଜିଷ୍ଟମାନେ ଅଂଶଗ୍ରହଣ କରିଥିଲେ। ଏମ୍ସ ଭୁବନେଶ୍ୱର ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏମ୍ସ ଭୁବନେଶ୍ୱରର ନ୍ୟୁରୋଲୋଜି ବିଭାଗ ପ୍ରତି ମାସରେ ୫୦୦ରୁ ଅଧିକ ଷ୍ଟ୍ରୋକ୍ ରୋଗୀଙ୍କୁ ଚିକିତ୍ସା କରିଥାଏ, ଯେଉଁଥିରେ ଇଣ୍ଟରଭେନସ୍ ଥ୍ରୋମ୍ବୋଲାଇସିସ୍, ମେକାନିକାଲ ଥ୍ରୋମ୍ବୋକ୍ଟୋମି, ଷ୍ଟ୍ରୋକ୍ ନ୍ୟୁରୋସର୍ଜରୀ, ନ୍ୟୁରୋକ୍ରିଟିକାଲ କେୟାର ଏବଂ ଉନ୍ନତ ନ୍ୟୁରୋ-ରିହାବିଲିଟେସନ୍ ସେବା ଅନ୍ତର୍ଭୁକ୍ତ । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ଭୁବନେଶ୍ୱରର ଡିନ୍ (ଏକାଡେମିକ୍ସ) ଡାକ୍ତର ପିଆର ମହାପାତ୍ର ଓ ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ଡିକେ ପରିଡ଼ା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇଏଏନ୍ ଷ୍ଟ୍ରୋକ୍ ସବ୍‌ସେକ୍ସନ୍ ର ଅଧ୍ୟକ୍ଷ ଡ. ସୁନୀଲ କେ ନାରାୟଣ, ଇଣ୍ଡିଆନ୍ ଷ୍ଟ୍ରୋକ୍ ଆସୋସିଏସନ୍ ର ସଭାପତି ଡ. ନିର୍ମଳ ସୂର୍ଯ୍ୟ, ଡ. କାମେଶ୍ୱର ପ୍ରସାଦ, ଡ. ପି ବିଜୟା ଏବଂ ଡ. ଏସ୍ ପି ଗୋର୍ଥି ପ୍ରମୁଖ ଯୋଗଦେଇ ଷ୍ଟ୍ରୋକ୍ ପରିଚାଳନା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆବାସିକ ଡାକ୍ତର ଓ ଅଧ୍ୟାପକମାନଙ୍କ ପାଇଁ ଷ୍ଟ୍ରୋକ୍ ଉପରେ ଏକ ପୋଷ୍ଟର ଅଧିବେଶନର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାନବ ଜାତି ପ୍ରତି ଉତ୍ସର୍ଗୀକୃତ ସେବା ପାଇଁ ବରିଷ୍ଠ ନ୍ୟୁରୋଲୋଜିଷ୍ଟ ଡ. ଆର୍ ଏନ୍ ସାହୁଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ରେ ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱର ଏମ୍ସର ନ୍ୟୁରୋଲୋଜି ମୁଖ୍ୟ ଡାକ୍ତର ସଞ୍ଜୀବ କୁମାର ଭୋଇ, ଡାକ୍ତର ମେନକା ଝା ଓ ଡାକ୍ତର ପ୍ରିୟଙ୍କା ସାମଲ ଏହି ସମ୍ମିଳନୀକୁ ସଂଯୋଜନା କରିଥିଲେ।

# ସୁଭଦ୍ରା ରଥକୁ ଭବ୍ୟ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୧୧।୯(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବହୁ ଚର୍ଚ୍ଚିତ ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ଅଧିକ ସଂଖ୍ୟାରେ ସାମିଲ କରିବା ଓ ଏ ସଂପର୍କରେ ପ୍ରଚାର ପ୍ରସାର ପାଇଁ ସୁଭଦ୍ରା ରଥ ପରିକ୍ରମା ଜାରି ରହିଛି। ବୁଧବାର ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତର ବିଭିନ୍ନ ଗ୍ରାମରେ ସୁଭଦ୍ରା ରଥ ପରିକ୍ରମା କରିଛି। ସୁଭଦ୍ରା ରଥକୁ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ବିଷ୍ଣୁପ୍ରିୟା ସାହୁ, ସମିତି ସଭ୍ୟ ସଂଯୁକ୍ତା ବିଶ୍ୱାଳ, ସିଡିପିଓ ଖୋଲଣା ସାହୁ, ସମାଜସେବୀ ତଥା ପୂର୍ବତନ ସମିତି ସଭ୍ୟ ନାରାୟଣ ସାହୁ, ଅଙ୍ଗନୱାଡ଼ି କର୍ମୀ ମୀନତି ବେହେରା, ସରୋଜିନୀ ପଣ୍ଡା, ଶୁଭଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ସେହିପରି ରଣପୁର ଅଙ୍ଗନୱାଡ଼ି କେନ୍ଦ୍ରରେ ଆଇସିଡିଏସ୍ ସୁପରଭାଇଜର ବିନୋଦିନୀ ପ୍ରଧାନ, ଅଙ୍ଗନୱାଡ଼ି କର୍ମୀ ଡଲି ଖୁଣ୍ଟିଆ, ସସ୍ମିତା ଦାସ, ୱାର୍ଡ ସଭ୍ୟା ମୋନାଲିସା ସେନାପତି, ସହାୟିକା ସତ୍ୟଭାମା ସେନାପତି, ଯୁବ ସମାଜସେବୀ କାଳୁ ସାମଲ, ବନିତା ସାମଲ, ସୌଦାମିନୀ ସାମଲ ପ୍ରମୁଖ ବନ୍ଦାପନା କରି ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଗ୍ରାମର ମହିଳାମାନେ ଉପସ୍ଥିତ ଥିଲେ। ଏହାସହିତ କଇଜଙ୍ଗା, ବାଲିଗୁଣ୍ଡି, ବିରିବାଟୀ ଆଦି କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀ ମଧୁସ୍ମିତା ସେଠୀ, ବୀଣାପାଣି ଭୋଇ ପ୍ରମୁଖ ସୁଭଦ୍ରା ରଥକୁ ଭବ୍ୟ ସ୍ୱାଗତ କରିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ଶୂନ୍ୟ-ମୋତେ ଛାଡ଼ି ତୁମେ ଯେତେ
ଯାହା ସଂଗ୍ରହ କଲେ ବି ଦିନେ
ଦେଖିବ ତାହା ସବୁ ବରଫ ଭଳି
ତରଳି ଶୂନ୍ୟ ହୋଇଯାଇଛି।

SANCHAR

ସଂଚାର

୪ ଗୁରୁବାର ୧୨ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର

Thursday 12 September 2024 Bhubaneswar


# ଆତଙ୍କବାଦୀଙ୍କ ଚାଲେଞ୍ଜ

ଲୋକସଭା ନିର୍ବାଚନ ପରେ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଚଳିତ ମାସରେ କାଶ୍ମୀର ବିଧାନସଭା ପାଇଁ ନିର୍ବାଚନ ହେବାକୁ ଯାଉଛି। ଅକ୍ଟୋବର ୧ରେ ଭୋଟ ଗ୍ରହଣ ପ୍ରକ୍ରିୟା ଶେଷ ହେବ ଏବଂ ୮ ତାରିଖରେ ଗଣତି ହେବ। ଅକ୍ଟୋବର ୧୫ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହୋଇ ନୂଆ ସରକାର ଗଠିତ ହେବ ବୋଲି ଆଶା କରାଯାଉଛି। ଏହା ପରେ ଜାମ୍ମୁ-କାଶ୍ମୀରକୁ ପୁନର୍ବାର ରାଜ୍ୟ ମାନ୍ୟତା ଦେବା ପ୍ରକ୍ରିୟା ଆରମ୍ଭ ହେବ। ୩୭୦ ଉଚ୍ଛେଦ ପରେ ଜାମ୍ମୁ-କାଶ୍ମୀରରେ ଏହା ହେବ ପ୍ରଥମ ବିଧାନସଭା ନିର୍ବାଚନ। ତେଣୁ ଏହାର ରାଜନୈତିକ ଯଥେଷ୍ଟ ଅଧିକ। ୩୭୦ ଉଚ୍ଛେଦ ଦ୍ୱାରା ଭାରତରେ ଜାମ୍ମୁ-କାଶ୍ମୀରର ମିଶ୍ରଣ ଚୂଡ଼ାନ୍ତ ହୋଇଛି। ନିର୍ବାଚନ ମାଧ୍ୟମରେ କାଶ୍ମୀରବାସୀ ଏହାକୁ ଅନୁମୋଦନ କରିବେ। ଏହା ହିଁ ଆତଙ୍କବାଦୀଙ୍କ ଗାତ୍ର ଦାହ କରୁଛି। ଜାମ୍ମୁ-କାଶ୍ମୀରରେ ରାଜନୈତିକ ପ୍ରକ୍ରିୟାକୁ ସେମାନେ ବରଦାସ୍ତ କରିପାରୁନାହାଁନ୍ତି। ରାଜ୍ୟରେ ଆତଙ୍କ ଓ ଅସ୍ଥିରତାର ବାତାବରଣ ଲାଗି ରହୁ ଏହା ସେମାନେ ଚାହାଁନ୍ତି। ଭାରତୀୟ ସମ୍ବିଧାନ ଆଧାରରେ ଏଠାରେ ନିର୍ବାଚନ ହେବ, ଏକ ଲୋକପ୍ରିୟ ନିର୍ବାଚିତ ସରକାର ଗଠିତ ହେବ ଏହା ସେମାନେ ଚାହୁଁ ନାହାଁନ୍ତି। ତେଣୁ ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରିବା ପାଇଁ ସେମାନେ ଅହରହ ଉଦ୍ୟମ ଚଳାଇଛନ୍ତି। ଗତ ୨ମାସ ମଧ୍ୟରେ ଉପତ୍ୟକାରେ ଆତଙ୍କବାଦୀ ଆକ୍ରମଣରେ ୪୫ଜଣ ସୁରକ୍ଷା କର୍ମୀ ଓ ସାଧାରଣ ନାଗରିକ ପ୍ରାଣ ହରାଇଲେଣି। ଏହା କିଛି କମ କଥା ନୁହେଁ। ଗତ ମାସକ ଭିତରେ ଜାମ୍ମୁ-କାଶ୍ମୀରରେ ଦୁଇ ଦୁଇଟି ଆତଙ୍କବାଦୀ ଆକ୍ରମଣରେ ୯ଜଣ ଯବାନ ଶହୀଦ ହେଲେଣି। ଶହୀଦଙ୍କ ମଧ୍ୟ;ରେ ଜଣେ କ୍ୟାପଟେନ ଅଛନ୍ତି। ଏହା ପଛରେ ସୀମାପାର ଆତଙ୍କବାଦୀ ସଙ୍ଗଠନର ହାତ ରହିଛି। ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ିବର କାରଣ କ'ଣ? ଏହା ପଛରେ ଉଦ୍ଦେଶ୍ୟ ହେଲା ନିଜ ସ୍ଥିତି ଜାହିର କରିବା ଏବଂ କାଶ୍ମୀରରେ ଭୟ ତଥା ଆତଙ୍କର ବାତାବରଣ ସୃଷ୍ଟି କରି ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା। ଧାରା ୩୭୦ ହଟିବା ପରେ ଜାମ୍ମୁ-କାଶ୍ମୀରରେ ବିକାଶ ତ୍ୱରାନ୍ୱିତ ହୋଇଛି ଏବଂ ଶାନ୍ତି ପ୍ରତିଷ୍ଠା ହୋଇଛି। ଲୋକସଭା ନିର୍ବାଚନରେ କାଶ୍ମୀରବାସୀ ବିପୁଳ ସଂଖ୍ୟାରେ ଭୋଟ ଦେଇ ନିଜ ପ୍ରତିନିଧି ଚୟନ କଲେ। ଏହା ଦ୍ୱାରା ସେମାନେ ଭାରତୀୟ ସମ୍ବିଧାନ ପ୍ରତି ସେମାନଙ୍କର ଆସ୍ଥା ଓ ବିଶ୍ୱାସ ରହିଛି ବୋଲି ପ୍ରମାଣିତ କଲେ। ବିଧାନସଭା ନିର୍ବାଚନକୁ ଭଣ୍ଡୁର କରିବା ପାଇଁ ଦେଶ ବିରୋଧୀ ଶକ୍ତି ଓ ଆତଙ୍କବାଦୀ ସଙ୍ଗଠନ ଗୁଡ଼ିକ ଯୋଜନା କରୁଛନ୍ତି। ସୁରକ୍ଷା ବାହିନୀ ଉପରେ ଆକ୍ରମଣ ପଛରେ ଆତଙ୍କୀ ସଙ୍ଗଠନର ଏକ ମୁଖ୍ୟ ଉଦ୍ଦେଶ୍ୟ। ପ୍ରତିଥର ଆତଙ୍କବାଦୀଙ୍କ ଆକ୍ରମଣ ପରେ ସରକାର କହୁଛନ୍ତି ଏଥର ଆତଙ୍କବାଦୀଙ୍କୁ ଦୃଢ଼ ହସ୍ତରେ ଦମନ କରାଯିବ, ଯବାନଙ୍କ ବଳିଦାନ ବ୍ୟର୍ଥ ହେବନି, କାଶ୍ମୀର ଉପତ୍ୟକାରୁ ଆତଙ୍କବାଦକୁ ନିର୍ମୂଳ କରାଯିବ। କିନ୍ତୁ କେବେ ତାହା ବାସ୍ତବତାରେ ପରିଣତ ହେଉନି। ଆତଙ୍କବାଦର ମୁକାବିଲା ନିମନ୍ତେ ଉଦ୍ୟମ ଯେ ହେଉନି ସେକଥା ନୁହେଁ। ଏଥିରେ ଅନେକ ସଫଳତା ମଧ୍ୟ ମିଳିଛି। କିନ୍ତୁ ତାହା ଯଥେଷ୍ଟ ନୁହେଁ। କାଶ୍ମୀର ଉପତ୍ୟକାରୁ ଆତଙ୍କବାଦକୁ ସମ୍ପୂର୍ଣ୍ଣ ନିର୍ମୂଳ କରାଯାଇପାରିନି। କାରଣ ପାକିସ୍ତାନ ବରାବର ଭାରତରେ ଆତଙ୍କବାଦୀଙ୍କୁ ସହାୟତା କରୁଛି, ସେମାନଙ୍କୁ ପ୍ରୋତ୍ସାହିତ କରୁଛି। କାଶ୍ମୀରରେ ଅନେକ ମୌଳବାଦୀ ସଙ୍ଗଠନ, ବିଚ୍ଛିନ୍ନତାବାଦୀ ମଧ୍ୟ ପରଦା ପଛରେ ରହି ଏହାକୁ ସହଯୋଗ କରୁଛନ୍ତି। ଏବେ ସମୟ ଆସିଛି କାଶ୍ମୀରରୁ ଆତଙ୍କବାଦକୁ ସମ୍ପୂର୍ଣ୍ଣ ନିର୍ମୂଳ କରିବା ଲାଗି ନିର୍ଣ୍ଣୟାତ୍ମକ ଲଢ଼େଇ ହେବା ଉଚିତ। ଏଥିରେ ସେନା ବାହିନୀ ସହିତ ଅର୍ଦ୍ଧସାମରିକ ବାହିନୀ ଏବଂ ରାଜ୍ୟ ପୋଲିସ ଏପରିକି ଅନ୍ୟ ରାଜ୍ୟର ପୋଲିସକୁ ମଧ୍ୟ ଏଥିରେ ନିୟୋଜିତ କରାଯାଇପାରିବ। ଏହି ଲଢ଼େଇ କର ବା ମର ଭଳି ହେବା ଉଚିତ। ଏଥିଲାଗି ପୁରା ଉପତ୍ୟକାର ପ୍ରତ୍ୟେକ ଇଞ୍ଚକୁ ଭଲଭାବେ ଯାଞ୍ଚ କରାଯିବା ଉଚିତ। ପାକିସ୍ତାନକୁ ଲାଗିଥିବା ସୀମାକୁ ସମ୍ପୂର୍ଣ୍ଣ ଭାବେ ସିଲ କରାଯିବା ଉଚିତ। ଆବଶ୍ୟକ ପଡ଼ିଲେ ଆତଙ୍କବାଦୀଙ୍କ ଗୁପ୍ତ ଆଡ୍ଡା ଉପରେ ଆକାଶ ମାର୍ଗରୁ ବୋମାମାଡ଼ ହେବା ଉଚିତ। ଜଣେ ହେଲେ କେହି ଆତଙ୍କବାଦୀ ଏଥିରୁ ବର୍ତ୍ତିବା ଅନୁଚିତ। ଆତଙ୍କବାଦ ଦମନ ଅଭିଯାନରେ ଗୁଇନ୍ଦା ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଆତଙ୍କବାଦୀଙ୍କ ଯୋଜନା, ଗତିବିଧି ଏବଂ ସେମାନଙ୍କୁ ସହାୟତା ପ୍ରଦାନ କରୁଥିବା ବ୍ୟକ୍ତି ବା ସଙ୍ଗଠନ ସମ୍ପର୍କରେ ଟିକିନିଖି ଖବର ସଂଗ୍ରହ କରିବାକୁ ପଡ଼ିବ। ଏଥିରେ ସାଧାରଣ ଲୋକଙ୍କ ସହଯୋଗର ମଧ୍ୟ ଆବଶ୍ୟକତା ରହିଛି। ଯେଉଁମାନେ ସୁରକ୍ଷା ବାହିନୀକୁ ସହଯୋଗ ଏବଂ ସହାୟତା କରିବେ ସେମାନଙ୍କୁ ସମ୍ମାନୀତ ଏବଂ ପୁରସ୍କୃତ କରାଯିବା ଉଚିତ। ଗୃହ ମନ୍ତ୍ରୀ ଅମିତ ଶାହା ଜଣେ ଦକ୍ଷ ଏବଂ ଦୃଢ଼ ବ୍ୟକ୍ତି। ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କ ଶାସନ କାଳରେ ଯଦି ଏହା ସମ୍ଭବ ନହେବ ତେବେ ଆଗାମୀ ବହୁ ବର୍ଷ ଭିତରେ ଆତଙ୍କବାଦ ବିରୋଧୀ ଅଭିଯାନ ସଫଳ ହେଇପାରିବ ନାହିଁ। ଏବେ ଆତଙ୍କବାଦୀମାନେ ଭାରତରେ ହିଂସାର ଏକ ନୂଆ ତରିକା ଆପଣାଇଛନ୍ତି। ବିଭିନ୍ନ ସ୍ଥାନରେ ଟ୍ରେନ ଲାଇନଚ୍ୟୁତ କରିବାକୁ ସେମାନେ ପ୍ରୟାସ କରୁଛନ୍ତି। ଗତ ୧୫ ଦିନ ଭିତରେ ଏଭଳି ୪ଟି ଘଟଣା ଘଟିଲାଣି। ସୌଭାଗ୍ୟକୁ ଏଥିରେ କୌଣସି ଧନଜୀବନ ହାନୀ ହୋଇନି। କୌଣସି ବିଦେଶୀ ଅନୁପ୍ରବେଶକାରୀ ନୁହଁନ୍ତି ଆମ ଦେଶ ଭିତରେ ଲୁଚି ରହିଥିବା ଦେଶବିରୋଧୀ ଶକ୍ତିମାନେ ଏଭଳି କାର୍ଯ୍ୟ କରିଛନ୍ତି। ଏମାନଙ୍କ ସଂଖ୍ୟା ଢେର ଅଧିକ। ଦେଶର ସବୁ ରାଜ୍ୟରେ ଏଭଳି ଦେଶବିରୋଧୀ ଶକ୍ତିମାନେ ଲୁଚି ରହିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର। କିନ୍ତୁ ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ଧାର୍ମିକ ସମ୍ପ୍ରଦାୟକୁ ଦୋଷ ଦେବା ବା ସେମାନଙ୍କୁ ଟାର୍ଗେଟ କରିବା ଅନୁଚିତ। ଆତଙ୍କବାଦୀମାନେ ଏହା ହିଁ ଚାହାଁନ୍ତି। ଭାରତରେ ଧାର୍ମିକ ବିଦ୍ୱେଷ ସୃଷ୍ଟି ହେଉ, ସାମ୍ପ୍ରଦାୟିକ ଦଙ୍ଗା ଏବଂ ହିଂସାକାଣ୍ଡ ସୃଷ୍ଟି ହେଉ ଏହା ସେମାନେ ଚାହାଁନ୍ତି। ସେମାନଙ୍କର ଏହି କୌଶଳକୁ ଆମେ ବୁଝିବା ଉଚିତ ଏବଂ ଏହାକୁଭଣ୍ଡୁର କରିବା ଲାଗି ପ୍ରୟାସ କରିବା ଉଚିତ। ଆମେ ସେମାନଙ୍କ ଜାଲରେ ପଡ଼ିବା ଅନୁଚିତ। ପାକିସ୍ତାନରେ ବେଲୁଚିସ୍ତାନ, ପାକ ଅଧିକୃତ କାଶ୍ମୀର (ପିଓକେ)ରେ ଏବେ ବିଦ୍ରୋହ ଏବଂ ଅଶାନ୍ତି ସୃଷ୍ଟି ହୋଇଛି। ବେଲୁଚିସ୍ତାନ ଆଉ ଏକ ବାଂଲାଦେଶରେ ପରିଣତ ହେବାକୁ ଯାଉଛି। ଏହାକୁ ହାଲୁକା କରିବା ପାଇଁ ପାକିସ୍ତାନ କାଶ୍ମୀର ଉପତ୍ୟତାରେ ହିଂସା ଓ ଅଶାନ୍ତିର ବାତାବରଣ ସୃଷ୍ଟି କରିବାକୁ ଉଦ୍ୟମ କରୁଛି। ପାକିସ୍ତାନର ଏହି ଚାଲ ଭାରତ ପାଇଁ ଏକ ଚାଲେଞ୍ଜ।

## ସମ୍ପାଦକଙ୍କୁ ପତ୍ର

### ଆନ୍ଦୋଳନରେ ବିରାମ ଲାଗୁ

**ମହାଶୟ,**

ଗଣତନ୍ତ୍ରରେ ପ୍ରତିବାଦର ସ୍ୱର ଉଠାଇବା ନାଗରିକର ମୌଳିକ ଅଧିକାର। ନିଜ ଦାବି ବା ହକ୍ ଲଢ଼େଇ କରିବା ମଧ୍ୟ ନାଗରିକର ସାମ୍ବିଧାନିକ ଅଧିକାର। ଆମେ ଯାହାକୁ ନିଜର ପ୍ରତିନିଧି ଭାବେ ଚୟନ କରିଛୁ ଏବଂ ଯାହାକୁ ସରକାର ଗଠନ କରିବାର ସୁଯୋଗ ଦେଇଛୁ, ତା ନିକଟରୁ ଆମ ସମସ୍ୟାର ସମାଧାନ ମଧ୍ୟ ଆଶା କରିବା ଅନୁଚିତ ନୁହେଁ। କିନ୍ତୁ ସବୁ ବେଳେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଲଢ଼େଇ କରିବା ପରିବର୍ତ୍ତେ ସାମୁହିକ ସ୍ୱାର୍ଥକୁ , ଦେଶର ବୃହତ୍ତର ସ୍ୱାର୍ଥ ପ୍ରତି ମଧ୍ୟ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏବେ ଦେଶର ସବୁ ବର୍ଗର ଲୋକେ ଶ୍ରମିକ, କୃଷକ, କର୍ମଚାରୀ, ଛାତ୍ର, ଶିକ୍ଷକ ସମସ୍ତେ ନିଜ ନିଜ ସ୍ୱାର୍ଥ ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଓଡ଼ିଶା କଥା ବିଚାର କରାଯାଉ। ବିଧାନସଭା ଅଧିବେଶନ ବସିବା ମାତ୍ରେ ରାଜଧାନୀର ମହାତ୍ମା ଗାନ୍ଧି ମାର୍ଗ ଆନ୍ଦୋଳନକାରୀଙ୍କ କବଜାକୁ ଚାଲିଯାଉଛି। ଧାରଣା, ବିକ୍ଷୋଭ ପ୍ରଦର୍ଶନର ଏହା ଏକ ପେଣ୍ଠ ପାଲଟିଛି। ଅନେକ ସମୟରେ ଏହା ରାଜଧାନୀବାସୀଙ୍କ ଜୀବନ ଦୁର୍ବିସହ କରି ଦେଉଛି। ଏବେ ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ଏକ ନୂଆ ସରକାର ଗଠିତ ହୋଇଛି। ସରକାରଙ୍କୁ ସବୁ କଥା ଠିକ ଭାବେ ବୁଝିବାକୁ ୬ ମାସ ସମୟ ଦିଆଯାଉ। ଦାବି ହାସଲ ନିମନ୍ତେ ଆନ୍ଦୋଳନ ଏକମାତ୍ର ପନ୍ଥା ନୁହେଁ, ଗଣମାଧ୍ୟମ ଜରିଆରେ ନିଜର ଅଭିବ୍ୟକ୍ତି ରକାଯାଇପାରେ। ସଂଘର ପ୍ରତିନିଧିମାନେ ସରକାରଙ୍କ ସହ ଆଲୋଚନା କରିପାରନ୍ତି। କିନ୍ତୁ ନିଜ କର୍ତ୍ତବ୍ୟରୁ କେହି ବିଚ୍ୟୁତ ହେବା ଅନୁଚିତ। କାମ କରିକି ଦାବି କରିବା ସୁନ୍ଦର ହେବ। ଗଣତାନ୍ତ୍ରିକ ଅଧିକାର ନାମରେ ବିଶଅଙ୍ଖଳା ସ୍ପୃହଣୀୟ ନୁହେଁ। ଦେଶର ଏବଂ ରାଜ୍ୟର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆନ୍ଦୋଳନାତ୍ମକ କାର୍ଯ୍ୟକଳାପ କିଛି ବର୍ଷ ପାଇଁ ବନ୍ଦ ହେବା ଉଚିତ।

ସୁରେଶ ଚୌଧୁରୀ, ଭଞ୍ଜନଗର, ଗଞ୍ଜାମ

# ଅନ୍ୟ ଜାତିରେ ବିବାହ



**ଦିପ୍ତିମୟୀ ନାୟକ**

ଅନ୍ୟ ଜାତିରେ ବିବାହ କରିବା କିଛି ପାପ ନୁହେଁ ବରଂ ଲୋକଙ୍କ ଚିନ୍ତାଧାରା ବଦଳାଇବା ଉଚିତ। ଯେଉଁଠି ପ୍ରେମକୁ ସାକ୍ଷ୍ୟାତ ଈଶ୍ୱର ବୋଲି ବିବେଚନା କରାଯାଏ ସେଠି ପ୍ରେମକୁ ହିଁ ମଶାଣୀର ଧୂଆଁ ଭଳି ପ୍ରେମକୁ ଜଳାଞ୍ଜଳି ଦେବାକୁ ହୁଏ। ସମସ୍ତେ ବୁଝିବା ଦରକାର ମଣିଷ ଶରୀର କେଇଖଣ୍ଡ ହାଡ଼, ରକ୍ତ, ମାଂସରେ ଗଢ଼ା। ସବୁ ମଣିଷଙ୍କ ଶରୀରରୁ ଲାଲ ରକ୍ତ ପ୍ରବାହିତ ହୁଏ ନାକି ଜଣକ ଦେହରୁ ଲାଲ ରକ୍ତ ପ୍ରବାହିତ ହୁଏ ଆଉ ଜଣଙ୍କ ଶରୀରରୁ ସବୁଜ ରକ୍ତ ପ୍ରବାହିତ ହେଉଛି।କିଛି ଲୋକ ଭାବନ୍ତି ଆମେ ଯେଉଁ ଜାତିର ଆମେ ସେହି ଜାତିରେ ହିଁ ଝିଅକୁ କିମ୍ବା ପୁଅକୁ ବିବାହ ଦେବା କିନ୍ତୁ ଏକଥା କେହି ଭାବନ୍ତି ନାହିଁ ଯେତେବେଳେ ବଳାତ୍କାର ହୁଏ ସେଠି କେହି ଜାତି ଧର୍ମ ଦେଖନ୍ତି ନାହିଁ।

ଏବେ ନୁହେଁ ବହୁ ପୁରାତନ କାଳରୁ ମଧ୍ୟ ଏହା ଚଳିଆସିଛି ଯେ କୌଣସି ନିମ୍ନ ଜାତିର ଝିଅ କୌଣସି ଉଚ୍ଚ ଜାତିରେ ବାହା ହୋଇପାରିବନି କି କୌଣସି ଉଚ୍ଚ ଜାତିର ପୁଅ ନିମ୍ନ ଜାତିର ଝିଅକୁ ବାହା ହେଇପାରିବନି। ଏହି ଆଧୁନିକ ଯୁଗରେ ଆମେ ଆଧୁନିକତାର ଦ୍ୱାହି ଦେଇ କାହିଁକି ଆମେ ଅନ୍ଧ ବୁଝାମଣାକୁ ମାନି ଆସିଛେ କିଏ କହିପାରିବ କି। ଏଠି ଲୋକ ଯାହା କୁହନ୍ତି ଜଣେ ଜଣଙ୍କୁ ଅନୁଶୀଳନ କରନ୍ତି ଆଉ ସେହି ଜାତିଭେଦ କଥା ଉଠାଇ ବିଚାର ନିରୀହ ଜୀବନ ନଷ୍ଟ କରନ୍ତି। ପୁଅ ଝିଅ ଯଦି ଜାତି ଦେଖୁ ନାହାଁନ୍ତି ତାହାଲେ ଅନ୍ୟ ମାନେ କାହିଁକି ସେମାନଙ୍କ ପ୍ରେମରେ ପାଚେରୀ ହୋଇ ଠିଆ ହେଉଛନ୍ତି। ସେମାନଙ୍କୁ ବି ବିବାହ ଭଳି ପବିତ୍ର ସମ୍ପର୍କରେ ବାନ୍ଧିହେବାକୁ ଦିଆଯାଉ। କେବଳ ଜାତିକୁ ଦେଖିଲେ ଠିକ ହେବନି ମାନୁଛି ସମସ୍ତଙ୍କ ଜାତି ସମସ୍ତଙ୍କ ପାଇଁ ଗର୍ବ ଆଉ ଗୌରବ



ତା ମାନେ ନୁହେଁ କାହାକୁ ନିର୍ଛଦୃଷ୍ଟିରେ ଦେଖିବା।

କେହି କେହି କୁହନ୍ତି ଅନ୍ୟ ଜାତିରେ ପ୍ରେମ କରିବା ପାପ ଏମିତି ମଧ୍ୟ ହୁଏ ଯେଉଁ ପୁଅ କିମ୍ବା ଝିଅ ବିବାହ ପାଇଁ ଅନେକ ପ୍ରତିଶୃତି ଦେଇଥିବେ ଶେଷରେ ନିଜ ପରିବାର ଖୁସି ପାଇଁ ନିଜ ପ୍ରେମକୁ ବି ଭୁଲି ଆଉ କୁଆଡେ ସଂସାର କରିବେ। ଏସବୁ କଣ ଠିକ। କିଛି ସଭ୍ୟ ସମାଜର ବହୁମୁଖୀ ଲୋକ ପ୍ରେମକୁ ଏମିତି ନିନ୍ଦା କରି କଥା କୁହନ୍ତି ଯେମିତି ତାଙ୍କୁ କେବେ ପ୍ରେମ ହୋଇନଥିବ ନା ସେ କାହା ପ୍ରେମରେ କେବେ ପଡ଼ିଥିବେ। ଆମେମାନେ ଯେତେବେଳେ ନିଜକୁ ଶିକ୍ଷିତ ବୋଲି କହୁଛେ ତାହାଲେ ଏ ଡେଙ୍ଗୁରା କାହିଁକି ପିଟିଲା ଭଳି ଯା ଘରେ ତା ଘରେ, ରାସ୍ତାରେ ଘାଟରେ ପର ଆଲୋଚନା କଣ ପାଇଁ କରୁଛେ କାହିଁକି ଅନ୍ୟ ମାନଙ୍କ ମନ କଥା ବୁଝୁନେ କାହିଁକି ତାଙ୍କ ମନ ଭାଙ୍ଗୁଛେ। ପ୍ରେମ କରିବା କଣ ଏତେ ବଡ଼ ପାପ ସେଥିପାଇଁ ସମସ୍ତଙ୍କ ମନରେ ଏ ସଂକୀର୍ଣ୍ଣ ମନବୃତ୍ତି ବୋଧହୁଏ ସେଥିପାଇଁ ନିରୀହ ଜୀବନ ଗୁଡା ବଳି ପଡି ଯାଉଛନ୍ତି ଅନ୍ୟ ମାନଙ୍କ କଥାରେ।

ଅନ୍ୟ ଜାତିରେ ପ୍ରେମ କରି ବିବାହ କରିବା ପାପ ନୁହେଁ ପୂର୍ବରୁ ଜାତି ଅଜାତି ଦେଖୁଥିଲେ କାରଣ ସେମାନେ ଉପଯୁକ୍ତ ଶିକ୍ଷା ପାଇନଥିଲେ କିନ୍ତୁ ଆମେ ତ ଏବେ ଶିକ୍ଷିତ। ଯଦି ଆମେ ଶିକ୍ଷିତ ହୋଇ ଅଶିକ୍ଷିତ ଭଳି କଥା କହିବା ତାହାଲେ କଣ ଠିକ ହେବ। କେବେ ପ୍ରେମକୁ ନେଇ ଅନେକ ବାଧାବିଘ୍ନ ଥିଲା କିନ୍ତୁ ଆଜିର ଏହି ସଭ୍ୟ ସମାଜରେ ଗୋଟେ ନିମ୍ନ ଜାତିର ଝିଅ ଉଚ୍ଚ ଜାତିର ପୁଅକୁ ପ୍ରେମ କରୁଥାଇପାରେ କିନ୍ତୁ ବାହା ହେଇପାରିବନି କି ଗୋଟେ ନିର୍ଛ ଜାତିର ପୁଅ ଗୋଟେ ଉଚ୍ଚ ଜାତିର ଝିଅକୁ ବାହା ହେଇପାରିବନି ଏହା କଣ ଠିକ। ଯେଉଁ ପର୍ଯ୍ୟନ୍ତ ଆମେମାନେ କେବଳ ଜାତି ଅଜାତିର ପାର୍ଥକ୍ୟ ଖୋଜୁଥିବା ସେହିପର୍ଯ୍ୟନ୍ତ ଆମେ ଉତ୍ତମ ଶିକ୍ଷା ପାଇନେ ବୋଲି ନିଜକୁ ଥରେ ପଚାରି ବୁଝୁଥିବା। ସବୁବେଳେ ଭାବିବା ଉଚିତ ଆମେ ଗୋଟିଏ ଜାତିର ଯେଉଁ ପର୍ଯ୍ୟନ୍ତ ଆମେ ଜାତିଭେଦ ଦେଖୁଥିବା ସେହି ପର୍ଯ୍ୟନ୍ତ ଆମେ ସେହି ପୁରାନା ଜମାନାରେ ଅଛେ ବୋଲି ଜାଣୁଥିବା। କାରଣ ଅନେକ ସମୟରେ ଆମେ କାହାର ପ୍ରେମକୁ ସିନା ବୁଝୁନୁ ହେଲେ ସେମାନଙ୍କ ଜୀବନ ବର୍ବାଦ କରୁଛେ କେବଳ ଏଥିପାଇଁ ଯେ ଆଜିକାଲି ଲୋକଙ୍କ ପାଇଁ ସମାଜକୁ ପରିବର୍ତ୍ତନ କରିବାପାଇଁ ଏତିକି ଯଥେଷ୍ଟ ନୁହେଁ କାହାର ଭାବନାକୁ ବୁଝୁବା ପାଇଁ ଏଠି କେହି ସକ୍ଷମ ନୁହଁ ଏମାନଙ୍କ ମନରେ ଭୟ ଅନ୍ଧବିଶ୍ୱାସ ବସା ବାନ୍ଧିଛି କେବଳ ଲୋକ କଣ କହିବେ। ବାସ କେବଳ କଣ ତମର ଜନ୍ମ ଲୋକଙ୍କ କଥା ଶୁଣି ସେହି କଥା ମାନିବା ପାଇଁ ଆଉ ଆଜିକାଲିକା ପ୍ରେମ ଟିଭି, ରେଡ଼ିଓ, ଫୋନ, ସୋସିଆଲ ମିଡ଼ିଆ ଯାହା ଖୋଲିଲେ ସର୍ବ ପ୍ରଥମେ ଦେଖୁଛେ ପରିବାର ରାଜି ନହେବାରୁ ଯୁବକ ବିଷ ପିଇକି ମୃତ ତ ଆଉ କେଉଁଠି ଦୁହେଁ ଯୁବକ ଯୁବତୀ କେଉଁ ଗଛରେ ଆତ୍ମହତ୍ୟା କରିବାର ଉଦ୍ୟମ। ତେଣୁ ପିଲାଙ୍କ ଖୁସି ପାଇଁ ସେମାନେ ଯେଉଁଠି ବିବାହ କରିବାକୁ ଚାହୁଁଛନ୍ତି ତାଙ୍କ ଖୁସିରେ ସମଭାଗୀ ହୁଅ। ସଂସାର ସେ କରିବ ତୁମେ ନୁହେଁ ତେଣୁ ସେ ଯାହାକୁ ଭଲ ପାଇକି ବିବାହ କରିବାକୁ ଚାହୁଁଛି ତାକୁ ସ୍ୱୀକୃତି ଦିଅ ନହଲେ ଦିନ ଆସିବ ଆହୁରି କେତେକଙ୍କ ଜୀବନ ଯିବାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିବ।

ମୋବାଇଲ୍: ୯୦୯୦୭୬୧୫୮୬

# ପୁଣି ଥରେ ହେଉ ସର୍ଜିକାଲ ଷ୍ଟ୍ରାଇକ

**ଆଶୁତୋଷ ନାୟକ**

ଏକବିଂଶ ଶତାବ୍ଦୀରେ ଆତଙ୍କବାଦ ଏକ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ। ବିଶ୍ୱ ବ୍ୟାପି ସମସ୍ୟା ଭାବେ ଏହା ଉଭା ହୋଇଛି। ଆନ୍ତଜାତୀୟ ଶାନ୍ତି ଏବଂ ନିରାପତ୍ତା ପାଇଁ ଏହା ମୁଖ୍ୟ ପ୍ରତିବନ୍ଧକ। ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ଧ୍ୱଂସର ତାଣ୍ଡବଲୀଳା ରଚିବା ଏବଂ ହିଂସା ମାଧ୍ୟମରେ ବର୍ବରତା ଓ ନିଷ୍ଠୁରତାର ସହ ନିରୀହ ମନୁଷ୍ୟକୁ ହତ୍ୟା କରିବା। ଆତଙ୍କବାଦୀ ମାନେ ସମଗ୍ର ମାନବ ଜାତି ପାଇଁ କଳଙ୍କ। ସେମାନଙ୍କ ପାଖରେ ମନୁଷ୍ୟତ୍ୱ ନଥାଏ। ଆତଙ୍କବାଦୀଙ୍କ ପାଖରେ କୌଣସି ମାନବୀୟ ଗୁଣ ନଥାଏ।ଦୟା, କ୍ଷମା, ସହନଶୀଳତା,ସାଧୁତା, ନମ୍ରତା, ଭଳି ମହନୀୟ ଗୁଣ ତାଙ୍କ ପାଖରେ ଆଶା କରିବା ସୈତାନର ବେଦ ପାଠ ସଦୃଶ। ଆତଙ୍କବାଦର ଫରାସୀ ଶବ୍ଦ "ଟେରୋରିଜମେ" ଯାହା ଲାଟିନ କ୍ରିୟା ଟେରେରେ ରୁ ଆସୁଅଛି। ଏହାର ଅର୍ଥ ଭୟ ଦେଖାଇବା।ଆତଙ୍କବାଦ ଏକ ପନ୍ଥା ଯାହାଦ୍ୱାରା ଏକ ସଂଗଠିତ ଗୋଷ୍ଠୀ ବା ଦଳ ନିଜର ଲକ୍ଷ୍ୟ ସାଧନ ପାଇଁ ହିଂସାର ପଦ୍ଧତି ଅବଲମ୍ବନ କରନ୍ତି। "ହାନସ ଯେ ମୋଙ୍ଗେଥାଉ" ମତରେ "ଖରାପ ଲୋକମାନେ ଯାହା କରନ୍ତି ତାହା ହେଉଛି ଆତଙ୍କବାଦ"। ଜଣେ ଚୀନ ଦାର୍ଶନିକଙ୍କ ମତରେ ଆତଙ୍କବାଦର ମୁଖ୍ୟ ଲକ୍ଷ୍ୟ ହେଉଛି ଜଣକୁ ହତ୍ୟା କରି ଅନେକଙ୍କୁ ଭୟଭୀତ କରାଇବା।

ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ମନୁଷ୍ୟ ଶ୍ରେଷ୍ଠ ଜୀବ। ମାନବ ଜନ୍ମର ସାର୍ଥକତା ଥାଏ ସୁନ୍ଦର ସମାଜ ଗଠନରେ। ମାତ୍ର ଅନେକ ସମୟରେ ନିର୍ବୋଧ ସ୍ୱାର୍ଥପର ମାନବ ପରିବେଶ ଓ ପରିସ୍ଥିତିର ପ୍ରଭାବରେ ପାଶବିକ ଆଚରଣ କରିଥାଏ ଏବଂ ନିଜ ପ୍ରାଣରେ ଭରିଦିଏ ପଶୁତ୍ୱ। ଏହି ପଶୁତ୍ୱରୁ ଜନ୍ମ ହୁଏ ଆତଙ୍କବାଦ। ମନୁଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥବାଦୀ ଅଭିଳାଷା ଚରିତାର୍ଥ କରିବା ନିମନ୍ତେ ବାଛିନିଏ ଆତଙ୍କର ପଥ,ଖେଳେ ରକ୍ତର ପୈଶାଚିକ ହୋଲି। ସେ କେବଳ ବୁଝେ ବନ୍ଧୁକ ଗୁଳିଗୋଳା ଓ ରକ୍ତର ପରିଭାଷା। ହିଂସା ହୁଏ ତାର ଅଳଙ୍କାର। ଏହି ଆତଙ୍କବାଦ ଭାରତବର୍ଷ ତଥା ସମଗ୍ର ବିଶ୍ୱର ଅନେକ ଦେଶକୁ କବଳିତ କରିଛି।ଏହିଭଳି ପରିସ୍ଥିତିକୁ ଲକ୍ଷ୍ୟ କରି କୁହାଯାଇଛି।"ମାନବ ପିଶାଚ କରିଅଛି ଆଜି ଭାରତ ମାକୁ ବନ୍ଦୀ କେତେ ନରହନ୍ତା କରନ୍ତି ତାଣ୍ଡବ ନେତ୍ରରେ ପୁତୁଳୀ ବାନ୍ଧି "ମୁମ୍ବାଇର ୨୬/୧୧ ଆତ୍ମଘାତୀ ଆକ୍ରମଣରେ ୨୫୦ରୁ ଅଧିକ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା।

ଆତଙ୍କବାଦ ଭାରତ ତଥା ବିଶ୍ୱ ପାଇଁ ପ୍ରମୁଖ ସମସ୍ୟା ଭାବେ ଦଣ୍ଡାୟମାନ। ଆତଙ୍କବାଦ କୌଣସି ଏକ ରାଷ୍ଟ୍ରର ଉନ୍ନତିର ପ୍ରତିବନ୍ଧକ। ଆମ ରାଷ୍ଟ୍ର ଭାରତ ସଦାସର୍ବଦା ଶାନ୍ତିପ୍ରିୟ। ଅନ୍ୟ ରାଷ୍ଟ୍ର ପାଇଁ ଭାରତ ପ୍ରେରଣାର ଉତ୍ସ। ବିଶ୍ୱର ଅନେକ ରାଷ୍ଟ୍ର ଭାରତକୁ ଆଦର୍ଶ ମନେକରନ୍ତି। ଆମ ରାଷ୍ଟ୍ର ଭାରତ ଦେବଭୂମି, ପୁଣ୍ୟଭୂମି, ଅନେକ ମହାପୁରୁଷଙ୍କ ଆବିର୍ଭାବ ହେଇଚି ଏଠାରେ। ରକ୍ତାକ୍ତ ସଂଘର୍ଷକୁ ଭାରତ ନାପସନ୍ଦ କରେ। ଅହିଂସା ଓ ଭାତୃତ୍ୱ ଆମ ରାଷ୍ଟ୍ର ଭାରତର ନୀତି ଓ ଆଦର୍ଶ। "ବସୁଧୈବ କୁଟୁମ୍ବକମ୍ " ଅର୍ଥାତ ସାରା ବିଶ୍ୱକୁ ଆମେ ନିଜର ପରିବାର ମାନିଥାଉ। ବନ୍ୟା, ବାତ୍ୟା, ମରୁଡି, ଭୂସ୍ଖଳନ, ଭୂମିକମ୍ପ, ସୁନାମି ପରି ପ୍ରାକୃତିକ ବିପତ୍ତି ସମୟରେ ପଡୋଶୀ ରାଷ୍ଟ୍ର ମାନଙ୍କୁ ସଦାସର୍ବଦା ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଛି ଆମ ରାଷ୍ଟ୍ର ଭାରତ। ଅତିଥି ଦେବୋ ଭଵଃ ନୀତି ଓ ଆଦର୍ଶରେ ଭାରତ ପରିଚାଳିତ।

ଇତିହାସର ପୃଷ୍ଠାକୁ ଆଲୋଚନା ଏବଂ ପ୍ରର୍ଯ୍ୟାଲୋଚନା କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ଆମ ଦେବଭୂମି, ପୁଣ୍ୟଭୂମି, ମାତୃଭୂମି ଭାରତ ସର୍ବଦା ଶାନ୍ତିପ୍ରିୟ, ନୀତି, ଆଦର୍ଶ, ନୈତିକତାକୁ ପ୍ରାଧାନ୍ୟ ଦିଏ।ସେଥିପାଇଁ ଆମ ରାଷ୍ଟ୍ର ଶ୍ରେଷ୍ଠ ଓ ମହାନ। ଆମେ ଭାରତବାସୀ ସେଥିପାଇଁ ଗର୍ବିତ। ଭୟଙ୍କର ମହାମାରୀ କରୋନା ସମୟରେ ଉଭୟ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରକୁ ସହାୟତା କରି ଉଦାହରଣ ସୃଷ୍ଟି କରିଥିଲା ଆମ ରାଷ୍ଟ୍ର ଭାରତ। ଏହାକୁ କୌଣସି ରାଷ୍ଟ୍ର ଅସ୍ୱୀକାର କରିପାରିବ ନାହିଁ। ଭାରତର ପଡୋଶୀ ରାଷ୍ଟ୍ର ଯେପରି ଚୀନ, ପାକିସ୍ତାନ, ଆଫଗାନିସ୍ଥାନ, ନେପାଳ,



ବାଂଲାଦେଶ, ଭୁଟାନ ପରି ଅନେକ ରାଷ୍ଟ୍ରଙ୍କ ବିପତ୍ତି ସମୟରେ ଆମ ରାଷ୍ଟ୍ର ଭାରତ ଯଥାସମ୍ଭବ ସାହାଯ୍ୟ କରି ବନ୍ଧୁତ୍ୱର ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିଛି।ସେଥିପାଇଁ ଆମ ରାଷ୍ଟ୍ର ଭାରତ ସର୍ବଶ୍ରେଷ୍ଠ। ଅନ୍ୟ ରାଷ୍ଟ୍ର ପାଇଁ ଭାରତ ପ୍ରେରଣାଦାୟୀ।

ଆମ ରାଷ୍ଟ୍ର ଭାରତ କୌଣସି ପରିସ୍ଥିତିରେ ଆମର ପଡୋଶୀ ରାଷ୍ଟ୍ରମାନଙ୍କ ସହ ବିଶ୍ୱାସଘାତ କରିନଥାଏ। କିନ୍ତୁ ଚୀନ, ପାକିସ୍ତାନ, କାନାଡ଼ା ପରି ରାଷ୍ଟ୍ର ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପାଇଁ ଭାରତ ବିରୁଦ୍ଧରେ ଆତଙ୍କବାଦୀଙ୍କ ଦ୍ୱାରା ଷଡଯନ୍ତ୍ର କରୁଛନ୍ତି। ଆତଙ୍କବାଦୀଙ୍କ କ୍ଷମତା ଏବଂ କାୟାବିସ୍ତାର ପାଇଁ ସେମାନଙ୍କୁ ପାଣ୍ଠି ଯୋଗାଉଛନ୍ତି ଏବଂ ଭାରତ ବିରୁଦ୍ଧରେ ବିଭିନ୍ନ ଅସାମାଜିକ କାର୍ଯ୍ୟ, ଦେଶବିରୋଧୀ ଗତିବିଧି ଚାଲୁରଖିଛନ୍ତି। ବନ୍ଧୁତ୍ୱ ପରି ପବିତ୍ର ଶବ୍ଦକୁ ଏହିପରି ରାଷ୍ଟ୍ର କଳଙ୍କିତ କରୁଛନ୍ତି।

ଏହିପରି ରାଷ୍ଟ୍ର ଆତଙ୍କୀ ସଙ୍ଗଠନ ମାନଙ୍କୁ ବିପୁଳ ପାଣ୍ଠି ଯୋଗାଉଛନ୍ତି ଯେପରି ଆତଙ୍କବାଦୀ ମାନେ ଆମ ଦେଶରେ ବିପୁଳ କ୍ଷତି ଘଟାଇବେ ଏବଂ ଆମ ଅର୍ଥନୀତିକୁ ଦୁର୍ବଳ କରିବେ। ଏହାହିଁ ସେମାନଙ୍କ ମୁଖ୍ୟ ଲକ୍ଷ୍ୟ। କ୍ଷମତା ମୋହରେ ଅନ୍ଧ ହୋଇ ପାକିସ୍ତାନର ମନ୍ତ୍ରୀମଣ୍ଡଳ, ଶାସନ ବ୍ୟବସ୍ଥା, ସରକାର ସମସ୍ତେ ନିଜ ସେନାର ଗୁଲାମୀ କରିଥାନ୍ତି।ପ୍ରକୃତ କ୍ଷମତା ପାକିସ୍ତାନର ସେନା ହାତରେ ରହିଥାଏ। ରିମୋଟ କଂଟ୍ରୋଲ ସେନା ହାତରେ ରହିଥାଏ। ସେନାର ଇସାରାରେ ସବୁକିଛି ହୋଇଥାଏ ପାକିସ୍ତାନରେ। ପାକିସ୍ତାନ ସରକାର ନିଜ ସେନାର ପ୍ରରୋଚନାରେ ଆତଙ୍କବାଦୀଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦିଏ ଏବଂ ତାଙ୍କର ହର୍ତ୍ତା କର୍ତ୍ତା ଦୈବ୍ୟ ବିଧାତା ସାଜିଥାଏ। ବଡ଼ ବଡ଼ ପ୍ରମୁଖ ଆତଙ୍କବାଦୀ ସଙ୍ଗଠନ ପାଇଁ ବିଶ୍ୱଦରବାରରେ ଓକିଲାତି କରେ ପାକିସ୍ଥାନ। ଏହା ଆମ ପଡୋଶୀ ରାଷ୍ଟ୍ର ପାକିସ୍ଥାନର ଅସଲ ଚରିତ୍ର।

ମୁମ୍ବାଇ ଆକ୍ରମଣରେ ଧରାପଡିଥିବା ମୁଖ୍ୟ ଖଳନାୟକ କସାବକୁ ଭାରତ ସରକାର ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ।

ପୁଲୱାମାରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୪୦ରୁ ଉର୍ଦ୍ଧ ଆମ ଦେଶର ଲଢୁଆ ସାହସୀ ବୀର ଯବାନ ସହୀଦ ହୋଇଥିଲେ। ଏହାର ପ୍ରତିଶୋଧ ସ୍ୱରୂପ ଭାରତୀୟ ବାୟୁସେନା ଆତଙ୍କବାଦୀଙ୍କ ଉପରେ ସର୍ଜିକାଲ ଷ୍ଟ୍ରାଇକ କରି ୧୪୦କୋଟି ଭାରତୀୟଙ୍କ ଦୁଃଖ ଓ କ୍ରୋଧ ଜର୍ଜରିତ ହୃଦୟରେ ଆନନ୍ଦର ଲହରୀ ସୃଷ୍ଟି କରିଥିଲେ। "ସେଣ୍ଟର ଫୋ଼ର ରିସର୍ଚ୍ଚ ଷ୍ଟଡି" ପାକିସ୍ତାନ ପକ୍ଷରୁ ଆସିଥିବା ରିପୋର୍ଟ ଅନୁସାରେ ଆତଙ୍କବାଦୀଙ୍କ ପୋଷ୍ଟପୋଷାକତା ଓ ହର୍ତ୍ତାକର୍ତ୍ତା ଦୈବ୍ୟବିଧାତା ସାଜିଥିବା ପାକିସ୍ତାନରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁଁ ୨୦୨୩ରେ ୭୦୦ରୁ ଉର୍ଦ୍ଧ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଛି। ଭାରତ ସରକାରଙ୍କ ତଥ୍ୟ ଅନୁସାରେ ୧୯୭୦ରୁ ୨୦୧୫ ମଧ୍ୟରେ ଭାରତରେ ୯୯୮୨ଟି ଆତଙ୍କବାଦୀ ହମଲା ହୋଇଥିଲା ବେଳେ, ୧୮,୮୪୨ରୁ ଉର୍ଦ୍ଧ ନିରୀହ ଜନତାଙ୍କ ମୃତ୍ୟୁ ହୋଇଥିଲା।୨୦୧୬ସେପ୍ଟେମ୍ବର୧୮ରେ କାଶ୍ମୀରର ଉରୀରେ ସବୁଠୁ ଭୟାନକ ହମଲା ହୋଇଥିବା ବେଳେ ଆମ ଦେଶର ୧୯ଜଣ ସାହସୀ ବୀର ଯବାନ ସହୀଦ ହୋଇଥିଲେ। ୨୦୧୯ ଫେବୃଆରୀ୧୪ରେ ବିଶ୍ୱ ଭାଲେଣ୍ଟାଇନସ ଦିବସ ପାଳୁଥିବା ବେଳେ ଆମ ଦେଶର ବୀର ଯବାନ ୪୨ଜଣ ସହୀଦ ହୋଇଥିଲେ।

ପାକିସ୍ତାନ ଓ କାନାଡ଼ା ଭଳି କିଛି ରାଷ୍ଟ୍ର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦେଉଛନ୍ତି। ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦେବା ଅର୍ଥ ବିଷଧର ସର୍ପକୁ ଦଂଶନ ପାଇଁ ଆମନ୍ତ୍ରଣ କରିବା ସଦୃଶ। ଭସ୍ମାସୁର ପରି ପରିସ୍ଥିତି ସୃଷ୍ଟି ହେବ, ରକ୍ଷା କରିବା ପାଇଁ କେହିନଥିବେ। ସେଥିପାଇଁ ଆମ ଭାଗବତ ରେ କୁହାଯାଇଛି

"ଆପଣା ହସ୍ତେ ଜିହ୍ୱା ଛେଦି,
କେ ଅଛି ତାର ପ୍ରତିବାଦୀ"

ଭାରତରେ କ୍ରମାଗତ ଭାବେ ହେଉଥିବା ଆତଙ୍କବାଦୀ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ଏକ ସୁଚିନ୍ତିତ ରଣନୀତି ଭାରତୀୟ ସେନା ଦ୍ୱାରା ପ୍ରସ୍ତୁତ କରାଯାଇଥିଲା।ଏହାର ମୁଖ୍ୟ କାରଣ ଥିଲା ଆତଙ୍କବାଦୀଙ୍କ ଉରିଆକ୍ରମଣ ଘଟଣା।୨୦୧୬ମସିହା ୧୮ସେପ୍ଟେମ୍ବର ବିଳମ୍ବିତ ରାତିରେ ଉରି ଉତ୍ତର କାଶ୍ମୀରର ବାରମୂଳା ଜିଲ୍ଲାରେ ଭାରତୀୟ ଯବାନଙ୍କ ସେନା ଶିବିର ଉପରେ ଆତ୍ମଘାତୀ ଆକ୍ରମଣ କରିଥିଲେ ପାକିସ୍ଥାନର ଆତଙ୍କବାଦୀ।। ଶୈତାନ ଅମାନବୀୟ ପିଶାଚ ଆତଙ୍କବାଦୀ ମାନେ ନିଦରେ ଶୋଇଥିବା ଭାରତୀୟ ଯବାନଙ୍କୁ ହତ୍ୟା କରିଥିଲେ।ଏହି ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ନିଜର ରଣକୌଶଳ ପ୍ରସ୍ତୁତ କରିଥିଲା ଯେତେବେଳେ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଥିଲେ ଏବଂ କହିଥିଲେ ବ୍ୟର୍ଥ ଯିବନି ଆମର ବୀର ଯବାନଙ୍କ ବଳିଦାନ।

ଶତ୍ରୁପକ୍ଷ ସୀମାରେ ପଶି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସାମରିକ କାର୍ଯ୍ୟାନୁଷ୍ଠାନ ହେଉଛି ସର୍ଜିକାଲ ଷ୍ଟ୍ରାଇକ। ଏହି ପ୍ରଧ୍ୟତିରେ ସର୍ବଦା ଇସ୍ରାଏଲ ପରି ରାଷ୍ଟ୍ର ନିଜ ଶତ୍ରୁକୁ ଦମନ କରିଥାଏ। ୨୦୧୬ମସିହା ସେପ୍ଟେମ୍ବର୨୪ ତାରିଖରେ ପ୍ରଥମ ସର୍ଜିକାଲ ଷ୍ଟ୍ରାଇକ ପାଇଁ ରଣନୀତି ରଚିଥିଲା ଆମ ଭାରତୀୟ ସେନା। ଆଉ ସେତେବେଳେ ପାକିସ୍ଥାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କୀ ଶିବିରକୁ ସଂପୂର୍ଣ୍ଣ ଧ୍ୱଂସ କରିବାକୁ ଭାରତର ଘାତକ କମାଣ୍ଡୋମାନେ ୨୦୧୬ମସିହା ସେପ୍ଟେମ୍ବର ୨୮ଏବଂ ୨୯ ମଧ୍ୟରାତ୍ରିରେ କରିଥିଲେ ଭୟଙ୍କର ଆକ୍ରମଣ।

ଆଖିପିଛୁଳାକେ ଆତଙ୍କୀ ଶିବିରକୁ ଧ୍ୱଂସ କରିଦେଇଥିଲେ ଆମ ଭାରତୀୟ ସେନା ଏବଂ ଏହି ଅପେରସନରେ ଅନେକ ଆତଙ୍କବାଦୀ ମୃତାହତ ହୋଇଥିଲେ। ସାରା ବିଶ୍ୱ ଦେଖିଥିଲା ଭାରତର ସାମରିକ ଶକ୍ତି। ରକ୍ତର ପ୍ରତିଶୋଧ ରକ୍ତରେ ନେଇଥିଲେ ଆମ ଦେଶର ଲଢୁଆ ବୀର ସାହସୀ ଯବାନ। ସର୍ବଦା ଶାନ୍ତିରେ ବିଶ୍ୱାସ ରଖୁଥିବା ଭାରତକୁ ଉସକାଇଥିଲେ ଆତଙ୍କବାଦୀ ମାନେ।ଅନେକ ଆତଙ୍କୀ ଶିବିର ନିଜର ଅସ୍ତିତ୍ୱ ହରାଇଥିଲା।ଭାରତର ଲଢୁଆ ବୀର ଯବାନଙ୍କ ପ୍ରତିରୋଧ କରିବାର ସାମର୍ଥ କାପୁରୁଷ ଆତଙ୍କବାଦୀଙ୍କର ନଥିଲା।ପାଖାପାଖି ୩ଘଣ୍ଟାର ସର୍ଜିକାଲ ଷ୍ଟ୍ରାଇକ ପରେ ପାକିସ୍ତାନ ଅଧିକୃତ କାଶ୍ମୀରର ସମସ୍ତ ଆତଙ୍କୀ ଶିବିର ଜଳିପୋଡି ପାଉଁଶ ହୋଇ ଯାଇଥିଲା। ଭାରତୀୟ ଯବାନଙ୍କ ବୀରତ୍ୱର ଅମର ଗାଥା ଇତିହାସର ସୁନେଲି ଅକ୍ଷରରେ ଲିପିବଦ୍ଧ ହୋଇରହିବ। ଏବେ ନିକଟରେ ଜମ୍ମୁକାଶ୍ମୀରର ଡୋଡ଼ା ଜିଲ୍ଲାରେ ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀ ମଧ୍ୟରେ ଗୁଳି ବିନିମୟ ବେଳେ ୪ଜଣ ଯବାନ ସହିଦ ହୋଇଯାଇଛନ୍ତି। ଗତ କିଛି ଦିନ ମଧ୍ୟରେ ଜମ୍ମୁର ବିଭିନ୍ନ ସ୍ଥାନରେ ବାରମ୍ବାର ଆତଙ୍କବାଦୀ ଆକ୍ରମଣ ହେଉଛି। ୩୨ମାସ ଭିତରେ ଜମ୍ମୁଅଞ୍ଚଳରେ ସହିଦ ହୋଇଥିବା ଯବାନଙ୍କ ସଂଖ୍ୟା ୪୮କୁ ବୃଦ୍ଧି ପାଇଛି। ଆମ ଦେଶର ଲଢୁଆ ବୀର ସାହସୀ ଯବାନଙ୍କ ବଳିଦାନ ଯେପରି ବ୍ୟର୍ଥ ନଯାଉ ସେଥିପାଇଁ ଆତଙ୍କବାଦୀଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ପଡ଼ିବ ଏବଂ ଆଉ ଥରେ ସର୍ଜିକାଲ ଷ୍ଟ୍ରାଇକ ପରି ବଡ଼ ଅପେରସନ କରିବାକୁ ପଡ଼ିବ। ଏହା ହୋଇପାରିଲେ ଆମର ସହିଦ ଯବାନଙ୍କ ପାଇଁ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

ମୋବାଇଲ-୭୦୨୦୭୬୧୧୩୦

# କଂଗ୍ରେସର ଅସୁବିଧା କ'ଣ ?

ହିମାଚଳ ପ୍ରଦେଶର ସୁଖୁ ସରକାର ବିବାହ ପାଇଁ ସର୍ବନିମ୍ନ ବୟସ ସୀମା ବୃଦ୍ଧି କରି ପ୍ରକୃତରେ କ'ଣ ହାସଲ କରିବାକୁ ଚାହୁଁଛନ୍ତି ତାହା ବୁଝିବା କଷ୍ଟକର। ବିବାହର ସର୍ବନିମ୍ନ ବୟସ ୨୧କୁ ବୃଦ୍ଧି କରି ଚଳିତ ସପ୍ତାହରେ ରାଜ୍ୟ ବିଧାନସଭାରେ ଏକ ବିଲ୍ ପାରିତ ହୋଇଥିଲା। ଆଶ୍ଚର୍ଯ୍ୟର କଥା ହେଉଛି, ରାଜ୍ୟର ଶାସକ ଦଳ କଂଗ୍ରେସ ମଧ୍ୟ ଏହି ପଦକ୍ଷେପକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛି।

ବିଧାନସଭାରେ ପାରିତ ହୋଇଥିଲେ ମଧ୍ୟ ଏହି ବିଲ୍ ଆଇନରେ ପରିଣତ ହେବା କଷ୍ଟକର। ଏହି ବିଲ୍ ବାଲ୍ୟ ବିବାହ ନିଷେଧ ଆଇନ, ୨୦୦୬ରେ ସଂଶୋଧନ କରିଛି, ଯାହା ସଂସଦରେ ପାରିତ ହୋଇଛି। ଅବଶ୍ୟ ରାଜ୍ୟପାଳଙ୍କ ଦସ୍ତଖତ ପରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଇବାକୁ ପଡ଼ିବ। ସମଗ୍ର ଦେଶରେ ଲାଗୁ ହେଉଥିବା ବିଲ୍‌ଠାରୁ ଭିନ୍ନ ବ୍ୟବସ୍ଥା ଥିବା ଏହି ବିଲ୍‌କୁ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିବ କି? ଏହି ବିଲ୍ ମଧ୍ୟ କଂଗ୍ରେସ ଦଳ ପାଇଁ ଅସହଜ ପରିସ୍ଥିତି ସୃଷ୍ଟି କରିଛି। ଚଳିତ ବର୍ଷ କେନ୍ଦ୍ର ସରକାର ଗତ ଲୋକସଭାରେ ସମାନ ଆଇନ ଆଣିବାକୁ ଚେଷ୍ଟା କରିଥିବାବେଳେ କଂଗ୍ରେସ ଏହାକୁ ବିରୋଧ କରିଥିଲା। ଏଭଳି ସ୍ଥିତିରେ ଏବେ ରାଜ୍ୟରେ ଏହି ବିଲ୍ ପାରିତ ହେବା ପରେ ତାଙ୍କ ସାମ୍ନାରେ ପ୍ରଶ୍ନ ଉଠୁଛି ଯେ ଯଦି ସେ ଏହି ବିଲ୍କୁ ନିନ୍ଦା କରନ୍ତି ତେବେ ଏହାକୁ କେମିତି ଓ କିପରି ପାଳନ କରିବେ। ତା'ଛଡ଼ା ରାଜ୍ୟରେ ଏଭଳି ପଦକ୍ଷେପ ନେବାକୁ କୌଣସି ଦାବି ହୋଇନଥିଲା। ଏପରି ନୁହେଁ ଯେ ବାଲ୍ୟ ବିବାହକ୍ଷେତ୍ରରେ ହିମାଚଳ ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ରହିଛି। ଝାଡ଼ଖଣ୍ଡ ଭଳି ରାଜ୍ୟରେ ସ୍ଥିତି ଆହୁରି ଖରାପ ରହିଛି। କିନ୍ତୁ ଯଦି ରାଜ୍ୟରେ ବାଲ୍ୟ ବିବାହର କିଛି ମାମଲା ଘଟେ, ତେବେ ଆଇନ ପ୍ରଣୟନ କରି ଏହାକୁ ରୋକିବା ଚିନ୍ତାଧାରାକୁ ଅବ୍ୟବହୃତ ଓ ବାଳିକା ବୋଲି କୁହାଯିବ।

ଝିଅମାନଙ୍କର କମ୍ ବୟସରେ ବିବାହ ପଛରେ ଦାରିଦ୍ର୍ୟ, ଶିକ୍ଷାର ଅଭାବ, ସୁଯୋଗର ଅଭାବ ଓ ପୁରୁଷତାନ୍ତ୍ରିକ ଚିନ୍ତାଧାରା ଭଳି କାରଣ ରହିଛି। ଦେଶରେ ଏହି ସବୁ କ୍ଷେତ୍ରରେ ସ୍ଥିତି ବଦଳିବା ସହ ବାଲ୍ୟ ବିବାହ ରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍) ୩ ଅନୁଯାୟୀ, ଦେଶରେ ୨୦ରୁ ୨୪ ବର୍ଷ ମଧ୍ୟରେ ୪୭ ପ୍ରତିଶତ ମହିଳାଙ୍କ ବିବାହ ୧୮ ବର୍ଷ ବୟସ ପୂର୍ବରୁ ହୋଇଥିବା ଜଣାପଡ଼ିଛି। ଏନ୍‌ଏଫ୍‌ଏଚ୍‌ଏସ୍-୪ରେ ଏହା ୨୭ ପ୍ରତିଶତ ଓ ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ୨୩ ପ୍ରତିଶତକୁ ଖସି ଆସିଛି। ଆଇନରେ ପରିବର୍ତ୍ତନ କରିବାର କୌଣସି ଆବଶ୍ୟକତା ନ ଥିଲା।

ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ଯାହା ହେଉ ନା କାହିଁକି, ଏହି ପଦକ୍ଷେପ ସମସ୍ୟାର ସମାଧାନରେ ସହାୟକ ହେବ ନାହିଁ, ବରଂ ଏହା ଆଇନଗତ ଦ୍ୱନ୍ଦ୍ୱ ବଢ଼ାଇବ। ସରକାର ଏହି ପଦକ୍ଷେପ ପ୍ରତ୍ୟାହାର କରି ବାଳିକା ସଶକ୍ତୀକରଣ ଦିଗରେ ପ୍ରୟାସକୁ ତ୍ୱରାନ୍ୱିତ କଲେ ଭଲ ହେବ।

## ପାକିସ୍ତାନରେ ଭୂମିକମ୍ପ, ଦିଲ୍ଲୀରେ ଝଟକା

ନୂଆଦିଲ୍ଲୀ, ୧୧।୯: ପାକିସ୍ତାନରେ ଆଜି ୫.୮ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଏହାର ପ୍ରଭାବରେ ଦିଲ୍ଲୀ ଏବଂ ଉତ୍ତର ଭାରତର ବିଭିନ୍ନ ସ୍ଥାନରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଦିଲ୍ଲୀ ବ୍ୟତିତ ୟୁପି, ପଞ୍ଜାବ, ହରିୟାନା ଏବଂ ଜାମ୍ମୁରେ ଏହାର ପ୍ରଭାବ ଅନୁଭବ କରାଯାଇଛି। ଇସଲାମାବାଦରୁ ମିଳିଥିବା ସୂଚନା ଅନୁଯାୟୀ ପାକିସ୍ତାନର କାରୋର ସହରଠାରୁ ୨୫ କିମି ଦୂର ଦକ୍ଷିଣ ପଶ୍ଚିମ ଦୂରରେ ଏହି ଭୂମିକମ୍ପ କେନ୍ଦ୍ରୀଭୂତ ହୋଇଥିଲା। ଭୂଗର୍ଭର ୨୫ କିମି ଗଭୀରରେ ଏହାର ଉତ୍ପତ୍ତି ସ୍ଥଳ ଥିଲା। ଏହାର ପ୍ରଭାବ ରାଜଧାନୀ ଇସଲାମାବାଦ ଏବଂ ପାକିସ୍ତାନର ଅନ୍ୟାନ୍ୟ ସହରରେ ମଧ୍ୟ ଅନୁଭୂତ ହୋଇଛି। ଏଥିରେ କ୍ଷୟକ୍ଷତି ସମ୍ପର୍କିତ ଖବର ମିଳିନାହିଁ।

## ମଲାଇକାଙ୍କ ବାପା ଛାତରୁ ଡେଇଁ ଆତ୍ମହତ୍ୟା କଲେ

ମୁମ୍ବାଇ, ୧୧।୯: ବଲିଉଡ୍ ଅଭିନେତ୍ରୀ ମଲାଇକା ଆରୋରାଙ୍କ ବାପା ଅନିଲ ଆରୋରା (୬୨) ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ବୁଧବାର ସକାଳ ପାୟ ୯ଟା ବେଳେ ଅନିଲ ବାନ୍ଦ୍ରାସ୍ଥିତ ନିଜ ଗର ଛାତରୁ ହେଇଁ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଆତ୍ମହତ୍ୟାର କାରଣ ସମ୍ପର୍କରେ କିଛି ଜଣାପଡ଼ିନି ବା ସେ କିଛି ଲିଖିତ ନୋଟ ଛାଡ଼ି ଯାଇ ନାହାଁନ୍ତି। ବାନ୍ଦ୍ରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ କହିଛି ଯେ, ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ମାମଲା ଭଳି ମନେ ହେଉଛି। ବାବା ହସ୍ପିଟାଲରେ ବ୍ୟବଚ୍ଛେଦ କରାଯାଉଛି। ରିପୋର୍ଟ ଆସିବା ପରେ ସବୁ କଥା ସ୍ପଷ୍ଟ ହେବ।

## କେଜରିୱାଲଙ୍କ ହାଜତ ମିଆଦ ୨୫ ପର୍ଯ୍ୟନ୍ତ ବଢ଼ିଲା

ନୂଆଦିଲ୍ଲୀ, ୧୧।୯: ମଦ ଦୁର୍ନୀତି ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ହାଜତ ମିଆଦକୁ କୋର୍ଟ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସ୍ପେଶିଆଲ ଜଜ କାବେରୀ ବାୱେଜା କେଜରିୱାଲଙ୍କ ବିଚାର ବିଭାଗୀୟ ହାଜତ ମିଆଦକୁ ବୃଦ୍ଧି କରିଛନ୍ତି। ଅନ୍ୟ ପକ୍ଷରେ ଆପ ବିଧାୟକ ଦୁର୍ଗେସ ପାଠକଙ୍କୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଗତ ୩ ତାରିଖରେ କୋର୍ଟ କେଜରିୱାଲଙ୍କୁ ସମନ ଜାରିଥିଲେ। ତଦନୁଯାୟୀ କେଜରିୱାଲ ଆଜି କୋର୍ଟରେ ହାଜର ହୋଇଥିଲେ। ସିବିଆଇ ପକ୍ଷରୁ ତାଙ୍କ ବିରୋଧରେ ଏହି ମାମଲାରେ ଚତୁର୍ଥ ଅତିରିକ୍ତ ଚାର୍ଜସିଟ ଦାଖଲ ହୋଇଛି।

## ନାବାଳିକାକୁ ଘରୁ ଟାଣିନେଲା ଗଧିଆ

ଲକ୍ଷ୍ନୌ, ୧୧।୯: ଉତ୍ତରପ୍ରଦେଶର ବାହାରାଇଚ୍‌ରେ ମଣିଷଖିଆ ଗଧିଆର ଆତଙ୍କ ଥମିବା ନାଁ ଧରୁନି । ଗତକାଲି ସୁଦ୍ଧା ୫ଟି ଗଧିଆ ଧରା ପଡ଼ିଥିଲେ ବି ଥମୁନି ଆକ୍ରମଣ । ଗତରାତିରେ ପୁଣି ଥରେ ଗଧିଆ ଆକ୍ରମଣରେ ଜଣେ ୧୧ ବର୍ଷୀୟା ନାବାଳିକା ଗୁରୁତର ହୋଇଛି। ନାବାଳିକାଜଣକ ଘରେ ଶୋଇଥିବା ବେଳେ ଗଧିଆ ତାକୁ ଘରୁ ଟାଣିନେଇଥିଲା। ଗଧିଆ ଆକ୍ରମଣରେ ନାବାଳିକାଜଣକ ଲହୁଲୁହାଣ ହୋଇଥିଲେ। ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ନାବାଳିକାର ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ବାହରାଇଚ୍‌ରେ ଗଧିଆ ଆତଙ୍କ ଜାରି ରହିଥିବା ବେଳେ ଗତକାଲି ସୁଦ୍ଧା ୫ଟି ଗଧିଆକୁ କାବୁ କରି ସାରିଛି ବନ ବିଭାଗ । ଏବେ ବି ଆଉ ଏକ ମଣିଷଖିଆ ଗଧିଆ ବାହାରେ ବୁଲୁଥିବା ଜଣାଯାଇଛି। ତେବେ ଅନ୍ୟ ଗଧିଆମାନେ ଧରା ପଡ଼ି ସାରିଥିବା ବେଳେ ବାହାରେ ବୁଲୁଥିବା ଗଧିଆଟି ଅଧିକ ଆକ୍ରାତ୍ମକ ହୋଇଥିବା ଅନୁମାନ କରାଯାଉଛି। ଗଧିଆ ଆକ୍ରମଣରେ ଏଯାବତ ୮ ଜଣଙ୍କ ମୃତ୍ୟୁ ହୋଇ ସାରିଥିବା ବେଳେ ୨୦ରୁ ଅଧିକ ଜଣ ଆହତ ହୋଇଛନ୍ତି। ବନ ବିଭାଗ ପକ୍ଷରୁ 'ଅପରେସନ ଗଧିଆ' ଅଭିଯାନ ଆରମ୍ଭ ହୋଇଥିବା ବେଳେ ଶେଷ ଗଧିଆକୁ ବି ଖୁବ୍ ଶୀଘ୍ର କାବୁ କରାଯିବ ବୋଲି ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।

**ମସଜିଦ ବିବାଦ**

# ବିକ୍ଷୋଭକାରୀଙ୍କ ଉପରେ ପୁଲିସ୍‌ର ଲାଠିଚାର୍ଜ, ପାଣି ମାଡ଼




ସିମ୍‌ଲା, ୧୧।୯: ହିମାଚଳପ୍ରଦେଶର ଶିମଲା ଅନ୍ତର୍ଗତ ସଞ୍ଜୌଲି ଅଞ୍ଚଳର ପ୍ରବେଶ ପଥ ପାଲଟିଛି ରଣକ୍ଷେତ୍ର। ମୁହାଁମୁହିଁ ହୋଇଛନ୍ତି ବିକ୍ଷୋଭକାରୀ ଓ ପୁଲିସ୍। ସ୍ଥିତି ଏପରି ହୋଇଛି ଯେ ବିକ୍ଷୋଭକାରୀଙ୍କ ଘଉଡ଼ାଇବା ପାଇଁ ପୁଲିସ୍ ବାଧ୍ୟ ହୋଇ ଲାଠିଚାର୍ଜ କରିଛି। ପୁଲିସ୍ ପକ୍ଷରୁ ବିକ୍ଷୋଭକାରୀଙ୍କ ଉପରକୁ ପାଣି ମଧ୍ୟ ମାଡ଼ କରାଯାଇଛି। ଏହି ଘଟଣାରେ ଅନେକ ବିକ୍ଷୋଭକାରୀ ଆହତ ହୋଇଛନ୍ତି। ସଞ୍ଜୌଲି ଅଞ୍ଚଳରେ ଥିବା ଗୋଟିଏ ମସଜିଦରେ ନିର୍ମାଣ କାମ ଚାଲିଥିବାରୁ ସ୍ଥାନୀୟ ଅଞ୍ଚଳର କିଛି ହିନ୍ଦୁ ସଂଗଠନ ଏହା ବିରୋଧରେ ବିକ୍ଷୋଭ କରୁଛନ୍ତି। ଏଠାରେ ବେଆଇନ ଭାବେ ପ୍ରଥମ ମହଲାରେ ନିର୍ମାଣ କାମ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ମସଜିଦରେ ବେଆଇନ ଭାବେ ନିର୍ମାଣ ହେଉଥିବା ଦାବି କରି ଆଜି କିଛି ହିନ୍ଦୁ ସଂଗଠନ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ହିମାଚଳ ସରକାର ସଞ୍ଜୌଲି ଅଞ୍ଚଳରେ କଟକଣା ଲଗାଇଥିଲେ। ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ୟାରିକେଡ ଲଗାଯାଇଥିଲା। ହେଲେ ବିକ୍ଷୋଭକାରୀମାନେ ଏହାକୁ ହଟାଇ ଧାଲ୍ଲି ଟନେଲରେ ପ୍ରବେଶ କରିଥିଲେ। ଏହି ଟନେଲ ସଞ୍ଜୌଲି ଅଞ୍ଚଳକୁ ସଂଯୋଗ କରୁଛି। ବିକ୍ଷୋଭକାରୀମାନେ ଟନେଲ ଦେଇ ନିର୍ମାଣ ଚାଲିଥିବା ମସଜିଦ ଆଡ଼କୁ ଯିବା ବେଳେ ପୁଲିସ୍ ସେମାନଙ୍କୁ ଅଟକାଇଥିଲା। ଏହାକୁ ନେଇ ଦୁଇ ପକ୍ଷଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ସ୍ଥିତି ବେକାବୁ ହେବାରୁ ପୁଲିସ୍ ବିକ୍ଷୋଭକାରୀଙ୍କ ଉପରେ ଲାଠି ଚାର୍ଜ କରିବା ସହ ସେମାନଙ୍କ ଉପରକୁ ପାଣି ମାଡ଼ କରିଛି। ଏହାବାଦ ଶିମଲାରେ ଆଉ କିଛି ସ୍ଥାନରେ ମଧ୍ୟ ପୁଲିସ ଓ ବିକ୍ଷୋଭକାରୀ ମୁହାଁମୁହିଁ ହୋଇଛନ୍ତି।

ରାଜ୍ୟର ମନ୍ତ୍ରୀ ବିକ୍ରମାଦିତ୍ୟ ସିଂହ କହିଛନ୍ତି, "ପରିସ୍ଥିତି ପୂରା ସ୍ପଷ୍ଟ। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କର ଅଛି। ସରକାର ମଧ୍ୟ ସମାନ କଥା କହିଛନ୍ତି। କିନ୍ତୁ ଶାନ୍ତି ଭଙ୍ଗ ହେବା ଭଳି ସ୍ଥିତି ସୃଷ୍ଟି ନ ହେବା ଉଚିତ। ପୁଲିସ୍ ସବୁ ପ୍ରକାରର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ କଟକଣା ଲଗାଇଥିଲା। ପୂରା ଅଞ୍ଚଳ ପୁଲିସ୍ ଛାଉଣୀରେ ପରିଣତ ହୋଇଥିଲା। ପୁଲିସ୍‌କୁ ଆଇନ ଶୃଙ୍ଖଳା ଦାୟିତ୍ୱ ଦିଆଯାଇଛି। ପୁଲିସ୍ ସେହି ଅନୁସାରେ ପଦକ୍ଷେପ ନେବ। ବେଆଇନ ନିର୍ମାଣ ଅଭିଯୋଗର ବିଚାର ଚାଲିଛି। ଶୁଣାଣି ସରିବା ପରେ ସରକାର ଉପଯୁକ୍ତ ପଦକ୍ଷେପ ନେବେ। ଆମେ ପୂର୍ବରୁ କହି ସାରିଛୁ ଓ ଏବେ ବି କହୁଛୁ ଯେ ଯଦି କୌଣସି ବେଆଇନ କାମ ହୋଇଥିବ, ତା'ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାକୁ ଭଙ୍ଗା ଯିବ।" ମସଜିଦ ନିର୍ମାଣକୁ ନେଇ ବିବାଦ ଚାଲିଥିବା ବେଳେ ହିନ୍ଦୁ ସଂଗଠନ ବନ୍ଦ ଡାକରା ଦେଇଥିଲେ। ଉତ୍ତେଜନା ଆଶଙ୍କାରେ ପୁଲିସ୍ ପକ୍ଷରୁ କଟକଣା ଲାଗୁ କରାଯାଇଥିଲା। ବୁଧବାର ସକାଳ ୭ଟାରୁ ରାତି ୧୧.୫୯ ଯାଏ ସଞ୍ଜୌଲିରେ କଟକଣା ଲାଗୁ କାରାଯାଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୧୬୩ ଏଠାରେ ଲାଗୁ କରାଯାଇଛି। ଏହାର ଅର୍ଥ ବିନା ଅନୁମତିରେ ୫ ଜଣ ଲୋକ ଗୋଟିଏ ସ୍ଥାନରେ ଏକାଠି ହୋଇପାରିବେ ନାହିଁ। ତଥାପି ହିନ୍ଦୁ ସଂଗଠନର ଶତାଧିକ ଲୋକ ଏକାଠି ହୋଇ ସଞ୍ଜୌଲିରା ପ୍ରବେଶ ପାଇଁ ଚେଷ୍ଟା କରିଥିଲେ। ଏଥିଯୋଗୁ ପୁଲିସ୍ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ମହାୟୁତିରେ ଆସନ ବୁଝାମଣା ନେଇ ମତଭେଦ



ମୁମ୍ବାଇ, ୧୧।୯: ମହାରାଷ୍ଟ୍ରରେ କ୍ଷମତାସୀନ ମହାୟୁତିରେ ତିନି ଅଂଶୀଦାର ଦଳ ବିଜେପି, ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ଓ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ମଧ୍ୟରେ ଆସନ ବୁଝାମଣାକୁ ନେଇ ସୃଷ୍ଟି ହୋଇଛି ବିବାଦ। ଆସନ୍ତା ନଭେମ୍ବରରେ ରାଜ୍ୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏଥିଲାଗି ତିନ ଦଳ ମଧ୍ୟରେ ଏବେଠାରୁ ଆସନ ବୁଝାମଣା ନେଇ ଆଲୋଚନା ଆରମ୍ଭ ହୋଇଛି। ୨୮୮ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ମ୍ୟାଜିକ ନମ୍ବର ହେଲା ୧୪୫। ଶାସକ ମେର୍ଚ୍ଚାର ସବୁଠାରୁ ବଡ଼ ଦଳ ବିଜେପି ଏକାକି ୧୬୦ ଆସନ ଲଢ଼ିବାକୁ ଚାହୁଁଛି। କିନ୍ତୁ ଅନ୍ୟ ଦୁଇ ସହଯୋଗୀ ଦଳ ମଧ୍ୟ ଅଧିକ ଆସନ ଦାବି କରୁଛନ୍ତି। ସିନ୍ଦେଙ୍କ ଶିବସେନା ୧୦୦ରୁ ଅଧିକ ଆସନ ଦାବି କରୁଥିବା ବେଳେ ଅଜିତ ପାୱାରଙ୍କ ଏନସିପି ୬୦ରୁ ୮୦ ଆସନ ଦାବି କରୁଛି। ତେଣୁ ଶାସକ ମେଣ୍ଟରେ ଅଚଳାବସ୍ଥା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଏଭଳି ପରିସ୍ଥିତିରେ ତିନି ଦଳକୁ ନିଜ ନିଜ ଦାବିରୁ ଅତି କମରେ ୧୦ରୁ୨୦ ଆସନ କମାଇବାକୁ ପଡ଼ିବ। ଏପରି ହେଲେ ବିଜେପି ୧୫୦, ସିନ୍ଦେଙ୍କ ଶିବସେନା ୮୦ ଏବଂ ଏନସିପି ୫୦ ଆସନ ଲଢ଼ିପାରେ।

ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମୁମ୍ବାଇ ଗସ୍ତରେ ଆସିଥିବା ବେଳେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ତାଙ୍କ ସହ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଆସନ ବୁଝାମଣା ସଂକ୍ରାନ୍ତରେ ପ୍ରାରମ୍ଭିକ ଆଲୋଚନା କରିଥିଲେ। ଏହି ସମୟରେ ସେ ଶିବସେନା (ସିନ୍ଦେ) ଅତି କମରେ ୧୦୦ ଆସନ ଲଢ଼ିବାକୁ ଚାହୁଁଥିବା କହିଥିଲେ। ଶିବସେନା (ସିନ୍ଦେ ଗୋଷ୍ଠୀ)ର ଜଣେ ନେତା କହିଛନ୍ତି ଯେ, ଗତ ଲୋକସଭା ନିର୍ବାଚନରେ ଦଳ ଉଭୟ ହିନ୍ଦୁତ୍ୱ ଏବଂ ମରାଠୀ ଭୋଟ ଏକତ୍ର ପାଇବାରେ ସଫଳ ହୋଇଥିଲା। ଉଦ୍ଧବ ଠାକରେଙ୍କ ନେତୃତ୍ୱାଧିନ ଦଳ ଇଣ୍ଡିଆ ମେଣ୍ଟର ନିର୍ବାଚନୀ ରଣକୌଶଳ ଯୋଗୁ ସଫଳତା ହାସଲ କରିଛି। ବିଧାନସଭା ନିର୍ବାଚନରେ ଯଦି ଶିବସେନା (ସିନ୍ଦେ) ୧୦୦ ଆସନ ଲଢ଼ିବ ତେବେ ୮୦ ଆସନରେ ଜିତିବା ସମ୍ଭାବନା ରହିଛି ବୋଲି ସେ ଦାବି କରିଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ମହାୟୁତି ବା ଏନଡିଏର ଅଂଶୀଦାର ଦଳ ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହେବ ବୋଲି ଆଶା କରାଯାଉଛି। ଅନ୍ୟ ପକ୍ଷରେ ୨୫ଟି ଆସନରେ ମହାୟୁତିର ଅଂଶୀଦାର ଦଳ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲା ନେଇ ବିଜେପି ପ୍ରସ୍ତାବ ଦେଇଥିବା କଥାକୁ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଅସ୍ୱୀକାର କରିଛନ୍ତି।

**ରାହୁଲଙ୍କୁ ଶାହା-ରାଜନାଥଙ୍କ କଡ଼ା ଜବାବ**



## ବିଜେପି ଥିବା ପର୍ଯ୍ୟନ୍ତ ସଂରକ୍ଷଣ ହଟିବ ନାହିଁ

ନୂଆଦିଲ୍ଲୀ, ୧୧।୯: ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆମେରିକାରେ ସଂରକ୍ଷଣ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଦେଇଥିବା ବୟାନ ଉପରେ ବିଜେପି କଡ଼ା ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ବିଜେପିର ଦୁଇ ବରିଷ୍ଠ ନେତା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ରାହୁଲଙ୍କୁ ସମାଲୋଚନା କରି କହିଛନ୍ତି ଯେ, କଂଗ୍ରେସ ସର୍ବଦା ଦେଶବିଭାଜନକାରୀ ଏବଂ ଦେଶବିରୋଧୀଙ୍କ ସମର୍ଥନରେ ବାହାରିଛି। ରାହୁଲଙ୍କ ମୁଣ୍ଡରେ ସର୍ବଦା ସଂରକ୍ଷଣ ଉଚ୍ଛେଦ ଚିନ୍ତାଧାରା ରହିଛି। ତେଣୁ ଏହା ଆପେ ଆପେ ତାଙ୍କ ତୁଣ୍ଡରୁ ବାହାରି ଆସୁଛି।

ଶାହା କହିଛନ୍ତି ଯେ, ଯେ ପର୍ଯ୍ୟନ୍ତ ବିଜେପି ରହିଥିବ ସେ ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟବସ୍ଥା ହଟିବ ନାହିଁ କିମ୍ବା ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନ ହେବ ନାହିଁ। ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗଙ୍କ ସ୍ୱାର୍ଥ ସହିତ କେବେ ସାଲିସ କରାଯିବ ନାହିଁ କିମ୍ବା ସେମାନଙ୍କ ସ୍ୱାର୍ଥ ବିରୋଧୀ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ। କଂଗ୍ରେସ ଅତୀତରେ ଜାମ୍ମୁ-କାଶ୍ମୀରର ବିଚ୍ଛିନ୍ନତାବାଦୀ ସଙ୍ଗଠନ ସହ ହାତ ମିଳାଇଛି ଏବଂ ଆତଙ୍କବାଦୀଙ୍କ ପ୍ରତି କୋହଳ ଆଭିମୁଖ୍ୟ ଗ୍ରହଣ କରିଆସିଛି।

## କୋଚିଂ କ୍ଲାସ୍‌ରେ ଛାତ୍ରୀଙ୍କୁ ଗୁଳିକଲା ଛାତ୍ର

ପାଟନା, ୧୧।୯: କୋଚିଂ କ୍ଲାସ୍ ଖଚାଖଚ ଭିଡ଼ ଥିଲା। ପିଲାମାନେ ପାଠପଢ଼ାରେ ବ୍ୟସ୍ତ ଥିଲେ। ଏହି ସମୟରେ ହଠାତ୍ ଜଣେ ଛାତ୍ର କ୍ଲାସ୍‌ରେ ପହଞ୍ଚିଲା । ଆଉ ସଙ୍ଗେସଙ୍ଗେ ଜଣେ ଛାତ୍ରୀଙ୍କୁ ଟାର୍ଗେଟ କରି ଗୁଳି ମାଡ଼ କଲା। ଏଥିରେ ଛାତ୍ରୀଜଣକ ଗୁରୁତର ହୋଇଥିବା ବେଳେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏପରି ଘଟଣା ମୁଖ୍ୟତଃ ବିଦେଶରେ ହେଉଥିବା ବେଳେ ଏଥର ଏପରି ଏକ ଭୟଙ୍କର କାଣ୍ଡ ବିହାରରେ ଘଟିଛି। ବିହାର ମୁଜଫରନଗରର ଏକ କୋଚିଂ ସେଣ୍ଟରରେ ଘଟିଛି ଏପରି ଏକ ନାରକୀୟ କାଣ୍ଡ। ସେଣ୍ଟରରେ ଦ୍ୱାଦଶ ଶ୍ରେଣୀ ପିଲାଙ୍କ କ୍ଲାସ୍ ଚାଲିଥିବା ବେଳେ ସେଠାରେ ଜଣେ ଛାତ୍ର ପହଞ୍ଚିଥିଲେ। ଛାତ୍ରଜଣକ ବନ୍ଧୁକ ଧରିଥିବା ବେଳେ ହଠାତ୍ ଫାୟାରିଂ କରିଥିଲେ। ଅନ୍ୟମାନେ ଗୁଳି ଶବ୍ଦ ଶୁଣି ପଛକୁ ବୁଲି ଅନାଇଲା ବେଳକୁ ଜଣେ ଛାତ୍ରୀ ଲହୁଲୁହାଣ ହୋଇ ତଳେ ପଡ଼ିଛନ୍ତି। ତାଙ୍କ ଅଣ୍ଟାରେ ଗୁଳି ବାଜିଥିବା ବେଳେ ସେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଗୁଳି ଚଳାଇ ଅଭିଯୁକ୍ତ ଛାତ୍ରଜଣକ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ତୁରନ୍ତ କୋଚିଂ ସେଣ୍ଟର କର୍ତ୍ତୃପକ୍ଷ ଛାତ୍ରୀଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କ ଅବସ୍ଥା ସ୍ଥିର ଥିବା ଜଣାଯାଇଛି। ଖବର ପାଇ ପୁଲିସ୍ ପହଞ୍ଚି ଏକ ମାମଲା ରୁଜୁ କରି ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଉଦ୍‌ଘାଟନ ପୂର୍ବରୁ ବନ୍ଦେ ଭାରତ ଟ୍ରେନ୍ ଉପରକୁ ପଥରମାଡ଼

ନୂଆଦିଲ୍ଲୀ, ୧୧।୯: ଆସନ୍ତା ୧୫ ତାରିଖରେ ଉଦ୍‌ଘାଟନ ହୋଇଥାନ୍ତା ବନ୍ଦେ ଭାରତ ଟ୍ରେନ୍। ଏହା ପୂର୍ବରୁ ଚାଲୁଥିଲା ଟ୍ରାଏଲ୍ ରନ୍। ଏହି ସମୟରେ ଟ୍ରେନ୍ ଉପରକୁ ହେଲା ପଥରମାଡ଼। ଏଥିରେ ଟ୍ରେନ୍‌ର ବିଭିନ୍ନ ସ୍ଥାନରେ କାଚ ଭାଙ୍ଗି ଯାଇଥିବା ଜଣାଯାଇଛି। ଏପରି ଏକ ଘଟଣା ବିହାରରେ ଘଟିଛି। ଟ୍ରେନ୍‌ଟି ଜାମସେଦପୁର ଟାଟାରୁ ବାହାରି ଗୋମୋସ୍ଥିତ ନେତାଜୀ ସୁବାସ ଚନ୍ଦ୍ର ବୋଷ ଜଙ୍କସନ୍ ହୋଇ ଗୟା ଅଭିମୁଖେ ଯାଉଥିଲା। ଟ୍ରେନ୍‌ଟି ବନ୍ଧୁଆ ଓ ଟନକୁପ୍ପା ଷ୍ଟେଶନ ମଝିରେ ହୋଇଥିବା ବେଳେ କିଛି ଅସାମାଜିକ ଯୁବକ ଟ୍ରେନ୍ ଉପରେ ଆଖିବୁଜା ପଥରମାଡ଼ କରିଥିଲେ। ଏଥିରେ ଟ୍ରେନ୍‌ର ବିଭିନ୍ନ ସ୍ଥାନରେ କାଚ ଭାଙ୍ଗି ଯାଇଥିବା ଜଣାଯାଇଛି। ଖବର ପାଇ ବରିଷ୍ଠ ରେଳ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଟ୍ରେନ୍‌ର ସ୍ଥିତି ଯାଞ୍ଚ କରିଛନ୍ତି। ଏଥିସହ ଏନେଇ ଆରପିଏଫ୍‌ରେ ଏକ ମାମଲା ରୁଜୁ ହୋଇଛି।

# ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ



ଶ୍ରୀନଗର, ୧୧।୯: ଜମ୍ମୁ-କଶ୍ମୀରର ଉଧମପୁର ଜିଲ୍ଲାରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଛି। ଜିଲ୍ଲାର ବସନ୍ତଗଡ଼ ଅଞ୍ଚଳରେ ଆରମ୍ଭ ହୋଇଥିବା ଏହି ଏନକାଉଣ୍ଟର ଏବେ ବି ଜାରି ରହିଛି। ବସନ୍ତଗଡ଼ରେ କିଛି ଆତଙ୍କବାଦୀ ଲୁଚି ରହିଥିବା ଖବର ମିଳିବା ପରେ ଅର୍ଦ୍ଧସାମରିକ ବାହିନୀ ଓ ସ୍ଥାନୀୟ ପୁଲିସ୍ ସେଠାରେ ପହଞ୍ଚିଥିଲେ। ସେମାନେ ପୂରା ଅଞ୍ଚଳକୁ ଘେରାଉ କରି ସର୍ଚ୍ଚ ଅପରେସନ କରୁଥିବା ବେଳେ ଆତଙ୍କବାଦୀମାନେ ଗୁଳି ମାଡ଼ ଆରମ୍ଭ କରି ଦେଇଥିଲେ। ସୁରକ୍ଷାକର୍ମୀଙ୍କ ପକ୍ଷରୁ ମଧ୍ୟ ଏହାର ଜବାବ ଦିଆଯାଇଥିଲା। ଫଳରେ ଦୁଇ ପକ୍ଷ ମଧ୍ୟରେ ଘମାଘୋଟ ଲଢ଼େଇ ଆରମ୍ଭ ହୋଇଛି। ଏନକାଉଣ୍ଟର ଜାରି ରହିଥିବା ବେଳେ ସେଠାକୁ ଅଧିକ ସଂଖ୍ୟକ ସୁରକ୍ଷାକର୍ମୀଙ୍କୁ ପଠା ଯାଇଛି। ସ୍ଥାନୀୟ ଅଞ୍ଚଳରେ ୩ରୁ ୪ ଜଣ ଆତଙ୍କବାଦୀ ଲୁଚି ରହିଥିବା ଜଣାପଡ଼ିଛି। ଏହି ଗୁଳି ବିନିୟମ ପୂର୍ବରୁ ଜମ୍ମୁର ଅଖନୁର ସେକ୍ଟର ସ୍ଥିତ ଏଲଓସିରେ ପାକିସ୍ତାନ ରେଞ୍ଜର୍ସ ଅସ୍ତ୍ରବିରତି ଉଲ୍ଲଙ୍ଘନ କରିଥିଲେ। ପାକିସ୍ତାନ ରେଞ୍ଜର୍ସଙ୍କ ଗୁଳି ମାଡ଼ରେ ଜଣେ ବିଏସଏଫ ଯବାନ ଆହତ ହୋଇଛନ୍ତି। ଭାରତୀୟ ସେନା ପକ୍ଷରୁ ମଧ୍ୟ ପାକିସ୍ତାନର ଏହି ହରକତର ଦୃଢ଼ ଜବାବ ଦିଆଯାଇଛି।

# କଟିଲା ୪୦ହଜାର ରାସନ କାର୍ଡ

ନୂଆଦିଲ୍ଲୀ,୧୧।୯: ରାସନ କାର୍ଡଧାରୀଙ୍କ ପାଇଁ ଜରୁରୀ ଖବର। ପ୍ରାୟ ୪୦ ହଜାର କାର୍ଡ଼ ରଦ୍ଦ କଲେ ସରକାର, ଆଉ ମିଳିବନି ମାଗଣା ଡାଲି ଚାଉଳ। ରାସନ କାର୍ଡଧାରୀଙ୍କ ସହ ଜଡିତ ବଡ ଖବର ସାମ୍ନାକୁ ଆସିଛି। ଗୋଟିଏ କିମ୍ବା ଦୁଇଟି ନୁହେଁ ବରଂ ୪୦ ହଜାର କାର୍ଡ ବାତିଲ କରିଛନ୍ତି ସରକାର। ଯାଞ୍ଚ ସମୟରେ ସରକାର ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ନକଲି ରାସନ କାର୍ଡ ଥିବା ଲୋକଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଥିଲା, ଯାହାର ଅନୁସନ୍ଧାନ କରାଯାଇଥିଲା। ବର୍ତ୍ତମାନ ଯେଉଁମାନଙ୍କ ରାସନ କାର୍ଡ ବାତିଲ ହୋଇଛି ସେମାନଙ୍କ ଜାଗାରେ ନୂଆ କାର୍ଡ ତିଆରି କରାଯିବ। ଦିଲ୍ଲୀ ସରକାରଙ୍କ ଖାଦ୍ୟ ଏବଂ ଯୋଗାଣ ବିଭାଗ କାର୍ଡଧାରୀଙ୍କ ଉପରେ ଅନୁସନ୍ଧାନ କରୁଛି ଯେଉଁମାନେ ପ୍ରାୟ ତିନିମାସ ଧରି ରାସନ ଗ୍ରହଣ କରିନାହାଁନ୍ତି। ବର୍ତ୍ତମାନ ଦିଲ୍ଲୀରେ ୧୯ ଲକ୍ଷ ରାସନ କାର୍ଡଧାରୀ ଅଛନ୍ତି, ଯାହାଙ୍କୁ ୭୧ ଲକ୍ଷ ଲୋକଙ୍କ ଅନୁଯାୟୀ ରାସନ ଦିଆଯାଉଛି। ସରକାର ଗରିବ ଲୋକଙ୍କ ପାଇଁ ରାସନ କାର୍ଡ ବ୍ୟବସ୍ଥା ଆଣିଥିଲେ। ଯାହା ମାଧ୍ୟମରେ ମାଗଣା ରାସନ ଦିଆଯାଏ। ଯଦିଓ କେବଳ ଦାରିଦ୍ର ସୀମାରେଖା ତଳେ ଥିବା ଲୋକମାନେ ଏହାର ଲାଭ ପାଇପାରିବେ, କିନ୍ତୁ ନକଲି ଦଲିଲ ଦେଖାଇ ଅନେକ ଥର କାର୍ଡ ତିଆରି କରାଯାଉଥିବାର ଖବର ଆସିଛି। ଏଭଳି ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ପ୍ରାୟ ୪୦ ହଜାର କାର୍ଡ ବାତିଲ କରାଯାଇଛି। ଯେଉଁଠାରେ ରାସନ ଦିଆଯାଉଥିଲା ବାୟୋମେଟ୍ରିକ ସିଷ୍ଟମ ରହିଛି ଏଥିରେ, ଯେଉଁମାନେ ରାସନ ନେଉଛନ୍ତି ସେମାନଙ୍କ ସଂପୂର୍ଣ୍ଣ ବିବରଣୀ ଦିଆଯାଏ। ଏହା ପରେ, ରାସନ ଚୋରୀ କରୁଥିବା ଲୋକଙ୍କ ସଂଖ୍ୟାରେ ହ୍ରାସ ଘଟିଥିଲା।

**ଆମେରିକା ରାଷ୍ଟ୍ରପତି ନିର୍ବାଚନ**

# ରାଷ୍ଟ୍ରପତି ହେଲେ ୨୪ ଘଣ୍ଟାରେ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେବି: ଟ୍ରମ୍ପ୍



ୱାସିଂଟନ୍, ୧୧।୯: ଆମେରିକା ନିର୍ବାଚନ ଆଉ ମାତ୍ର ୮ ସପ୍ତାହ ବାକି ଥିବା ବେଳେ ଏହା ପୂର୍ବରୁ ପରମ୍ପରା ଅନୁଯାୟୀ ଉଭୟ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ମଧ୍ୟରେ ଆରମ୍ଭ ହୋଇଛି ମହାବିତର୍କ। ଫିଲାଡେଲଫିଆର ନ୍ୟାସନାଲ କନଷ୍ଟିଚ୍ୟୁସେନ ସେଣ୍ଟରରେ ଦୁଇ ପ୍ରାର୍ଥୀ କମଳା ହାରିସ ଓ ଡୋନାଲ୍ଡ ଟ୍ରମ୍ପଙ୍କ ମଦ୍ୟରେ ଚାଲିଛି ଘମାଘୋଟ ବାକ୍ ଯୁଦ୍ଧ।

ଏହି ବିତର୍କ ବେଳେ ଟ୍ରମ୍ପ ରୁଷ- ୟୁକ୍ରେନ୍ ଯୁଦ୍ଧକୁ ନେଇ ଦେଇଛନ୍ତି ବଡ଼ ବୟାନ। ଟ୍ରମ୍ପ କହିଛନ୍ତି, ଯଦି ସେ ଏଥର ରାଷ୍ଟ୍ରପତି ହୁଅନ୍ତି, ତେବେ ୨୪ ଘଣ୍ଟା ଭିତରେ ଏହି ଯୁଦ୍ଧର ପରିସମାପ୍ତି ଘଟିବ। ୟୁକ୍ରେନ ଆଜି ଏକ ସ୍ୱତନ୍ତ୍ର ଦେଶ ଭାବେ ମୁଣ୍ଡ ଟେକିଥିବା ବେଳେ ଏହା ପଛରେ ଆମେରିକା ହାତ ଥିବା କହିଛନ୍ତି ଟ୍ରମ୍ପ। ମାତ୍ର ଟ୍ରମ୍ପଙ୍କ ଏହି ଟିପ୍ପଣୀ ଉପରେ ଆଟାକ୍ କରିଛନ୍ତି କମଳା ହାରିସ। ସେ କହିଛନ୍ତି, ଟ୍ରମ୍ପଙ୍କ ବିଦେଶ ନୀତି ସବୁଠୁ ଦୁର୍ବଳ , ଏହା ସମସ୍ତଙ୍କୁ ଜଣା। ଉଭୟ ଟ୍ରମ୍ପ ଓ ହାରିସଙ୍କ ମଧ୍ୟରେ ଇସରାଏଲ ଓ ହମାସ ଯୁଦ୍ଧଙ୍କୁ ନେଇ ମଧ୍ୟ ସାମନାସାମନି ବିତର୍କ ହୋଇଛି। ବାଇଡେନ ଇସ୍ରାଏଲକୁ ଅଣଦେଖା କରିଥିବା ଦୋଷାରୋପ କଲେ ଟ୍ରମ୍ପ। ମାତ୍ର ଏଥିରେ ନାରାଜ ହୋଇଥିବା ହାରିସ କହିଲେ, ବାଇଡେନ ସରକାର ଆରମ୍ଭରୁ ହିଁ ଇସ୍ରାଏଲ ସହ ଛିଡ଼ା ହୋଇଛନ୍ତି। ଆଗକୁ ବି ଏହି ସମର୍ଥନ ଜାରି ରହିବ। ଧ୍ୱସ୍ତବିଧ୍ୱସ୍ତ ହୋଇ ଯାଇଥିବା ଗାଜାର ପୁଣି ଥରେ ପୁନଃ ନିର୍ମାଣ ହେବ ବୋଲି କହିଛନ୍ତି ହାରିସ। ଏହାପରେ ଟ୍ରମ୍ପ କହିଛନ୍ତି, ଏଥର ମୁଁ ରାଷ୍ଟ୍ରପତି ହେଲେ ରୁଷ ଏବେ ଦେଖାଉଥିବା ମାମଲାତି ଆଉ ଦେଖାଇ ପାରିବନି। କମଳା ଇସ୍ରାଏଲକୁ ଘୃଣା କରୁଥିବା ବେଳେ ସେ ରାଷ୍ଟ୍ରପତି ହେଲେ ଉକ୍ତ ଦେଶ ନିଜ ଅସ୍ତିତ୍ୱ ହରାଇ ବସିବ ବୋଲି କହିଛନ୍ତି ଟ୍ରମ୍ପ। ମାତ୍ର ଏହାକୁ ଅସ୍ୱୀକାର କରିବା ସହ ହାରିସ କହିଛନ୍ତି, ମୁଁ ମୋ ଜୀବନ କାଳ ଭିତରେ ସବୁବେଳେ ଇସ୍ରାଏଲ ସହ ଛିଡ଼ା ହୋଇଛି। ଆଗକୁ ବି ଏହାକୁ ବଳବତ୍ତର ରଖିବି ବୋଲି ସେ କହିଛନ୍ତି।

## ନିଜ ଶରୀର ସହ କ'ଣ କରିବେ ତାହା ମହିଳାଙ୍କ ନିଜସ୍ୱ ଅଧିକାର: କମଳା ହାରିସ୍



ୱାସିଂଟନ୍‌ଲ ୧୧।୯: ଗର୍ଭପାତ ନୀତିକୁ ନେଇ ଆମେରିକାରେ ଦୁଇ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ମଧ୍ୟରେ ହୋଇଛି ଜୋରଦାର ବିତର୍କ। ଗର୍ଭପାତ ନୀତିକୁ ନେଇ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଓ ଡେମୋକ୍ରାଟିକ୍ ପ୍ରାର୍ଥୀ କମଳା ହାରିସଙ୍କ ମଧ୍ୟରେ ଉପୁଜିଛି ମୁହାଁମୁହିଁ ସ୍ଥିତି। ଟ୍ରମ୍ପ ରାଷ୍ଟ୍ରପତି ହେଲେ ଦେଶରେ ପୁଣି ଥରେ ଗର୍ଭପାତ ନିୟମ ଉପରେ ରୋକ୍ ଲଗାଇଦେବେ ବୋଲି ଚେତାଇ ଦେଇଛନ୍ତି ହାରିସ୍। ଏହାଦ୍ୱାରା ମହିଳାମାନେ ନିଜ ଶରୀର ସହ କ'ଣ କରିବେ ତା' ଉପରୁ ସ୍ୱାଧୀନତା ହରାଇ ବସିବେ। ମାତ୍ର ଏହା ଭିତ୍ତିହୀନ ବୋଲି କହିଛନ୍ତି ଟ୍ରମ୍ପ।

ବିତର୍କ ବେଳେ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଗର୍ଭପାତ ନୀତି ଉପରେ ଆଲୋଚନା କରି ୬ ସପ୍ତାହ ପରେ ଗର୍ଭପାତ ବ୍ୟାନ ନିୟମକୁ ସମର୍ଥନ କରିଥିଲେ। ଟ୍ରମ୍ପ କହିଛନ୍ତି, ଏହି ପ୍ରସଙ୍ଗରେ ଡେମୋକ୍ରାଟିକ୍ ପାର୍ଟିର ନିୟମ ପୁରୁଣା ହୋଇଗଲାଣି। ମାତ୍ର ଏହାକୁ କାଉଣ୍ଟର କରି ହାରିସ କହିଛନ୍ତି, ମହିଳାମାନେ ନିଜ ଶରୀର ସହ କ'ଣ କରିବେ ତାହା ଟ୍ରମ୍ପ କହିବା ଦରକାର ନାହିଁ। ତେଣୁ ସେ ପୁଣି ଥରେ ଶାସନକୁ ଫେରିଲେ ସମ୍ପୂର୍ଣ୍ଣ ଦେଶରେ ଗର୍ଭପାତ ଉପରେ ବ୍ୟାନ୍ ଲଗାଇବାକୁ ଉଦ୍ଦିଷ୍ଟ ବିଲ୍‌ରେ ସାଇନ୍ କରିଦେବେ ବୋଲି କହିଛନ୍ତି ହାରିସ। ମାତ୍ର କମଳାଙ୍କ କଥାକୁ ଟ୍ରମ୍ପ ମନଗଢ଼ା କହିବା ସହ ଏପରି କୌଣସି ବିଲ୍ ସାଇନ୍ କରିବାର ଆବଶ୍ୟକତା ନ ଥିବା କହିଛନ୍ତି। କାରଣ କଂଗ୍ରେସରେ ଏପରି ବିଲ୍ ଅନୁମୋଦନ ହାସଲ କରିପାରିବ ନାହିଁ ବୋଲି ସେ କହିଛନ୍ତି। ଆମେରିକାର ୨୦ରୁ ଅଧିକ ରାଜ୍ୟରେ ଏବେ ବି ଗର୍ଭପାତ ନିୟମ ଲାଗୁ ହୋଇଛି। ଫଳରେ ଡାକ୍ତରମାନେ ଗର୍ଭପାତ କରିବାକୁ ଭୟ କରୁଛନ୍ତି। କାରଣ ଏପରି କରିବା ଜଣାପଡ଼ିଲେ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ରହିଛି। ତେଣୁ ମହିଳାମାନେ ଭୟଭୀତ ହେବା ସହ ଏହାର ସାଂଘାତିକ ପରିଣାମ ଭୋଗୁଛନ୍ତି ବୋଲି କହିଛନ୍ତି ହାରିସ। ଏପରିକି ବଳାତ୍କାରର ଶିକାର ମହିଳାମାନେ ଏହାଦ୍ୱାରା ଖୁବ୍ କ୍ଷତିଗ୍ରସ୍ତ ହେଉଛନ୍ତି। କାରଣ ଏହାଦ୍ୱାରା ସେମାନେ ଗର୍ଭବତୀ ହୋଇଯିବେ ତଥାପି ସେମାନଙ୍କୁ ଗର୍ଭପାତର ଅନୁମତି ମିଳୁ ନାହିଁ। ଫଳରେ ସେମାନଙ୍କ ଜୀବନ ଦୁର୍ବିସହ ହୋଇ ପଡୁଛି ବୋଲି କହିଛନ୍ତି ହାରିସ୍।

ଏହି ପ୍ରସଙ୍ଗରେ ଡେମୋକ୍ରାଟିକ୍ ଦଳକୁ ଟାର୍ଗେଟ କରି ଟ୍ରମ୍ପ କହିଛନ୍ତି, ସେମାନେ ହେଉଛନ୍ତି କଟ୍ଟରପନ୍ଥୀ, କାରଣ ସେମାନଙ୍କ ଚିନ୍ତାଧାରା ଅତ୍ୟନ୍ତ ଭୟଙ୍କର। ଗର୍ଭବତୀ ହେବାର ୯ ମାସରେ ଗର୍ଭପାତକୁ ବିଲକୁଲ୍ ଠିକ୍ ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛନ୍ତି ଡେମୋକ୍ରାଟିକ୍ ଦଳର ଉପରାଷ୍ଟ୍ରପତି ପ୍ରାର୍ଥୀ। ଏହା କିପରି ନ୍ୟାୟ ସଙ୍ଗତ ଓ ଯଥାର୍ଥ ବୋଲି ସେ ପ୍ରଶ୍ନ କରିଛନ୍ତି।

### ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି

# ହାଟ୍ରିକ୍ ବିଜୟ ସହ ସେମିରେ ଭାରତ





**ହୁଲୁନବୁଇର (ଚୀନ୍), ୧୧।୯:** ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ହିରୋ ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟରେ ବୁଧବାର ମାଲେସିଆକୁ ୮-୧ରେ ହରାଇ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ହରମନପ୍ରୀତ ସିଂହଙ୍କ ଟିମ୍‌ର ଏହା କ୍ରମାଗତ ତୃତୀୟ ବିଜୟ। ଏହା ପୂର୍ବରୁ ଟିମ୍ ଆୟୋଜକ ଚୀନ୍‌କୁ ୩-୦ ଓ ଜାପାନକୁ ୫-୧ରେ ମାତ୍ ଦେଇଥିଲା।

ଭାରତର ଯୁବ ଷ୍ଟ୍ରାଇକର ରାଜ୍ କୁମାର ପାଲ୍ (୩ୟ, ୨୫ତମ ଓ ୩୩ତମ ମିନିଟ୍) ସର୍ବାଧିକ ତିନି ଗୋଲ୍ ସ୍କୋର୍ କରିଥିବା ବେଳେ ଅରାଇଜିତ୍ ସିଂହ ହୁଣ୍ଡାଲ (୬ଷ୍ଠ ଓ ୩୯ତମ) ଦୁଇ ଏବଂ ଯୁଗରାଜ ସିଂହ (୭ମ), ହରମନପ୍ରୀତ (୨୨ତମ) ଓ ଉତ୍ତମ ସିଂହ (୪୦ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ମାଲେସିଆ ପକ୍ଷରୁ ଅଖିମୁଲ୍ଲା ଅନୁଅର (୩୪ତମ) ଏକମାତ୍ର ଗୋଲ୍ କରିଥିଲେ।

ଏବେ ପଏଣ୍ଟ ଟେବୁଲ୍‌ରେ ଭାରତ ୯ ପଏଣ୍ଟ ସହ ସର୍ବାଗ୍ରେ ରହିଛି। ଟୁର୍ଣ୍ଣାମେଣ୍ଟରେ ଛଅ ଟିମ୍ ରାଉଣ୍ଡ-ରବିନ୍ ଫର୍ମାଟ୍‌ରେ ଖେଳୁଛନ୍ତି। ଶୀର୍ଷ ଚାରି ଟିମ୍ ସେମିଫାଇନାଲ୍‌ରେ ପ୍ରବେଶ କରିବେ, ଯାହା ସେପ୍ଟେମ୍ବର ୧୬ରେ ଆୟୋଜିତ ହେବ। ୧୭ରେ ଫାଇନାଲ୍ ମୁକାବିଲା ଖେଳାଯିବ। ଭାରତୀୟ ଟିମ୍ ଏହାପରେ ଗୁରୁବାର କୋରିଆ ଓ ଶନିବାର ପାକିସ୍ତାନକୁ ଭେଟିବ।

ଏହା ପୂର୍ବରୁ ୨୦୨୩ ଏସୀୟ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ଭାରତ ଓ ମାଲେସିଆ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଭାରତୀୟ ଟିମ୍ ପ୍ରତ୍ୟାବର୍ତ୍ତନ କରି ୪-୩ରେ ବିଜୟୀ ହୋଇଥିଲା। ଏଥର ଭାରତ ପ୍ରଥମରୁ ଆଧିପତ୍ୟ ବିସ୍ତାର କରିଥିଲା। ରାଜ୍ କୁମାର ସଅଳ ଗୋଲ୍ କରି ଭାରତର ଖାତା ଖୋଲିଥିଲେ। ଏହାପରେ ଚାରି ମିନିଟ୍ ମଧ୍ୟରେ ଅରାଇଜିତ୍ ଓ ଯୁଗରାଜ ଗୋଲ୍ କରିବାରୁ ପ୍ରଥମ କ୍ୱାର୍ଟର୍ ସୁଦ୍ଧା ଟିମ୍ ୩-୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟର୍‌ରେ ମାଲେସିଆ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା, କିନ୍ତୁ ଭାରତୀୟ ରକ୍ଷଣଭାଗକୁ ଭେଦ କରିବାରେ ବିଫଳ ହୋଇଥିଲା।

ଇତ୍ୟବସରରେ ହରମନ୍ପ୍ରୀତ ୨୨ତମ ମିନିଟ୍‌ରେ ଏକ ପେନାଲ୍ଟି କର୍ଣ୍ଣର୍‌କୁ ଗୋଲ୍‌ରେ ପରିଣତ କରି ଅଗ୍ରଣୀକୁ ବଢ଼ାଇଥିଲେ। ଏହାର ତିନି ମିନିଟ୍ ପରେ ରାଜ୍ କୁମାର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ୍ କରିଥିଲେ, ଯାହା ଫଳରେ ମଧ୍ୟାନ୍ତର ସୁଦ୍ଧା ଭାରତ ୫-୦ରେ ଆଗରେ ରହିଥିଲା। ପାର୍ଶ୍ୱ ପରିବର୍ତ୍ତନ ପରେ ରାଜ୍ କୁମାର ୩୩ତମ ମିନିଟ୍‌ରେ ରିବାଉଣ୍ଡରୁ ଚିତ୍ତାକର୍ଷକ ତୃତୀୟ ଗୋଲ୍ ସ୍କୋର୍ କରିଥିଲେ। ଏହାର ଗୋଟିଏ ମିନିଟ୍ ପରେ ମାଲେସିଆର ଅନୁଅର ଗୋଲ୍ ଦେଇ ସ୍କୋର୍ ବ୍ୟବଧାନରେ କିଛିଟା ହ୍ରାସ କରିଥିଲେ। କିନ୍ତୁ ଭାରତ ତା'ର ଆକ୍ରମଣାତ୍ମକତା ଜାରି ରଖିଥିଲା। କ୍ରମାଗତ ମିନିଟ୍‌ରେ ଅରାଇଜିତ୍ ଓ ଉତ୍ତମ ଗୋଲ୍ କରିଥିଲେ। ଅନ୍ତିମ କ୍ୱାର୍ଟର୍‌ରେ ଜୋର୍‌ଦାର ଲଢ଼େଇ ହୋଇଥିଲେହେଁ କେହି କାହାରି ବିପକ୍ଷରେ ଗୋଲ୍ ଦେଇପାରି ନ ଥିଲେ।

ଦିନର ଅନ୍ୟ ଏକ ମ୍ୟାଚ୍‌ରେ ପାକିସ୍ତାନ ୨-୧ରେ ଜାପାନକୁ ପରାସ୍ତ କରିଛି। ଏହା ଫଳରେ ପାକ୍ ଟିମ୍‌ର ସେମିଫାଇନାଲ୍‌ରେ ପ୍ରବେଶ ସମ୍ଭାବନା ବୃଦ୍ଧି ପାଇଛି।

# କ୍ରୀଡା ବିକାଶ ପାଇଁ ୧,୩୧୫ କୋଟି ଟଙ୍କା ଆବଣ୍ଟନ କଲେ ଓଡ଼ିଶା ସରକାର

**ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ):** ଚଳିତ ଆର୍ଥିକ ବର୍ଷ ରେ ଓଡିଶା ସରକାର ୧,୩୧୫ କୋଟି ଟଙ୍କା କ୍ରୀଡା ଏବଂ ଯୁବସେବା ପାଇଁ ବ୍ୟୟ କରିବାକୁ ନିର୍ଧାରିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷର କ୍ରୀଡା ବଜେଟ କୁ ବିଗତ ବର୍ଷ ଠାରୁ ୯୮ କୋଟି ଟଙ୍କା ଅଧିକ ବଢାଇଛନ୍ତି, ଯାହା ବିଗତ ବର୍ଷ ୧,୨୧୭ କୋଟି ଟଙ୍କା ଥିଲା। ଏହି ୧,୩୧୫ କୋଟି ଟଙ୍କା ରୁ ୧,୨୧୦ କୋଟି ଟଙ୍କା ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଏବଂ ୧୦୫ କୋଟି ଟଙ୍କା ରକ୍ଷଣାବେକ୍ଷଣ ରେ ବ୍ୟୟ କରାଯିବ ବୋଲି ବଜେଟରେ ଉଲ୍ଲେଖ ରହିଛି ।

## ଚଳିତ ବର୍ଷ ଓଡ଼ିଶା ସରକାର ଦେଇଥିବା କ୍ରୀଡା ବଜେଟର ମୁଖ୍ୟାଂଶ

- ଭୁବନେଶ୍ୱରରେ ଏକ ନୂତନ ବିଶ୍ୱ ସ୍ତରୀୟ ଷ୍ଟାଡିୟମ୍, ରାଜ୍ୟର ୪ ଟି ଜୋନରେ ବିଶ୍ୱ ସ୍ତରୀୟ କ୍ରୀଡା ଏକାଡେମୀ ପ୍ରତିଷ୍ଠା, ଜିଲ୍ଲା ସ୍ତରୀୟ କ୍ରୀଡା ଏକାଡେମୀ ପ୍ରତିଷ୍ଠା, ତୃଣମୂଳ ସ୍ତରରେ କ୍ରୀଡ଼ାବିତଙ୍କ ବିକାଶ, ମିନି ଷ୍ଟାଡିଆ ଗୁଡିକର ସକ୍ରିୟତା ପାଇଁ ସରକାର ୯୫୨ କୋଟି ଟଙ୍କା ବ୍ୟୟର ପ୍ରସ୍ତାବ ଦେଇଛନ୍ତି।
- ଯୁବକ ମାନଙ୍କର ସମନ୍ୱିତ ବିକାଶ ପାଇଁ ରାଜ୍ୟ ସରକାର ଯୁବ ଶକ୍ତି ଯୋଜନାରେ ୧୦୦ କୋଟି ଟଙ୍କା ଆବଣ୍ଟନ କରିଛନ୍ତି।
- ତୃଣମୂଳ ସ୍ତରରେ ପ୍ରତିଭାବାନ କ୍ରୀଡ଼ାବିତଙ୍କୁ ଖୋଜିବା ଏବଂ ତାଙ୍କର ସାମଗ୍ରିମ ବିକାଶ ପାଇଁ ସରକାର 'ଖେଳ ରତ୍ନ ଖୋଜା ଅଭିଯାନ' ର ମଧ୍ୟ ଘୋଷଣା କରିଛନ୍ତି।
- ଉଲ୍ଲେଖନୀୟ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ ଏବଂ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ସରକାର ୬୫ କୋଟି ଟଙ୍କା ଚଳିତ ଆର୍ଥିକ ବର୍ଷରେ ଆବଣ୍ଟନ କରିଛନ୍ତି।
- ଆଜି କ୍ରୀଡା କେବଳ ଶାରୀରିକ ସୁସ୍ଥତାର ମାଧ୍ୟମ ହୋଇନାହିଁ , ବରଂ ଯୁବପିଢ଼ିଙ୍କ ସାମଗ୍ରିକ ବିକାଶ ଏବଂ ରାଜ୍ୟର ଗର୍ବ ପାଇଁ ଏକ ପ୍ରମୁଖ ମଞ୍ଚ ପାଲଟିଛି। ଏହି ମହତପୂର୍ଣ୍ଣ ବିନିଯୋଗ ସହିତ ଓଡିଶା କ୍ରୀଡା ଉତ୍କର୍ଷର ଏକ କେନ୍ଦ୍ରବିନ୍ଦୁ ଭାବରେ ଉଭା ହେବା ସହିତ ଯୁବ କ୍ରୀଡ଼ାବିତ ମାନେ ଜାତୀୟ ତଥା ଆନ୍ତର୍ଜାତୀୟ ପ୍ଲାଟଫର୍ମରେ ସଫଳ ହେବା ପାଇଁ ଆବଶ୍ୟକ କରୁଥିବା ସମସ୍ତ ସୁବିଧା ଏବଂ ସମର୍ଥନ ପାଇପାରିବେ । 'ଖେଳ ରତ୍ନ ଖୋଜା ଅଭିଆନ୍' ଏବଂ 'ଯୁବ ଶକ୍ତି' ଭଳି ପଦକ୍ଷେପ ମାଧ୍ୟମରେ ଓଡିଶା ଆଗାମୀ ପିଢ଼ି ର ଚାମ୍ପିଅନମାନଙ୍କୁ ପ୍ରତିପୋଷଣ ଏବଂ ପ୍ରୋତ୍ସାହିତ କରିବ।
- ଏହି ପୁଞ୍ଜି ବିନିଯୋଗ କେବଳ କ୍ରୀଡା ଭିତ୍ତିଭୂମି ନୁହେଁ ବରଂ ଏକ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ଓଡିଶାର ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ଯାହା ତୃଣମୂଳ ସ୍ତରରୁ ପ୍ରତିଭା ସୃଷ୍ଟି ଏବଂ ଭବିଷ୍ୟତରେ କ୍ରୀଡା ସଫଳତା ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିବ।

# ହକି ଖେଳାଳି କ୍ରେଗ୍ ବର୍ଷେ ସସ୍‌ପେଣ୍ଡ

**ମେଲ୍‌ବର୍ଣ୍ଣ, ୧୧।୯ (ଏଜେନ୍ସି):** ଅଷ୍ଟ୍ରେଲିଆର ହକି ଖେଳାଳି ଟମ୍ କ୍ରେଗ୍‌ଙ୍କୁ ୧୨ ମାସ ପାଇଁ ନିଲମ୍ବନ କରାଯାଇଛି। ଅଷ୍ଟ୍ରେଲିଆର କ୍ରୀଡ଼ା ନିୟାମକ ସଂସ୍ଥା ଏହି କଟକଣା ଜାରି କରିଛି। ୨୯ବର୍ଷୀୟ କ୍ରେଗ୍‌ଙ୍କ ବିରୋଧରେ ପ୍ୟାରିସ୍ ଅଲିମ୍ପିକ୍ସ ସମୟରେ କୋକିନ୍ କିଣିବାକୁ ଚେଷ୍ଟା କରୁଥିବା ନେଇ ଅଭିଯୋଗ ହୋଇଥିଲା ଏବଂ ତାଙ୍କୁ ଗିରଫ ବି କରାଯାଇଥିଲା। ହକି ଅଷ୍ଟ୍ରେଲିଆ ବୁଧବାର ଏକ ବିବୃତିରେ କହିଛି, "ଜାତୀୟ ପୁରୁଷ ହକି ଟିମ୍‌ର ଖେଳାଳି ଟମ୍ କ୍ରେଗ୍‌ଙ୍କୁ ପ୍ୟାରିସ୍ ଅଲିମ୍ପିକ୍ସ ସମୟରେ ଗିରଫ କରାଯିବା ମାମଲାର ତଦନ୍ତ ପରେ ହକି ଅଷ୍ଟ୍ରେଲିଆର ଇଣ୍ଟିଗ୍ରିଟୀ ୟୁନିଟ୍ ତାଙ୍କୁ ୧୨ ମାସ ପାଇଁ ନିଲମ୍ବିତ କରିବା ଲାଗି ନିଷ୍ପତ୍ତି ନେଇଛି।" ହକି ଅଷ୍ଟ୍ରେଲିଆର କହିବାନୁଯାୟୀ କ୍ରେଗ୍ ଛଅ ମାସ ଯାଏଁ ସମ୍ପୂର୍ଣ୍ଣ ନିଲମ୍ବିତ ରହିବେ। ଶେଷ ଛଅ ମାସର ନିଲମ୍ବନ ତାଙ୍କର ଆଚରଣ ଉପରେ ନିର୍ଭର କରିବ।

### ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ

# ଟପ୍ ୫କୁ ଫେରିଲେ ରୋହିତ ଶର୍ମା

**ନୂଆଦିଲ୍ଲୀ, ୧୧।୯:** ବାଂଲାଦେଶ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ ସିରିଜ ପୂର୍ବରୁ ଟିମ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମାଙ୍କୁ ମିଳିଛି ବଡ଼ ସଫଳତା। ସେ ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ଟପ୍ ୫ରେ ପ୍ରବେଶ କରିଛନ୍ତି। ୨୦୨୧ ସେପ୍ଟେମ୍ବର ପରେ ପ୍ରଥମଥର ପାଇଁ ରୋହିତ ଶର୍ମା ରାଙ୍କିଙ୍ଗର ଟପ୍ ୫ ଖେଳାଳିଙ୍କ ମଧ୍ୟରେ ରହିବାକୁ ସକ୍ଷମ ହୋଇଛନ୍ତି। ରୋହିତ ରାଙ୍କିଙ୍ଗରେ ଥିବା ସମସ୍ତ ଭାରତୀୟଙ୍କ ତୁଳନାରେ ସବୁଠାରୁ ଉପରେ ରହିଛନ୍ତି।

ବୁଧବାର ଆଇସିସି ପକ୍ଷରୁ ଜାରି ସଂଶୋଧିତ ରାଙ୍କିଙ୍ଗରେ ରୋହିତଙ୍କ ସାଥୀ ଖେଳାଳି ବିରାଟ କୋହଲି ଓ ଯୁବ ଓପନର ଯଶସ୍ୱୀ ଜୈସୱାଲ ମଧ୍ୟ ଗୋଟିଏ ଲେଖାଏ ସ୍ଥାନ ଉପରକୁ ଉଠିଛନ୍ତି। ବିରାଟ ରାଙ୍କିଙ୍ଗର ୭ନଂ ଓ ଜୈସୱାଲ ୬ନଂ ସ୍ଥାନରେ ଅଛନ୍ତି।

ସେପ୍ଟେମ୍ବର ୧୯ରୁ ବାଂଲାଦେଶ ବିପକ୍ଷରେ ଭାରତ ତା'ର ପ୍ରଥମେ ଟେଷ୍ଟ ଖେଳିବ। ଏହି ମ୍ୟାଚ୍ ଓ ଏହାପରେ ୨୭ରୁ ଆରମ୍ଭ ହେବାକୁ ଥିବା ଟେଷ୍ଟରେ ରୋହିତ, ବିରାଟ ଓ ଜୈସୱାଲ ଦମଦାର ପ୍ରଦର୍ଶନ କରି ରାଙ୍କିଙ୍ଗରେ ସୁଧାର ଆଣିବାକୁ ସୁଯୋଗ ପାଇବେ।

ଚଳିତ ବର୍ଷ ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ରୋହିତ ଓ ଜୈସୱାଲ ଦମଦାର ପ୍ରଦର୍ଶନ କରିଥିଲେ। ଜୈସୱାଲ ସିରିଜରେ ରେକର୍ଡ ୭୧୨ ରନ କରିବା ସହ ୨ଟି ଶତକ ଓ ୩ଟି ଅର୍ଦ୍ଧଶତ ମାରିଥିଲେ। ରୋହିତ ମଧ୍ୟ ୨ଟି ଶତକ ସହ ୪୦୦ ରନ ହାସଲ କରିଥିଲେ। ବିରାଟ କୋହଲି ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଅନୁପସ୍ଥିତ ରହିଥିଲେ। ଆଜି ଆଇସିସି ଜାରି କରିଥିବା ରାଙ୍କିଙ୍ଗ ତାଲିକାରେ ଶ୍ରୀଲଙ୍କା ବ୍ୟାଟର୍ସଙ୍କୁ ବଡ଼ ସଫଳତା ମିଳିଛି। ନିକଟରେ ଇଂଲଣ୍ଡ ବିପକ୍ଷରେ ଶ୍ରୀଲଙ୍କା ତା'ର ଟେଷ୍ଟ ସିରିଜ ଶେଷ କରିଥିଲା। ସେହିପରି ତୃତୀୟ ଟେଷ୍ଟକୁ ଭ୍ରମଣକାରୀ ଦଳ ଜିତି ଇଂଲଣ୍ଡ ବିପକ୍ଷରେ ୧୦ ଧରି ରହିଥିବା ବିଜୟ ମରୁଡ଼ିରେ ପୂର୍ଣ୍ଣଚ୍ଛେଦ ଟାଣିଥିଲା। ଶ୍ରୀଲଙ୍କାର କୌଣସି ବ୍ୟାଟର ଟପ୍ ୧୦ରେ ପ୍ରବେଶ କରି ନାହାନ୍ତି। କିନ୍ତୁ ସେମାନଙ୍କ ବ୍ୟକ୍ତିଗତ ରାଙ୍କିଙ୍ଗରେ ସୁଧାର ଆସିଛି। ଶ୍ରୀଲଙ୍କାର ଅଧିନାୟକ ଧନଞ୍ଜୟ ଡି ସିଲଭା, ମଧ୍ୟକ୍ରମ ବ୍ୟାଟର କାମିନ୍ଦୁ ମେଣ୍ଡିସ ଓ ଓପନର ପଥୁମ ନିଶାଙ୍କା ଇଂଲଣ୍ଡ ବିପକ୍ଷରେ ଦମଦାର ପ୍ରଦର୍ଶନ କରିଥିଲେ। ଧନଞ୍ଜୟ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ ସହ ରାଙ୍କିଙ୍ଗର ୧୩ତମ ସ୍ଥାନରେ ପହଞ୍ଚିଛନ୍ତି। ମେଣ୍ଡିସ ୬ଟି ସ୍ଥାନ ଉପରକୁ ଉଠି ୧୯ତମ ଓ ୧୨୭ର ଅପରାଜି ଇନିଂସ ଖେଳିଥିବା ନିଶାଙ୍କା ୪୨ଟି ସ୍ଥାନ ଉପରକୁ ଉଠି ୩୯ ନମ୍ବରରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଇଂଲଣ୍ଡର ଜୋ ରୁଟ ପୂର୍ବଭଳି ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ଅଛନ୍ତି। ତେବେ ଶ୍ରୀଲଙ୍କା ବିପକ୍ଷ ଶେଷ ଟେଷ୍ଟରେ ସେ ଫେଲ ମାରିବାରୁ ତାଙ୍କୁ ପଏଣ୍ଟ ହ୍ରାସ ପାଇଛି। ସେ ୯୨୨ ପଏଣ୍ଟରୁ ଖସି ୮୯୯ରେ ପହଞ୍ଚିଛନ୍ତି। ଦ୍ୱିତୀୟ ସ୍ଥାନରେ କେନ ୱିଲିୟମସନ, ତୃତୀୟରେ ଡାରେଲ ମିଚେଲ, ୪ର୍ଥରେ ଷ୍ଟିଭ ସ୍ମିଥ, ୫ମରେ ରୋହିତ ଶର୍ମା, ୬ଷ୍ଠରେ ଜୈସୱାଲ, ୭ମରେ ବିରାଟ କୋହଲି, ୮ମରେ ଉସମାନ ଖାଜ୍ୱା, ୯ମରେ ମହମ୍ମଦ ରିଜୱାନ ଓ ୧୦ମ ସ୍ଥାନରେ ମାର୍ନସ ଲାବୁଶେନ ରହିଛନ୍ତି। ବାବର ଆଜମ ପୂର୍ବଭଳି ଟପ ୧୦ରୁ ବାଦ ପଡ଼ିଛନ୍ତି।

# ଡାଇମଣ୍ଡ ଲିଗ୍: ପ୍ରଥମ ଥର ଫାଇନାଲ୍ ଖେଳିବେ ଅବିନାଶ



**ନୂଆଦିଲ୍ଲୀ, ୧୧।୯ (ଏଜେନ୍ସି):** ଭାରତର ମଧ୍ୟମ ଦୂରତା ଧାବକ ଅବିନାଶ ସାବଲେ ପ୍ରଥମ ଥର ଡାଇମଣ୍ଡ ଲିଗ୍‌ର ଫାଇନାଲ୍‌ରେ ଭାଗ ନେବେ। ସେ ଏହି ଲିଗ୍‌ର ଫାଇନାଲ୍‌ରେ ସ୍ଥାନ ପାଇଥିବା ଦ୍ୱିତୀୟ ଭାରତୀୟ। ଏହା ପୂର୍ବରୁ ଜାଭଲିନ୍ ଥ୍ରୋଅର୍ ନୀରଜ ଚୋପ୍ରା ଏହି ଇଭେଣ୍ଟରେ ଭାଗ ନେଇସାରିଛନ୍ତି।

୨୯ବର୍ଷୀୟ ଅବିନାଶ ୩୦୦୦ମି. ଷ୍ଟିପଲ୍‌ଚେଜ୍ ଇଭେଣ୍ଟରେ ଭାରତୀୟ ଆହ୍ୱାନ ପେଶ୍ କରିବେ। ତାଙ୍କ ଇଭେଣ୍ଟ ସେପ୍ଟେମ୍ବର ୧୩ରେ ହେବ। ସାବଲେ ଚଳିତ ବର୍ଷ ଡାଇମଣ୍ଡ ଲିଗ୍‌ର ପାଞ୍ଚରୁ ଦୁଇ ଇଭେଣ୍ଟରେ ଭାଗ ନେଇଥିଲେ ଏବଂ ୩ ପଏଣ୍ଟ ସହ ତାଲିକାରେ ୧୪ତମ ସ୍ଥାନରେ ରହିଥିଲେ। କିନ୍ତୁ ତାଙ୍କ ଠାରୁ ଅଧିକ ର୍‍ୟାଙ୍କ୍ ଥିବା ଚାରି ଆଥ୍‌ଲେଟ୍ ନାମ ପ୍ରତ୍ୟାହାର କରିନେଇଛନ୍ତି। ଏହା ଫଳରେ ଅବିନାଶ ୧୨ ଆଥ୍‌ଲେଟ୍‌ଙ୍କ ଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ନୀରଜ ଏହି ସିଜନ୍‌ର ଫାଇନାଲ୍ ପାଇଁ ପୂର୍ବରୁ ଯୋଗ୍ୟତା ହାସଲ କରିସାରିଛନ୍ତି। ତାଙ୍କ ଇଭେଣ୍ଟ ୧୪ରେ ଆୟୋଜିତ ହେବ।

ଅବିନାଶ ଜୁଲାଇ ୭ରେ ଡାଇମଣ୍ଡ ଲିଗ୍‌ର ପ୍ୟାରିସ୍ ପର୍ଯ୍ୟାୟରେ ୮:୦୯.୯୧ ମିନିଟ୍ ସମୟ ସହ ଷଷ୍ଠ ସ୍ଥାନରେ ରହିଥିଲେ। ସେ ନିଜ ଜାତୀୟ ରେକର୍ଡରେ ସୁଧାର କରିଥିଲେ। ଏହାପରେ ସେ ଅଗଷ୍ଟ ୨୫ରେ ସିଲେସିଆ ପର୍ଯ୍ୟାୟରେ ୧୪ତମ

## ଚାରି ଟପ୍ ର୍‍ୟାଙ୍କ୍ ଆଥ୍‌ଲେଟ୍ ଓହରିଯିବାରୁ ମିଳିଲା ଯୋଗ୍ୟତା

ସ୍ଥାନ (୮:୨୯.୯୬ ମିନିଟ୍) ସ୍ଥାନ ହାସଲ କରିଥିଲେ।

ଏହି ଭାରତୀୟ ଆଥ୍‌ଲେଟ୍ ପ୍ୟାରିସ୍ ଅଲିମ୍ପିକ୍ସର ପୁରୁଷ ୩୦୦୦ମି. ଷ୍ଟିପଲ୍‌ଚେଜ୍ ଇଭେଣ୍ଟର ଫାଇନାଲ୍‌ରେ ପହଞ୍ଚିଥିଲେ, କିନ୍ତୁ ସେ ନିଜର ପ୍ରଦର୍ଶନରେ ପ୍ରଭାବିତ କରିପାରି ନ ଥିଲେ। ସେ ୮:୧୪.୧୮ ମିନିଟ୍ ସମୟ ସହ ନୈରାଶ୍ୟଜନକ ୧୧ତମ ସ୍ଥାନରେ ରହିଥିଲେ।

ବେଲ୍‌ଜିୟମ୍‌ର ବ୍ରସଲ୍ସ ଠାରେ ଦୁଇଦିନିଆ ଡାଇମଣ୍ଡ ଲିଗ୍ ଫାଇନାଲ୍ ଖେଳାଯିବ। ଏହାର ବିଜେତାଙ୍କୁ ପ୍ରତିଷ୍ଠିତ ଡାଇମଣ୍ଡ ଟ୍ରଫି ଓ ୩୦ ହଜାର ଡଲାର ପୁରସ୍କାର ରାଶି ପ୍ରଦାନ କରାଯିବା ସହ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍‌ର ୱାଇଲ୍ଡ କାର୍ଡ ପ୍ରବେଶ ମିଳିଥାଏ। ଉପବିଜେତାଙ୍କୁ ୧୨ ହଜାର ଡଲାର ଦିଆଯାଏ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଯୋଗ୍ୟ ଚାଷୀଙ୍କୁ...

ପଠାଇ ଚଳୁ କରିଦେଇଛନ୍ତି କିଛି ନେତା ଓ ଅଫିସର। ମାଷ୍ଟର ଟେବୁଲ ଡାଟାରେ କ୍ରମାଗତ ଭାବେ ହିତାଧିକାରୀଙ୍କ ନାଁ ଓ ବ୍ୟାଙ୍କ ଆକାଉଣ୍ଟରେ ଥିବା ନାଁରେ ପରିବର୍ତ୍ତନ କରାଯାଇଛି। ହିତାଧିକାରୀ ଚିହ୍ନଟ ଓ ସହୟତା ରାଶି ଆକାଉଣ୍ଟରେ ଜମା ହେବା ପରେ ମାନୁଆଲି ମାଷ୍ଟର ଡାଟାରେ ପରିବର୍ତ୍ତନ କରାଯାଇଛି। ଏହା କାଳିଆ ଯୋଜନାର ସ୍ୱଚ୍ଛତା ଉପରେ ସନ୍ଦେହ ସୃଷ୍ଟି କରିବାକୁ ବାଧ୍ୟ କରୁଛି ବୋଲି ସିଏଜି ଦର୍ଶାଇଛନ୍ତି। ସେହିଭଳି ବିନା କୌଣସି ବୈଷୟିକ ତାଲିମରେ ୧୪ଲକ୍ଷ ୪ ହଜାର ଭୂମିହୀନ କୃଷି ଶ୍ରମିକଙ୍କୁ ଟଙ୍କା ଦିଆଯାଇଥିଲା। ଏହି ଭୂମିହୀନ କୃଷି ଶ୍ରମିକ ୩ଟି କିସ୍ତିରେ ଟଙ୍କା ପାଇଥିଲେ। କୃଷି ବିଭାଗ ପକ୍ଷରୁ ଏମଏସ ସିଏସଏମ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡକୁ ବିନା କୌଣସି ଟେଣ୍ଡରରେ କାମରେ ନିୟୋଜିତ କରାଯାଇଥିଲା। ଏନେଇ ମଧ୍ୟ ସିଏଜି ଆପତ୍ତି ଉଠାଇଛନ୍ତି। ଅଡିଟରୁ ଜଣାପଡିଛି ଯେ, ରାଜ୍ୟ ସରକାରଙ୍କ ଭୁଲେଖରେ ରାଜ୍ୟର ପ୍ରତ୍ୟେକ ଲୋକଙ୍କ ଜମିଜମାର ରେକର୍ଡ ରହିଛି। କିନ୍ତୁ କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପ୍ରକ୍ରିୟାରେ ଭୁଲେଖର ତଥ୍ୟକୁ ସମ୍ମିଳିତ କରିଯାଇନାହିଁ। ୨୦୧୯ରେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ବସିଥିବା ପ୍ରଥମ ବୈଠକରେ କୁହାଯାଇଥିଲା ଯେ, ରାଜ୍ୟର ସବୁ ଚାଷୀଙ୍କ ଖାତା ନମ୍ବର ଓ ପ୍ଲଟ ନମ୍ବର ତାଲିକା ଉପଲବ୍ଧ ନାହିଁ। କିନ୍ତୁ ଯାଞ୍ଚରୁ ଜଣାପଡିଛି ଯେ, ୬୫ ଲକ୍ଷ ୬୪ ହଜାର ହିତାଧିକାରୀଙ୍କୁ ୨୦୧୯ରୁ ୨୦୨୧ ମଧ୍ୟରେ କାଳିଆ ସହାୟତା ପ୍ରଦାନ କରାଯାଇଛି।

### ଛାତ୍ରବୃତ୍ତି ଦେବା...

୨୦୧୬-୧୭ରୁ ୨୦୨୦-୨୧ ମସିହା ମଧ୍ୟରେ ୩୮ଟି ଶିକ୍ଷାନୁଷ୍ଠାନର ମୋଟ ୫୬୬୦ଜଣ ଛାତ୍ରଛାତ୍ରୀଙ୍କୁ ଅନିୟମିତତା ଭାବରେ ୧୮.୦୩କୋଟି ଟଙ୍କା ପ୍ରଦାନ କରାଯାଇଛି । ଯଦିଓ ଏହି ଅବଧି ମଧ୍ୟରେ ସେମିଷ୍ଟାର ପରୀକ୍ଷା ଫଳାଫଳରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ନାଁ ସାମିଲ ନଥିଲା । ଅଡିଟରୁ ଜଣାପଡ଼ିଛି ଯେ, ୨୦୧୭-୧୮ରୁ ୨୦୨୦-୨୧ ମସିହା ମଧ୍ୟରେ ୩୩୨୮ଜଣ ଛାତ୍ରଛାତ୍ରୀଙ୍କୁ ସେମିଷ୍ଟାର ପରୀକ୍ଷାରେ ଯୋଗ ଦେବା ପାଇଁ ପଞ୍ଜିକୃତ ନକରି ୨୬.୫୮କୋଟି ଟଙ୍କାର ସ୍କଲାରସିପ୍ ପ୍ରଦାନ କରାଯାଇଛି । ଏପରିକି ଏସବୁର ଆବଶ୍ୟକ ରେକର୍ଡ ପ୍ରଦାନ କରିବାରେ ମଧ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ଫେଲ୍ ମାରିଥିଲେ । ଖୋର୍ଦ୍ଧା ଜିଲ୍ଲାର ୪ଟି କଲେଜରେ ଇଞ୍ଜିନିୟରିଂ ପାଠ ପଢ଼ୁଥିବା ୩୨୨୮ଜଣ ଛାତ୍ରଛାତ୍ରୀଙ୍କୁ ସେମିଷ୍ଟାର ପରୀକ୍ଷା ପାଇଁ ପଞ୍ଜିକୃତ ନକରି ଏହି ସ୍କଲାରସିପ୍ ଦିଆଯାଇଛି । ମହାବୀର ଇନଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଏସଂକ୍ରାନ୍ତ କୌଣସି ଦସ୍ତାବିଜ ଓ ରେଜିଷ୍ଟର ରଖିନଥିବା ଜଣାପଡ଼ିଚି । ସେହିପରି ବିଭିନ୍ନ ବର୍ଷରେ ବିଭିନ୍ନ ଅନୁଷ୍ଠାନରେ ୨୦୧୬-୧୭ରୁ ୨୦୨୦-୨୧ ମସିହା ମଧ୍ୟରେ ଡିପ୍ଲୋମା ପାଠ୍ୟକ୍ରମରେ ଏକାଧିକ ଥର ନାମ ଲେଖାଇଥିବା ୨୬୨ଜଣ ଛାତ୍ରଛାତ୍ରୀଙ୍କୁ ଅନିୟମିତ ଭାବେ ୩.୧୫କୋଟି ଟଙ୍କା ପ୍ରଦାନ କରାଯାଇଥିବା ଅଡିଟରୁ ଧରାପଡ଼ିଛି । ଏହି ୨୬୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୬ଜଣ ପରୀକ୍ଷାରେ ପାସ୍ କରିବାରେ ବିଫଳ ହୋଇଥିଲେ ।

### ୫ ବର୍ଷରେ...

ମହାଲିଙ୍ଗ ଏହା କହିଛନ୍ତି। ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ବେକାରୀ ବୃଦ୍ଧି ନେଇ ବିରୋଧୀ ଯେଉଁ ଅଭିଯୋଗ ଆଣୁଛନ୍ତି ତାହା ଜୁଲାଇ ମାସ ପୂର୍ବର ସ୍ଥିତି । ଜୁଲାଇ ପରେ ବେକାରୀ ବୃଦ୍ଧି ସତ୍ୟ ଆଧାରିତ ନୁହେଁ । ବର୍ଷ ୨୦୨୨-୨୦୨୩ର ରିପୋର୍ଟ ଅନୁସାରେ ବେକାରୀ କ୍ଷେତ୍ରରେ ଜାତୀୟ ହାର ଠାରୁ ରାଜ୍ୟରେ ବେକାରୀ ହାର ଅଧିକ ଥିଲା । ଜାତୀୟ ହାର ୩.୨ ପ୍ରତିଶତ ଥିବା ବେଳେ ରାଜ୍ୟରେ ଏହି ହାର ୩.୯ ପ୍ରତିଶତ ଥିଲା । ଏବେ ନୂଆ ସରକାର ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଛନ୍ତି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି,ବିରୋଧୀଙ୍କ ଭ୍ରମ ଧାରଣା ଯେ, ୨ ଲକ୍ଷ ୫ ହଜାର ପଦବୀ ଖାଲି ପଡ଼ିଛି । ୯୨ହଜାର ପଦବୀକୁ ସରକାର ଅନୁମୋଦନ ମଧ୍ୟ କରି ସାରିଛନ୍ତି। ଡିସେମ୍ବର ସୁଦ୍ଧା ରାଜ୍ୟ ସରକାର ୩୪ ହଜାର ୬୮୬ ସରକାରୀ ପଦବୀ ପୂରଣ କରିବେ । ସେଥିପାଇଁ ପ୍ରକ୍ରିୟା ଶେଷ ହୋଇଛି । ଚଳିତମାସ ଶେଷ ସୁଦ୍ଧା ସ୍କୁଲ ଓ ଗଣଶିକ୍ଷା ବିଭାଗର ସର୍ବାଧିକ ଖାଲି ପଡିଥିବା ୨୧ ହଜାର ୯୭୯ ପଦବୀ ପୂରଣ କରାଯିବ ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି। ଚଳିତ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଗୃହରେ ଦେଇଥିବା ତଥ୍ୟ ଅନୁଯାୟୀ ସ୍କୁଲ୍ ଏବଂ ଗଣଶିକ୍ଷା ବିଭାଗରେ ସର୍ବାଧିକ ୬୩,୪୦୫ ପଦବୀ ଖାଲି ରହିଥିବା ବେଳେ ଏହା ପଛକୁ ସ୍ୱାସ୍ଥ୍ୟ ବିଭାଗରେ ୩୯,୧୨୭ ପଦବୀ ଖାଲି ରହିଛି। ଗୃହ ବିଭାଗରେ ୧୯,୮୮୯, ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗରେ ୧,୩୫୬୭, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗରେ ୧୧,୮୧୦, ଆଇନ ବିଭାଗରେ ୨,୯୭୩, ଅର୍ଥ ବିଭାଗରେ ୩,୧୦୧, ବାଣିଜ୍ୟ ଏବଂ ପରିବହନ(ବ୍ୟାପାର) ବିଭାଗରେ ୧୩୯୧, ପୂର୍ତ୍ତ ବିଭାଗରେ ୪୪୦୫, ଓଡ଼ିଶା ବିଧାନସଭାରେ ୨୬୩, ଖାଦ୍ୟ ଯୋଗାଣ ଏବଂ ଗ୍ରାହକ କଲ୍ୟାଣ ବିଭାଗରେ ୧୦୯୩, ଏସସି ଏବଂ ଏସଟି ବିକାଶ, ଦଳିତ ଏବଂ ପଛୁଆ ବର୍ଗରେ ୩୨୮୧, ଗୃହ ଏବଂ ନଗର ଉନ୍ନୟନ ବିଭାଗରେ ୧୦୭୯, ଶ୍ରମିକ ଏବଂ ଇଏସଆଇ ବିଭାଗରେ ୧୭୬୮, ଖେଳ ଏବଂ ଯୁବ ବ୍ୟାପାର ବିଭାଗରେ ୯୬, ଯୋଜନା ଏବଂ ସଂଯୋଜନା ବିଭାଗରେ ୧୩୮୯, ପଞ୍ଚାୟତରାଜ ଏବଂ ପାନୀୟଜଳ ବିଭାଗରେ ୭୪୬୫, ବାଣିଜ୍ୟ ଏବଂ ପରିବହନ(ପରିବହନ) ବିଭାଗରେ ୬୦୦ ପଦ ଖାଲି ରହିଛି। ଏହାସହିତ ବନ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗରେ ୪୨୯୪, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗରେ ୭୨୯୫, ଇସ୍ପାତ ଏବଂ ଖଣି ବିଭାଗରେ ୭୨୦, ସୂଚନା ଏବଂ ଲୋକ ସମ୍ପର୍କ ବିଭାଗରେ ୫୦୧, ଅବକାରୀ ବିଭାଗରେ ୨୪, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ବିଭାଗରେ ୩୫, ଗ୍ରାମାଞ୍ଚଳ ଉନ୍ନତିକରଣ ବିଭାଗରେ ୧୫୨୪, ପାର୍ଲିଆମେଣ୍ଟାରୀ ବିଭାଗରେ ୧୪୨, ଶକ୍ତି ବିଭାଗରେ ୩୯୩, ହସ୍ତତନ୍ତ ଏବଂ ମିଶନ ଶକ୍ତି ବିଭାଗର ୪୯ ଟି ପଦବୀକୁ ମିଶାଇ ମୋଟ ୨୦୫୨୨୮ ପଦବୀ ଖାଲି ପଡିଛି।

### ଆଇସିୟୁରେ...

କରିବାରୁ ନର୍ସ ଜଣେ ଯୁବକଙ୍କୁ ଡାକିଥିଲେ । ଉଭୟ ମିଶି ବୃଦ୍ଧଙ୍କୁ ଚାପୁଡା ପରେ ଚାପୁଡା ମାରି ଚୁପ୍ ହେବାକୁ କହିଥିଲେ। ମାଡ ଖାଇବାପରେ ବୃଦ୍ଧ ଜଣଙ୍କ କିନ୍ତୁ ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରିଥିଲେ। କିଛି ସମୟ ପରେ ଜଣେ ଯୁବ ଡାକ୍ତର ଆସି ତାଙ୍କ ଅବସ୍ଥା ବୁଝିବା ସହିତ ଗୋଟିଏ ବଟିକା ଦେବାକୁ ଲେଖି ଦେଇଥିଲେ । ହେଲେ ନର୍ସ କିମ୍ବା ତାଙ୍କ ପୁରୁଷ ସହଯୋଗୀ କେହି ହେଲେ ଔଷଧ ଦେଇନଥିଲେ। ରାତିରେ ଔଷଧ କେଉଁଠୁ ଆଣିବେ କହି ପଳାଇଥିଲେ । ପରଦିନ ସକାଳୁ ଅପରେସନ କରିଥିବା ଡାକ୍ତର ଆସି ପହଞ୍ଚିବା ପରେ ବୃଦ୍ଧ ଜଣଙ୍କ ପୂର୍ବ ରାତିର ସମସ୍ତ କଥା କହିବା ସହିତ ମାଡ ଖାଇଥିବା ଗାଲକୁ ଦେଖାଇଥିଲେ। ଡାକ୍ତର ଜଣଙ୍କ ତାଙ୍କୁ ବୁଝାସୁଝା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ବୃଦ୍ଧ ଜଣଙ୍କ ଆଉ ସେହି ଡାକ୍ତରଖାନାରେ ରହିବେ ନାହିଁ ବୋଲି ଜିଦ୍ ଧରିବା ସହିତ ପରିବାର ସଦସ୍ୟଙ୍କୁ ଏହା ଜଣାଇଥିଲେ । ପରେ ସେ ଡାକ୍ତରଖାନାରେ ଥିବା ଅଭିଯୋଗ ଖାତାରେ ନିଜର ଅଭିଯୋଗ ଦରଜ କରି ଡାକ୍ତରଖାନା ଛାଡିଥିଲେ । କିନ୍ତୁ ତାଙ୍କ ଅଭିଯୋଗ ଉପରେ ଡାକ୍ତରଖାନା କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଲେ ନାହିଁ । ତେଣୁ ବୃଦ୍ଧ ଜଣଙ୍କ ନିକଟସ୍ଥ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ଥାନାବାବୁ ସବୁ ମନଦେଇ ଶୁଣିଥିଲେ ମଧ୍ୟ ଡାକ୍ତରଖାନା ବିରୁଦ୍ଧରେ ଅଭିଯୋଗ ଦରଜ କଲେ ନାହିଁ । ଦୁଇ ଆଡୁ ନିରାଶ ହେବାପରେ ମାଡ ଖାଇଥିବା ବୃଦ୍ଧ ଜଣଙ୍କ ରାଜ୍ୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କଲେ । କମିଶନ ସମ୍ପୃକ୍ତ କର୍ପୋରେଟ ହସ୍ପିଟାଲକୁ ନୋଟିସ୍ କରିବା ସହିତ ଅଭିଯୋଗ କରିଥିବା ରୋଗୀଙ୍କୁ ଡାକି ଆପୋଷ ଆଲୋଚନା କରିବାକୁ କହିଥିଲେ। ତଦନୁଯାୟୀ ହସ୍ପିଟାଲ ସିଇଓ ରୋଗୀଙ୍କୁ ସମୟ ଦେଇ ବୃଦ୍ଧଙ୍କୁ ଡାକିଥିଲେ। ହେଲେ ବୃଦ୍ଧ ଜଣଙ୍କ ନ୍ୟାୟ ପାଇବାପାଇଁ ଠିକଣା ସମୟରେ ଆସିଥିଲେ ମଧ୍ୟ ସିଇଓ ପ୍ରାୟ ତିନିଘଣ୍ଟା ବିଳମ୍ବରେ ଆସି ପହଞ୍ଚିଥିଲେ । ଏହାପରେ ବୃଦ୍ଧ ଜଣଙ୍କ ତାଙ୍କ ମାଡଖିଆ କଥା କହିବାପରେ କିଏ ମାଡ ମାରିଛି ତାକୁ ଚିହ୍ନଟ କରିବାପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷ ୩/୪ ଜଣ ନର୍ସଙ୍କୁ ତାଙ୍କ ସାମ୍ନାରେ ଛିଡାକରି ଚିହ୍ନିବାକୁ କହିଥିଲେ । ବୃଦ୍ଧ ଜଣଙ୍କ ତୁରନ୍ତ ମାଡ ମାରିଥିବା ନର୍ସଙ୍କୁ ଚିହ୍ନଟ ସହିତ ତାଙ୍କ ନାଁ କହିଥିଲେ। ଏହାପରେ ମାଡ ମାରିଥିବା ଯୁବକ ଜଣଙ୍କୁ ଚିହ୍ନଟ ପାଇଁ ଡାକ୍ତରଖାନାରେ ନିୟୋଜିତ ୪/୫ଜଣ ବାଉନ୍ସରଙ୍କୁ ମାସ୍କ ପିନ୍ଧାଇ ବୃଦ୍ଧଙ୍କ ସମ୍ମୁଖକୁ ଅଣାଯାଇଥିଲା । ହେଲେ ମାସ୍କ ପିନ୍ଧିଲେ ସେ କିଭଳି ଚିହ୍ନିବେବୋଲି କହିବାରୁ ସମ୍ପୃକ୍ତ ଯୁବକମାନଙ୍କର ମାସ୍କ ଖୋଲା ଯାଇଥିଲା । ମାସ୍କ ଖୋଲିବାମାତ୍ରେ ବୃଦ୍ଧ ଜଣଙ୍କ ମାଡ ମାରିଥିବା ଯୁବକଙ୍କୁ ଚିହ୍ନି ପକାଇଥିଲେ । ଏହି ଘଟଣା ପରେ ଏବେ କର୍ପୋରେଟ ହସ୍ପିଟାଲ କର୍ତ୍ତୃପକ୍ଷ ହରଡଘଣାରେ ପଡିଛନ୍ତି । କୌଣସି ପ୍ରକାରେ ମାମଲାକୁ ରଫାଦଫା କରିବା ପାଇଁ ଲାଗି ପଡିଛନ୍ତି। ତେବେ ରାଜଧାନୀରେ ଖୋଦ ଏଭଳି ଘଟଣା ଏବେ କର୍ପୋରେଟ ହସ୍ପିଟାଲର ଚିକିତ୍ସା ବ୍ୟବସ୍ଥାର ମୁଖା ଖୋଲି ଦେଇଛି । ଆଗକୁ ମାନବ ଅଧିକାର କମିଶନ ଏ ଦିଗରେ କି ପଦକ୍ଷେପ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର।

### ବିରୋଧୀଦଳ ଦାୟିତ୍ୱ...

ଦଳର ମୁଖ୍ୟସଚେତକ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟାରେ ଅଛନ୍ତି। ଉପମୁଖ୍ୟସଚେତକ ଡ. ଅରୁଣ ସାହୁ କେବଳ କାମ ଚଳାଉଥିବା ଦେଖିବାକୁ ମିଳିଛି। ବିଜେଡି ପକ୍ଷରୁ ସରକାରଙ୍କ କାମକୁ ଯେପରି ସମାଲୋଚନା କରିବା କଥା ତାହା ଦେଖିବାକୁ ମିଳିନାହିଁ। କାରଣ ତିନିମାସ ତଳେ ବିଜେଡି ସରକାରରେ ଥିଲା। ଯାହା ବି ପ୍ରଶ୍ନ କରିବେ ସେ ସବୁର ଦୋଷ ବିଜେଡି ମୁଣ୍ଡ ଉପରକୁ ଯିବ। ତେଣୁ ବିଜେଡି ନିଜ ଦାୟିତ୍ୱକୁ ଭୁଲି ସମ୍ପୂର୍ଣ୍ଣ ଅଧିବେଶନ କାଳରେ ନୀରବ ରହିବାକୁ ରହିବାକୁ ଶ୍ରେୟସ୍କର ମନେ କରିଛି। ଅଧିବେଶନର ଦ୍ୱିତୀୟାର୍ଦ୍ଧରେ ବିଧାନସଭାରେ ଯେଉଁ ହଟ୍ଟଗୋଳ ହେଉଥିଲା ତାହା ବିଜେଡି ପରିବର୍ତ୍ତେ କଂଗ୍ରେସ କରୁଥିଲା। କଂଗ୍ରେସର ସାରଥୀ ହୋଇ ବିଜେଡି ରାହୁଲ ଗାନ୍ଧିଙ୍କ ଓବିସି ପ୍ରସଙ୍ଗକୁ ସମର୍ଥନ କରୁଥିବା ଦେଖିବାକୁ ମିଳିଥିଲା। ଏପରିକି କଂଗ୍ରେସ ବିଭିନ୍ନ ପ୍ରସଙ୍ଗରେ କକ୍ଷତ୍ୟାଗ କରୁଥିବାବେଳେ ବିଜେଡି କୌଣସି ଘୋଷଣା ନ କରି ତାଙ୍କ ପଛେ ପଛେ ଗୃହରୁ ବାହାରି ଯାଉଥିବା ଦେଖିବାକୁ ମିଳିଥିଲା। ଏଥିରୁ ଜଣାପଡୁଥିଲା କଂଗ୍ରେସ ବିଭିନ୍ନ ପ୍ରସଙ୍ଗରେ ବିଜେଡିର ନେତୃତ୍ୱ ନେଉଛି। ମୁଖ୍ୟ ବିରୋଧୀଦଳ ବିଜେଡିର ଏପରି ଅବସ୍ଥାରୁ କଂଗ୍ରେସ ଭରପୁର ଫାଇଦା ଉଠାଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସମ୍ପୂର୍ଣ୍ଣ ଅଧିବେଶନ କାଳରେ ଗୃହରେ ଉପସ୍ଥିତ ରହି ବିଜେପି ସରକାରକୁ ଅକଳରେ ପକାଉଥିବା ଦେଖିବାକୁ ମିଳୁଥିଲା। ଏପରିକି ବିରୋଧୀଦଳର ଭୂମିକା କଂଗ୍ରେସ ତୁଲାଉଥିବା ପରିଲକ୍ଷିତ ହେଉଥିଲା।

### ଓଡ଼ିଶା ପୋଲିସ...

୧୯୩୬ ଏପ୍ରିଲ ପହିଲାରେ ଓଡିଶା ସ୍ୱତନ୍ତ୍ର ରାଜ୍ୟ ଭାବେ ଗଠନ ହେବା ପରେ ୪ ହଜାର ପୋଲିସ ପଦବୀ ସୃଷ୍ଟି କରାଯାଇଥିଲା । ୧୯୭୨ ରେ ଶେଷଥର ପାଇଁ ଏଥିରେ ସଂଶୋଧନ କରି ପଦବୀ ସଂଖ୍ୟା ବୃଦ୍ଧି କରାଯାଇଥିଲା । କେନ୍ଦ୍ର ଗୃହ ମନ୍ତ୍ରାଳୟ ର ପୋଲିସ ଅନୁସନ୍ଧାନ ଓ ବିକାଶ ବ୍ୟୁରୋ ର ନିର୍ଦ୍ଦେଶାବଳୀ ମୁତାବକ ୧ ଲକ୍ଷ ଜନସଂଖ୍ୟା ରେ ହାରାହାରି ୧୪୦ ଜଣ ପୋଲିସ ରହିବା କଥା । ଏହି ଆଧାରରେ ଓଡ଼ିଶାରେ ଲକ୍ଷେ ଲୋକରେ ପଦବୀ ସଂଖ୍ୟା ୯୮ ରହିଛି । କିନ୍ତୁ ଖାଲି ପଡିଥିବା ପଦବୀ କଥା ବିଚାରକୁ ନେଲେ ଏହା ବର୍ତ୍ତମାନ ୮୩ ରେ ସୀମିତ ବୋଲି ଜଣାପଡିଛି। ନୂଆକରି ଡିଜି ଭାବେ ଦାୟିତ୍ୱ ନେବା ପରେ ୱାଇ.ବି.ଖୁରାନିଆ ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପଦବୀ ସଂଖ୍ୟା ବୃଦ୍ଧି ସଂକ୍ରାନ୍ତରେ ଗୃହ ବିଭାଗକୁ ଚିଠି ଲେଖିଛନ୍ତି। ପୋଲିସ ପଦବୀ ବଢ଼ିଲେ ଖୁବଶୀଘ୍ର ଅପରାଧ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା କୁ ପୃଥକ କରାଯିବ ବୋଲି ଲକ୍ଷ ରଖାଯାଇଛି। ଆଇନଶୃଙ୍ଖଳା ପାଇଁ ପ୍ରତେକ ଥାନାରେ ଜଣେ ଆଇଆଇସି ଓ ଅପରାଧ ନିୟନ୍ତ୍ରଣ ପାଇଁ ଆଉ ଜଣେ ଆଇଆଇସି ରହିବେ ବୋଲି ଯୋଜନା ପ୍ରସ୍ତୁତ ହେଉଛି। ମୁଖ୍ୟମନ୍ତ୍ରୀ ନିଜେ ମଧ୍ୟ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଗୁରୁତ୍ୱାରୋପ କରିଛନ୍ତି। ଯାହାଫଳରେ ଖୁବଶୀଘ୍ର ପଦବୀ ବୃଦ୍ଧି ହେବା ନେଇ ଆଶାବ୍ୟକ୍ତ କରିଛନ୍ତି ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ।

### ବଢ଼ିଲା...

ବିନ୍ଧାଣୀ ହେଉଛନ୍ତି ଆମର ଏହି ଶ୍ରମିକ ଭାଇମାନେ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, ଶ୍ରମିକ ଭାଇମାନଙ୍କ ଅଭାବ ଅସୁବିଧା ଓ ପ୍ରତିକୂଳତାକୁ ସରକାର ଗୁରୁତ୍ୱର ସହ ଦୃଷ୍ଟି ରଖିଛନ୍ତି। ସେମାନେ କିପରି ସୁରକ୍ଷିତ ରହିବେ, ସେମାନଙ୍କ ଅଭାବ, ଅସୁବିଧା ସମୟରେ, ସେବା ନିବୃତ୍ତ ହେବା ପରେ କିମ୍ବା ଦୁର୍ଘଟଣା ଅଥବା ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ପରିବାରର ମଙ୍ଗଳକୁ ଦୃଷ୍ଟିରେ ରଖି ଗଢା ହୋଇଛି 'ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ'। ସେଥିପାଇଁ ସମସ୍ତେ ତାଙ୍କର ସାମାଜିକ ନିରାପତ୍ତା ପାଇବା ପାଇଁ ବୋର୍ଡରେ ନିଜ ନିଜର ନାମ ପଞ୍ଜିକୃତ କରିବା ଆବଶ୍ୟକ। ଅସୁବିଧା ସମୟରେ, ଏହି ସଂସ୍ଥା କେବଳ ଏକ ସରକାରୀ ସଂସ୍ଥା ନୁହେଁ, ବରଂ ଆପଣଙ୍କ ପ୍ରିୟ ବନ୍ଧୁ ଭାବେ ମଧ୍ୟ ସାବ୍ୟସ୍ତ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିର୍ମାଣ ଶ୍ରମିକଙ୍କ କଲ୍ୟାଣାର୍ଥେ ଓଡିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ପୂର୍ବରୁ ମିଳୁଥିବା ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା ରାଶିକୁ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ମିଳୁଥିବା ସହାୟତା ରାଶିକୁ ୨ ଲକ୍ଷ ଟଙ୍କାରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି କରାଗଲା ବୋଲି ଘୋଷଣା କରିଥିଲେ।

# ଅନଶନରେ ବସିଲେ ମାର୍ଶାଘାଇ ମହାବିଦ୍ୟାଳୟର କନିଷ୍ଠ କିରାଣି



- ଅଧ୍ୟକ୍ଷଙ୍କ ୪୨୦ କାର୍ଯ୍ୟକୁ ବିଭିନ୍ନ ମହଲରେ ବିରୋଧ
- ଆଜି ଆସୁଛନ୍ତି ବିଧାୟକ, ଘଟଣାସ୍ଥଳରେ ହେବ ବିଚାର

**କେନ୍ଦ୍ରାପଡ଼ା, ୧୧।୯ (ସଂଚାର ବ୍ୟୁରୋ):** ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ୪୨୦ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ମହାବିଦ୍ୟାଳୟର କନିଷ୍ଠ କିରାଣୀ ଅରୁଣ କୁମାର ରଥ ମହାବିଦ୍ୟାଳୟ ପରିସରରେ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ଆମରଣ ଅନଶନରେ ବସିରହିଛନ୍ତି । କାରଣ ଶ୍ରୀ ରଥଙ୍କ ପଦବୀରେ ୪୨୦ ମହାଶୟା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଇ ଦେଇଛନ୍ତି । ତାଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ତାଙ୍କ ପଦବୀକୁ ସ୍ଥାୟୀ କରିଦେଇଛନ୍ତି । ଅପରପକ୍ଷରେ ଶ୍ରୀ ରଥ ୧୯୯୪ମସିହାରୁ କଲେଜରେ କାର୍ଯ୍ୟରତ ଥିଲେ ମଧ୍ୟ ୪୨୦ ମହାଶୟା ତାଙ୍କ ପଦବୀକୁ ରଦ୍ଦ କରିଦେଇଛନ୍ତି । ଏହାର ଭିତିରି କାରଣ ହେଉଛି ୪୨୦ ମହାଶୟା ୨୦୦୮ ମସିହାରେ କଲେଜରୁ ତଡା ଖାଇଥିଲେ । କାରଣ ସେତେବେଳେ ମଧ୍ୟ ସେ କଲେଜର ଅଧ୍ୟକ୍ଷ ଦାୟୀତ୍ୱରେ ବସିଥିଲେ । କିନ୍ତୁ ସୂଚାରୁ ରୂପେ କଲେଜ ଚଳାଇ ପାରିଲେ ନାହିଁ । ଏହା ଅନୁଭବ କରିବାରୁ ସରକାର ତାଙ୍କୁ ଅଧ୍ୟକ୍ଷ ପଦରୁ ହଟାଇ ଦେଇଥିଲେ । ମାର୍ ମାର୍ ଭଣ୍ଡାରିଆକୁ ମାର ନୀତିରେ ୪୨୦ ଅଧ୍ୟକ୍ଷା କାହାକୁ ବଳି ପକାଇବେ ସେ ଯୋଜନା କରିଥିଲେ । କେହି ନମିଳିବାରୁ ଶେଷରେ ଜଣେ ଗରୀବ କର୍ମଚାରୀ ଶ୍ରୀ ରଥଙ୍କୁ ବଳି ପକାଇଛନ୍ତି। ଶ୍ରୀ ରଥ ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରୁଥିବା ବେଳେ ତାଙ୍କ ପରିବାର ପେଟରେ ଲାତ ମାରିଛନ୍ତି ୪୨୦ ଅଧ୍ୟକ୍ଷା । ଅପରପକ୍ଷରେ ମହାବିଦ୍ୟାଳୟକୁ ଗୁରୁବାର ଆସୁଛନ୍ତି ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ । ବିଧାୟକ ଡ. ନାୟକଙ୍କୁ ୪୨୦ ଅଧ୍ୟକ୍ଷାଙ୍କ କାରନାମା ବିଷୟରେ ଅନଶନରତ କନିଷ୍ଠ କିରାଣୀ ଶ୍ରୀ ରଥ ଫୋନ ଯୋଗେ ସମସ୍ତ ବିଷୟ ଅବଗତ କରାଇଛନ୍ତି । ତେଣୁ ବିଧାୟକ ଡ. ନାୟକ ଅନ୍ ଦି ସ୍ପଟ୍ ଏହି ମାମଲାର ବିଚାର କରିବେ । ୪୨୦ ଅଧ୍ୟକ୍ଷାଙ୍କୁ କିପରି ପାନେ ଦିଆଯିବ ଓ ଅରୁଣ କିପରି ନ୍ୟାୟ ପାଇବ ତା'ର ଫଇସଲା ବିଧାୟକ ଡ. ନାୟକ କରିବେ ବୋଲି ଏକ ବିଶେଷ ସୂତ୍ରରୁ ଜଣାପଡିଛି ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଶୋଚନୀୟ

**ବୈଶିଙ୍ଗା, ୧୧।୯ (ସଂଚାର ବ୍ୟୁରୋ):** ସରକାରଙ୍କ ରାସ୍ତା, ପାଣି, ସ୍ୱାସ୍ଥ୍ୟ ଏହି ତିନୋଟିର କାର୍ଯ୍ୟ କେମିତି ହେଉଛି ତାହାର ନମୁନା ଦେଖାଯାଇଛି। ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ବେତନଟୀରୁ ମେର୍ଦା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲେ ମଧ୍ୟ ବିଭାଗ ଏହି ରାସ୍ତାର ମରାମତି କରିବାର ନାମ ଧରୁନଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଯାନ ବାହାନ ଚଳାଚଳରେ ବାଧା ଉପୁଜିଛି।

ଏହି ରାସ୍ତାର ୨.୫୦୫କି ମି ରାସ୍ତାର ମରାମତି ନିମନ୍ତେ ୮୮. ୬୧ ଲକ୍ଷ ଓ ରକ୍ଷଣା ବେକ୍ଷଣ ନିମନ୍ତେ ୭. ୫୩ ଲକ୍ଷ ଅର୍ଥ ମଞ୍ଜୁରୀ ହୋଇଥିବା ବେଳେ ରକ୍ଷଣା ବେକ୍ଷଣ ଆରମ୍ଭ ୨୦୧୯ ମସିହା ନଭେମ୍ବର ମାସ ରୁ ଆରମ୍ଭ ହୋଇ ୨୦.୧୧.୨୦୨୪ରେ ଶେଷ ହେବ ବୋଲି ଫଳକରେ ଉଲ୍ଲେଖ ରହିଥିବା ବେଳେ ଏହି ରାସ୍ତା ମରାମତି ନହେବାରୁ ଏହା ସିଧା ସଳଖ ବିଭାଗର ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅର୍ଥ ଥାଇ ମଧ୍ୟ ଅବଧି ଶେଷ ହେବାକୁ ଆଉ ୨ ମାସ ରହିଥିବାବେଳେ ମରାମତି ନହେବା କାରଣ କଣ ବୋଲି ସାଧାରଣରେ ପ୍ରଶ୍ନ ବାଚୀ



ସୃଷ୍ଟି କରିଛି। ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ତାହା ନଦେଖିଲେ ବିଶ୍ୱାସ ହେବ ନାହିଁ। ଏହି ରାସ୍ତା ମରାମତି ହେବା ଠାରୁ ରକ୍ଷଣା ବେକ୍ଷଣର ଅବଧି ଶେଷ ହେଉଥିବା ବେଳେ ବଡ଼ସାହି ବିଧାୟକ ତାଙ୍କର ୫ ବର୍ଷ ଅବଧି ଶେଷ କରି ଦ୍ୱିତୀୟ ଥର ବିଧାୟକ ହୋଇଥିଲେ ମଧ୍ୟ ଏହି ଅଞ୍ଚଳ ଗସ୍ତ କରି ନାହାନ୍ତି କି ଏହି ରାସ୍ତାର ଅବସ୍ଥା ଦେଖି ନାହାନ୍ତି । ଉକ୍ତ ରାସ୍ତା ଦେଇ ସୁବର୍ଣ୍ଣରେଖା କେନାଲ ଯାଉଥିବା ବେଳେ ଓ ଏହି ରାସ୍ତା ଉପରେ କେନାଲ ନିମନ୍ତେ ଏକ ପୋଲ ନିର୍ମାଣ ରାସ୍ତା ଉପରେ ନିର୍ମିତ ହେଉଥିବାବେଳେ ଲୋକଙ୍କ ନିମନ୍ତେ ଓ ଯାନବାହାନ ଚଳାଚଳ ନିମନ୍ତେ କେନାଲ ବିଭାଗ ନିର୍ମାଣ କରିଥିବା ରାସ୍ତା ମଧ୍ୟ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିଲେ ମଧ୍ୟ କେନାଲ ବିଭାଗ ମରାମତି କରୁ ନଥିବାରୁ ପୋଲ କରିଥିବା ନିକଟ ରାସ୍ତା ଅବସ୍ଥା କହିଲେ ନସରେ।

ଏତଦ ବ୍ୟତିତ ଏହି ରାସ୍ତା ବେତନଟୀରୁ ମେର୍ଦା ମଧ୍ୟରେ ମରାମତି ନସାରିବା ପୂର୍ବରୁ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲାଣି, କଂକ୍ରିଟ ରାସ୍ତା ଉପରୁ ଲୋକ ଙ୍କ ଭରସା ତୁଟି ଗଲାଣି, କଂକ୍ରିଟ ଉଠି ରାସ୍ତା ଯାକ ଖାଲରେ ଭର୍ତି ହେବାସହ ରାସ୍ତା ଉପରେ ହମ୍ପସ ନିର୍ମାଣ ଯୋଗୁ ଜରୁରୀକାଳୀନ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି, ବିଶେଷ ଭାବେ ୧୦୮ ଆମ୍ବୁଲାନ୍ସ ଓ ଦମକଳ ପାଇଁ ବିପଦ ସୃଷ୍ଟି କରୁଛି। ବିଭାଗୀୟ ଅଧିକାରୀଙ୍କ ନଜର ପଡୁ ନାହିଁ କି ରାଜନେତାଙ୍କ ଦୃଷ୍ଟି ମଧ୍ୟ ନପଡିବାରୁ ୫ ଗୋଟି ପଞ୍ଚାୟତ ର ୫୦ରୁ ଉର୍ଦ୍ଧ ଗ୍ରାମବାସୀ ଓ ଏହି ରାସ୍ତା ଦେଇ ଚଳାଚଳ କରୁଥିବା ଯାତ୍ରୀବାହୀ ବସ ମଧ୍ୟ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଏତଦ ବ୍ୟତିତ ସାଇକେଲ ଯୋଗେ ଯିବା ଆସିବା କରୁଥିବା ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଯଥା ଶୀଘ୍ର ମରାମତି କରିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଦାବି ହେଉଛି।

# କୋକସରା ବ୍ଲକରେ ବର୍ଷ ବର୍ଷ ଧରି ରହିଛନ୍ତି ଏକାଧିକ ଅଧିକାରୀ

**କଳାହାଣ୍ଡି, ୧୧।୯ (ସଂଚାର ବ୍ୟୁରୋ):** ସରକାରୀ ନିୟମ ମୁତାବକ ଗୋଟିଏ ସରକାରୀ ଚାକିରିଆକୁ ତିନି ବର୍ଷ ମଧ୍ୟରେ ଅନ୍ୟତ୍ର ବଦଳି କରିବାର କଡ଼ା ନିୟମ ରହିଛି। ହେଲେ କୋକସରା ବ୍ଲକର ବିଭିନ୍ନ କାର୍ଯ୍ୟାଳୟରେ ଏକାଧିକ ଅଧିକାରୀ ଓ କର୍ମଚାରୀ ବର୍ଷ ବର୍ଷ ଧରି ଆସନ ଜମାଇ ବସିଥିବା ବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗୋଟିଏ ବ୍ଲକରେ ଏକାଧିକ ବର୍ଷ ଧରି ରହିଥିଲେ ମଧ୍ୟ କାହିଁକି ବଦଳି କରାଯାଉ ନାହିଁ। ଯାହାକୁ ନେଇ ବିରାଟ ପ୍ରଶ୍ନ ସୃଷ୍ଟି ହୋଇଛି।କୋକସରା ବ୍ଲକ କାର୍ଯ୍ୟାଳୟର ଏକ ନିର୍ଦ୍ଦିଷ୍ଟ ଅଧିକାରୀ ଦିର୍ଘ ୮ବର୍ଷରୁ ହେବ ରହିଥିବା ବେଳେ ଅନେକ ଦିନ ହେବ ଦୁଇଟି ବିଭାଗର ଦାୟିତ୍ୱ ମଧ୍ୟ ସମ୍ଭାଳି ଆସୁଛନ୍ତି। ଏହି ଅଧିକାରୀ ଜଣକ ଦିର୍ଘ ବର୍ଷ ଧରି ରହିବା ଫଳରେ ନିଜର କର୍ତ୍ତବ୍ୟ ସଠିକ୍ ଭାବରେ ନିର୍ବାହ କରୁ ନଥିବାବେଳେ ବ୍ଲକର ବିଭିନ୍ନ କାର୍ଯ୍ୟରେ ହସ୍ତକ୍ଷେପ ମଧ୍ୟ କରିଥାନ୍ତି। ଯାହାକୁ ନେଇ ତଳିଆ କର୍ମଚାରୀ ସମେତ ସାଧାରଣ ଲୋକେ ମଧ୍ୟ ତାଙ୍କ କାର୍ଯ୍ୟରେ ଅତିଷ୍ଠ ହେଉଥିବା ଅଭିଯୋଗ ହେଉଛି। ସେହିପରି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଜଣେ ଯନ୍ତ୍ରୀ ଏଠାରେ ଦିର୍ଘ ୧୨ ବର୍ଷରୁ ଉର୍ଦ୍ଧ୍ୱ ହେବ ରହିଥିବା ବେଳେ କନିଷ୍ଠ ଯନ୍ତ୍ରୀରୁ ସହକାରୀ ଯନ୍ତ୍ରୀ ଭାବରେ ମଧ୍ୟ ପଦୋନ୍ନତି ହୋଇ ସାରିଛି। ତଥାପି ଏହି ବ୍ଲକରୁ ବଦଳି ନହୋଇ ଆସନ ମାଡ଼ି ବସିଛନ୍ତି। ସେହିପରି ଗୋଷ୍ଠୀ ଶିକ୍ଷା ବିଭାଗର ଜଣେ ଅତିରିକ୍ତ ଶିକ୍ଷା ଅଧିକାରି ଦିର୍ଘ ବର୍ଷରୁ ଏହି ବ୍ଲକରେ ରହିଛନ୍ତି। ଅଧିକାରୀ ଜଣକ ନିଜ ବ୍ଲକର ହୋଇଥିବାରୁ ବିଭିନ୍ନ ସମୟରେ ଶିକ୍ଷକଙ୍କ କାର୍ଯ୍ୟରେ




ଅବହେଳା ଅଭିଯୋଗ ଆସୁଥିଲେ ମଧ୍ୟ ନିଜର କର୍ତ୍ତବ୍ୟ ସଠିକ୍ ଭାବରେ ନକରି ଘଣ୍ଟ ଘୋଡାଉଥିବା ଚର୍ଚ୍ଚା ଆଲୋଚନା ହେଉଛି। ସେହିପରି କୋକସରା ଥାନାର ଜଣେ ଏସ୍ଆଇ ଦିର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ରହିଥିବାବେଳେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ ମଧ୍ୟ ଅନେକ କର୍ମଚାରୀ ବର୍ଷ ବର୍ଷ ଧରି ରହିଛନ୍ତି। ସରକାରୀ ନିୟମ ମୁତାବକ ଜଣେ ଅଧିକାରୀଙ୍କ ଗୋଟିଏ ଜାଗାରେ ୩ ବର୍ଷ କାଳ କାର୍ଯ୍ୟ କଲାପରେ ଅନ୍ୟତ୍ର ବଦଳି କରାଯିବାର ପ୍ରାବଧାନ ରହିଛି। ବ୍ଲକର ଅନେକ ଅଧିକାରୀ ଓ କର୍ମଚାରୀଙ୍କ ନିୟମିତ ବ୍ୟବଧାନରେ ବଦଳି ମଧ୍ୟ ହୋଇଛି। କିନ୍ତୁ ଏହି ଅଧିକାରୀ ଓ କର୍ମଚାରୀଙ୍କ କ୍ଷେତ୍ରରେ କାହିଁକି ଏହି ନିୟମର ବ୍ୟତିକ୍ରମ ଦେଖାଦେଇଛି। ତେଣୁ ଏ ମାନଙ୍କ ବଦଳି ନହେବା ପଛରେ କାହାରି ହାତ ରହିଛି ବୋଲି ପ୍ରଶ୍ନ ଉଠୁଛି। ତେଣୁ ଏହି ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଡାକ୍ତରୀ ପେଷା କରୁଥିବା କ୍ୱାକ୍‌ମାନଙ୍କୁ ପ୍ରଶୟ ଦେଉଛି କିଏ ?

**ପାଟଣାଗଡ, ୧୧।୯ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ର ବିଭିନ୍ନ ଗ୍ରାମରେ କ୍ୱାକ ମାନଙ୍କ ଭାତୃଭାବ ବଢିବାରେ ଲାଗିଛି । ବିନା ଲାଇସେନ୍ସ ରେ ଲୋକଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତୁ । ଜୀବନ ବିକଳରେ ଲୋକେ ବାଧ୍ୟ ହୋଇ ତାଙ୍କ ପାଖରେ ଚିକିତ୍ସା କରାଇ ଖର୍ଚ୍ଚାନ୍ତ ହେଉଛନ୍ତି । ରୋଗୀ ଆରୋଗ୍ୟନ ହେଲେ ସରକାରୀ ଚିକିତ୍ସାଳୟ କୁ ନେବା ପାଇଁ ପରାମର୍ଶ ଦେଉଛନ୍ତି । ଲୋକଙ୍କୁ ଖର୍ଚ୍ଚାନ୍ତ କରାଉଛନ୍ତି । ଏଠି ପ୍ରଶ୍ନ ଉଠୁଛି କାହାର ଛତ୍ରଛାୟା ତଳେ ରହି କୌଣସି ଡାକ୍ତରୀ ପ୍ରମାଣ ପତ୍ର ନଥାଇ ଡାକ୍ତରୀ କାମ କରୁଛନ୍ତି କାରଣ ଲୋକେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଏଥିପ୍ରତି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।

### ନାନପୁର ବିରୂପା ନଦୀରେ ବୁଡ଼ି ୨ ଯୁବକ ମୃତ

# ଜଣଙ୍କର ମୃତଦେହ ଉଦ୍ଧାର, ଜଣେ ନିଖୋଜ

**ବାଲିଚନ୍ଦ୍ରପୁର, ୧୧।୯ (ସଂଚାର ବ୍ୟୁରୋ):** ବାଲିଚନ୍ଦ୍ରପୁର ନିକଟ ବିରୂପା ନଦୀର ନାନପୁର ଠାରେ ଦୁଇଜଣ ଯୁବକଙ୍କର ନଦୀରେ ବୁଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଜଣଙ୍କର ମୃତ ଦେହ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟଜଣଙ୍କର ମୃତଦେହ ନିଖୋଜ ରହିଛି । ଘଟଣାରୁ ପ୍ରକାଶ ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଭିଷେକ ପାତ୍ର (୨୬) ନିଜ ଭଉଣୀ ଘର ପତରାଜପୁର ବ୍ରଜ କିଶୋର ସିଂହଙ୍କ ଘରକୁ ଭୁବନେଶ୍ୱର ସାଙ୍ଗ ଜ୍ୟୋତିରଞ୍ଜନ ପାଢ଼ୀ(୨୨)ଙ୍କୁ ସାଥିରେ ଆଣି ବୁଲିଆସିଥିଲେ । ବୁଧବାର ଅପରାହ୍ନରେ ଦୁଇଜଣ ସାଥିହୋଇ ୫୩ ନମ୍ବର ଜାତୀୟ ରାଜପଥ ନାନପୁର ବୋଲ ତଳେ ଗାଧୋଇବାକୁ ଆସିଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ସେମାନେ ଗାଧୋଇ ଘରକୁ ନଫେରିବାରୁ ବନ୍ଧୁଘର ଲୋକେ ଖୋଜିବା ପାଇଁ ଆସିଥିଲେ । ସେମାନଙ୍କୁ ନପାଇବାରୁ ସନ୍ଦେହ କରି ଦମକଳ ବାହିନୀକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଚଣ୍ଡିଖୋଲ, କୁଆଁପାଳ ଦମକଳ ବାହିନୀ ଓ ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଅଭିଷେକ ପାତ୍ରର ମୃତ ଦେହକୁ ଉଦ୍ଧାର କରାଯାଇଥିବା ବେଳେ ଜ୍ୟୋତି ରଞ୍ଜନ ପାଢ଼ୀଙ୍କର କୌଣସି ପତା ମିଳିନାହିଁ । ତେବେ ଅନ୍ଧାର ହୋଇଯିବା କାରଣରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି ଆସନ୍ତା କାଲି ପୁଣି ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ଚଣ୍ଡିଖୋଲ ଅଗ୍ନି ସମବାହିନୀ ପକ୍ଷରୁ ସୂଚନା ମିଳିଛି । ଅଭିଷେକର ମୃତ ଦେହକୁ ବାଲିଚନ୍ଦ୍ରପୁର ପୋଲିସ ପଂଚନାମା କରି ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି । ଏବେ ବର୍ଷାଋତୁ ଥିବାରୁ ନଦୀରେ ଭରପୁର ପାଣି ସାଙ୍ଗକୁ ପ୍ରଖର ସ୍ରୋତ ରହିଥିବାରୁ ଅସାବଧାନତା କାରଣରୁ ଏପରି ଅଭାବନୀୟ ଘଟଣା ଘଟିଥାଏ ପାରେ ବୋଲି ଆଲୋଚନା ହେଉଛି ।

# ୧୫ କିଲୋ ଗଂଜେଇ ସହ ୨ ଗିରଫ

**ରାଇଘର, ୧୧।୯ (ସଂଚାର ବ୍ୟୁରୋ):** ରାଇଘର ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ରାଇଘର -କୁନ୍ଦେଇ ମୁଖ୍ୟ ରାସ୍ତା ଗଞ୍ଜାପରା ସ୍ଥିତ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ନିକଟରେ ଥିବା ବିଶ୍ରାମ ଗୃହରେ ଦୁଇ ଅଜଣା ବ୍ୟକ୍ତିଙ୍କୁ ଦେଖି ସେମାନଙ୍କ ବ୍ୟାଗ ସବୁ ଯାଞ୍ଚ କରିଥିଲେ ଏହି ସମୟରେ ଯୁବକ ଙ୍କ ନିକଟରେ ଥିବା ତିନୋଟି ବ୍ୟାଗରୁ ୧୫କିଲୋ ଗଂଜେଇ ଜବତ କରିଛି ରାଇଘର ପୋଲିସ।ଦୁଇ ଜଣ ଯୁବକ ଜୟପୁର ଠାରୁ ରାୟପୁର ଯିବାକୁ ଥିବା ବସ କୁ ଅପେକ୍ଷା କରୁଥିବା ଅନୁମାନ କରାଯାଉଛି।ଗଂଜେଇ ଚୋରା ଚାଲାଣ କରୁଥିବା ଦୁଇ ଯୁବକ ହରିୟାଣା ରାଜ୍ୟର, ଇସାରା ଜିଲାର, ରାଜଥଲ ଗ୍ରାମର ବଜେନ୍ଦ୍ର ସିଂ(୩୫),ବଲଜିତ କୁମାର ସିଂ (୨୭) ବୋଲି ସୂଚନା ମିଳିଛି।ରାଇଘର ତହସିଲଦାର ଙ୍କ ଉପସ୍ଥିତିରେ ରାଇଘର ଥାନା ଶବ ଇନିସ୍ପେକ୍ଟର ମନୋଜ କୁମାର ବେହେରା ଗଂଜେଇ ଚାଲାଣ କରୁଥିବା ଦୁଇ ଅଭିଯୁକ୍ତ ଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଥିବା ଦେଖିବାକୁ ମିଳିଛି।

# ବେଆଇନ ବାଲି ଚାଲାଣ ଅଭିଯୋଗରେ ୪ କୋର୍ଟ ଚାଲାଣ

**ଆନନ୍ଦପୁର, ୧୧।୯ (ସଂଚାର ବ୍ୟୁରୋ):** ଆନନ୍ଦପୁର ଥାନା ଅନ୍ତର୍ଗତ ବୈତରଣୀ ନଦୀ ବୁଢ଼ିକୁଦ ବାଲିଘାଟରୁ ଗତ ୯ତାରିଖ ସୋମବାର ଦିନ ଟ୍ରାକ୍ଟର ଯୋଗେ ବେଆଇନ୍ ଭାବେ ଚୋରାବାଲି ଚାଲାଣ କରୁଥିବା ବେଳେ ପୋଲିସ ୫ଟି ଟ୍ରାକ୍ଟର ସହ ୪ଜଣ ଚାଳକଙ୍କୁ ଅଟକ ରଖିଥିଲେ। ବେ ଆଇନ୍ ଚୋରା ବାଲି ଅଭିଯୋଗରେ ଗୟଳମୁଣ୍ଡା କଲୋନୀ ସାହିର ଟ୍ରାକ୍ଟର ଚାଳକ ଈଶ୍ୱର ଚନ୍ଦ୍ର ବେହେରା (୨୩), ଚଗୁଲୁ କାରୁଆଁ (୧୯), ରଞ୍ଜନ କାରୁଆଁ (୨୨), ଜଞ୍ଜାଳି ଗ୍ରାମର ତପନ କୁମାର ମହାନ୍ତ (୨୨)ଙ୍କୁ ୧୦ତାରିଖ ମଙ୍ଗଳବାର ଦିନ ଆନନ୍ଦପୁର ପୋଲିସ କେଶ ନଂ ୨୫୦/ ୨୦୨୪ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବାର ଜଣାଯାଇଛି।

# ଅପହରଣ ଓ ଗଣଦୁଷ୍କର୍ମ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

**ଯାଜପୁର, ୧୧।୯ (ସଂଚାର ବ୍ୟୁରୋ):** ଅପହରଣ ପରେ ଗଣଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତକୁ ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ଦୁଇ ବର୍ଷ କାରାଦଣ୍ଡ ରାୟ ଶୁଣାଇଛନ୍ତି। ଯାଜପୁର ଜିଲା ଟମକା ଥାନା ଫୁଲଝର ଗ୍ରାମର ଜନୈକା ୧୬ ବର୍ଷ ନାବାଳିକା ୨୦୧୯ ମସିହା ଜୁନ ୧୬ ତାରିଖରେ କିଛି ଲୋକଙ୍କ ପଛେ ପଛେ ବେଣାପାଟିଆ ଗ୍ରାମକୁ ରଜ ଦୋଳି ଖେଳିବାକୁ ଯାଇଥିଲା। ସେଠାରେ ବୁଲାବୁଲି କରୁଥିବା ସମୟରେ ଅଭିଯୁକ୍ତ ଜିତେନ ଜାମୁଡା ଏବଂ ଅନ୍ୟ ଜଣେ ସାଥୀ ନାବାଳିକାକୁ ବିଭିନ୍ନ ପ୍ରଲୋଭନ ଦେଖାଇ ବାଇକରେ ଅପହରଣ କରି ନେଇଥିଲେ। ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। ଖବର ପାଇ ପରଦିନ ସକାଳୁ ଡୁବୁରୀ ଛକରୁ ନାବାଳିକାକୁ ଉଦ୍ଧାର କରିଥିଲେ। ନାବାଳିକା ସମସ୍ତ ଘଟଣା ପରିବାରକୁ କହିବା ସହ ଅପହରଣକାରୀ ଜିତେନ ଓ ତା'ର ସାଥୀ ନିକଟସ୍ଥ ରେଲୱେ କ୍ୟାମ୍ପରେ ରାତିରେ ରଖି ଗଣ ଦୁଷ୍କର୍ମ କରିଥିଲେ ବୋଲି କହିଥିଲେ। ଏହି ଘଟଣାକୁ ନେଇ ପୀଡ଼ିତାର ଦାଦା କଳିଙ୍ଗନଗର ଥାନାରେ ୧୯ ତାରିଖରେ ଅଭିଯୋଗ କରିଥିଲେ। କଳିଙ୍ଗନଗର ଥାନାରେ କେସ ନଂ ୧୧୦/୨୦୧୯ରେ ମାମଲା ରୁଜୁ କରାଯାଇଥିଲା। ପୁଲିସ ଜିତେନ ଜାମୁଡାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଅନ୍ୟ ଜଣେ ଯୁବକ ନାବାଳକ ହୋଇଥିବାରୁ ତା'ର ବିଚାର ଜୁଭେନାଲ କୋର୍ଟରେ ହୋଇଥିବା ବେଳେ ୧୧ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଶରତ କୁମାର ଦେହୁରୀ ଅଭିଯୁକ୍ତ ଜିତେନ ଜାମୁଡାକୁ ଉପରୋକ୍ତ ଘଟଣାରେ ଦୋଷୀ ସାବ୍ୟସ୍ତ କରିବା ସହିତ ୩୭୬(ଡି)/ଆଇପିସି ଧାରାରେ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ କରିଛନ୍ତି। ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାକୁ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ନେଇ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରାର୍ଥସାରଥୀ ରାୟ ପରିଚାଳନା କରୁଥିଲେ।

### ଭିତରକନିକାରେ ବିଶ୍ୱ ବନ ସହିଦ ଦିବସ

# ୫ ସହିଦ ପରିବାରକୁ ସମ୍ବର୍ଦ୍ଧିତ କଲେ ଡିଏଫ୍‌ଓ

**ରାଜନଗର, ୧୧।୯ (ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଲ ଠାରେ ଥିବା ସହିଦ ସ୍ତମ୍ଭ ନିକଟରେ ବିଶ୍ୱ ବନ ସହିଦ ଦିବସ ପାଳିତ ହୋଇଯାଇଛି । ଭିତରକନିକା ଆର୍ଦ୍ରଭୂମି ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ସୁରକ୍ଷା ତଥା ସଂରକ୍ଷଣ ପାଇଁ ନିରନ୍ତର ସେବା ଯୋଗାଇବା ସମୟରେ ମାଫିଆଙ୍କ ଆକ୍ରମଣ ଓ ବନ୍ୟଜନ୍ତୁଙ୍କ ଆକ୍ରମଣରେ ସହିଦ ହୋଇଥିବା ବନକର୍ମଚାରୀଙ୍କ ଉଦ୍ଦେଶ୍ୟରେ ଡାଙ୍ଗମାଳଠାରେ ଥିବା ସହିଦ ସ୍ମୃତିସ୍ତମ୍ଭରେ ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ, ସହକାରୀ ବନ ସଂରକ୍ଷକ ପୁନମ ହୀରା ହାଁସଦା, ଗଗନ ବିହାରୀ ମଲ୍ଲିକ, ସହକାରୀ ବନ ସଂରକ୍ଷକ ମାନସ କୁମାର ଦାସ ପ୍ରମୁଖ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ଭିତରକନିକା ଓ ଗହୀରମଥା ଇତିହାସରେ ଆଜିସୁଦ୍ଧା ୪ଜଣ ବନ କର୍ମଚାରୀ ମାଫିଆଙ୍କ ଆକ୍ରମଣରେ ସହିଦ ହୋଇଥିବା ବେଳେ ଜଣେ କର୍ମଚାରୀ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିଲେ। ଫରେଷ୍ଟର ଏସକେ ନୁର ମହମ୍ମଦ ଓ ଡିଏଲଆର କର୍ମଚାରୀ ସେକ୍ ଗାଫିଲକୁ ୨ ଜାନୁୟାରୀ ୧୯୯୦ରେ ହୁକିଟୋଲାରେ କାଠ ମାଫିଆମାନେ ଅତି ଅମାନୁଷିକ ଭାବେ ହତ୍ୟା କରିଥିଲେ। ବାଡେଇ ବାଡେଇ ସେକ୍ ଗାଫିଲଙ୍କୁ ହତ୍ୟା କରିଥିବା ବେଳେ ଫରେଷ୍ଟରଙ୍କର ମୁଣ୍ଡ ଗଣ୍ଡି ଅଲଗା କରି ଦେଇଥିଲେ । ଫରେଷ୍ଟରଙ୍କ କଟାମୁଣ୍ଡ ମିଳିଥିବା ବେଳେ ଶରୀରର ଅନ୍ୟ ଅଂଶ ମିଳିନଥିଲା । କାଠ ମାଫିଆଙ୍କ ଦୌରାତ୍ମ୍ୟ ସେତିକିରେ ସରିନଥିଲା । ୪ ଅପ୍ରେଲ ୧୯୯୬ରେ କୁଜଙ୍ଗର ଆକାଶଡିଆରେ ବନକର୍ମଚାରୀ ଦିଜବର ସ୍ୱାଇଁଙ୍କୁ କାଠ ମାଫିଆମାନେ ମାରି ଦେଇ ବାଲିରେ ପୋତି ଦେଇଥିଲେ। ୨୪ ଏପ୍ରେଲ ୨୦୦୦ରେ ଡିଏଲଆର କର୍ମଚାରୀ ମଧୁସୂଦନ ବେହେରା ଡାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ରରେ କାମ କରୁଥିବା ବେଳେ କୁମ୍ଭୀର ଆକ୍ରମଣରେ



ପ୍ରାଣ ହରାଇଥିଲେ । ୮ ଫେବୃୟାରୀ ୨୦୦୩ରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଟ୍ରଲର ମାଫିଆମାନେ ଫରେଷ୍ଟର ଶ୍ୟାମ ସୁନ୍ଦର ସିଂଙ୍କୁ ଅତି ନିର୍ମମ ଭାବେ ମାଡ ମାରିବା ସହ ଗଭୀର ସମୁଦ୍ରକୁ ଫୋପାଡି ଦେଇଥିଲେ । ପରେ ତାଙ୍କ ମୃତଦେହ ମିଳିଥିଲା । ଭିତରକନିକା ଓ ଗହୀରମଥାର ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଏହି ୫ ବନ କର୍ମଚାରୀଙ୍କ ବଳିଦାନକୁ ମନରେ ରଖିବା ଓ ଭବିଷ୍ୟତ ପିଢ଼ୀର କ୍ଷେତ୍ର କର୍ମଚାରୀଙ୍କୁ ଅନୁପ୍ରାଣିତ କରିବା ଉଦ୍ଦେଶ୍ୟରେ ରାଜନଗର ବନବିଭାଗ ପକ୍ଷରୁ ଏହି ସ୍ମୃତିସ୍ତମ୍ଭ ନିର୍ମାଣ କରାଯାଇଛି । ଏହି ସହିଦ ସ୍ମୃତିସ୍ତମ୍ଭ ନିକଟରେ ଡିଏଫଓ ସହିଦ ୫ ପାରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିବା ସହ ଭିତରକନିକା ଓ ଗହୀରମଥାର ସୁରକ୍ଷା ପାଇଁ ବନକର୍ମଚାରୀଙ୍କ ବଳିଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ରାଜନଗର ରେଂଜ ଅଫିସର ଚିତ ରଂଜନ ବେଉରା, ଗହୀରମଥା ରେଂଜ ଅଫିସର ପ୍ରଦୋଷ କୁମାର ମହାରଣା, ମହାକାଳପଡା ରେଂଜ ଅଫିସର, ଗବେଷକ ପ୍ରସନ୍ନ କୁମାର ନାୟକ, ବନକର୍ମଚାରୀ ରଂଜନ କୁମାର ପାଢ଼ୀ ପ୍ରମୁଖ ସହିଦ କର୍ମଚାରୀଙ୍କର ସ୍ମୃତିଚାରଣ କରିଥିଲେ ।

# ଐତିହାସିକ ବଳିଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ସୁବର୍ଣ୍ଣପୁର, ୧୧।୯ (ସଂଚାର ବ୍ୟୁରୋ):** ଯନ୍ତ୍ର ମନ୍ତ୍ର ତନ୍ତ୍ର ପୀଠ ସୋନପୁର ଏଠାରେ ଆଶ୍ୱିନ ମାସ ଆସିଲେ ଦେବୀ ପୀଠ ମାନଙ୍କରେ ବଳି ପୂଜା ହୁଏ। ସୋନପୁରର ପ୍ରସିଦ୍ଧ ଐତିହାସିକ ବଳିଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଦେବୋତ୍ତର ଅଧିକାରୀ ତଥା ଉପ-ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ ଅଧ୍ୟକ୍ଷତାରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପ-ଜିଲ୍ଲାପାଳ ପ୍ରସିଦ୍ଧ ଯାତ୍ରା ଯେପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ସେଥିପାଇଁ ଉପସ୍ଥିତ ସେବାୟତ ତଥା ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ପୂର୍ବତନ ଦେବୋତ୍ତର ମ୍ୟାନେଜର ନୀଳାମ୍ବର ଶତପଥୀ ଯୋଗଦେଇ ଏହି ଯାତ୍ରାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିବା ବେଳେ ଦେବୋତ୍ତର ମ୍ୟାନେଜର ମେଘନାଥ ମନହିରା ଯାତ୍ରାର ପୂର୍ବ ବର୍ଷର ଆୟବ୍ୟୟ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀବତ୍ସ ମଲ୍ଲିକ, ପର୍ଶୁରାମ ମିଶ୍ର, ସତ୍ୟ ନାରାୟଣ ତ୍ରିପାଠୀ, ବୈକୁଣ୍ଠ ଶତପଥୀ, ପର୍ଶୁରାମ ମିଶ୍ର, ଲଡୁ କିଶୋର ମଲ୍ଲିକ, ଆନନ୍ଦ ବାରିକ, ଶେଷଦେବ ମେହେର, ମଧୁସୂଦନ ମେହେର, ସୁବାଷ ପଣ୍ଡା, ପବିତ୍ର ତାରିଆ ପ୍ରମୁଖଙ୍କ ସମେତ ବଳିଯାତ୍ରାର ମୁଖ୍ୟ ପୁରୋହିତ ବୁଲୁ ପୁରୋହିତ ଓ ସେବାୟତ ମାନେ ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର ବଳିଯାତ୍ରା ଆଶ୍ୱିନ ଅମାବାସ୍ୟ (ମହାଳୟା) ଠାରୁ ପ୍ରତିପଦା ପର୍ଯ୍ୟନ୍ତ ୧୬ ଦିନବ୍ୟାପୀ ସୋନପୁରର ବିଭିନ୍ନ ଶକ୍ତିପୀଠ ମାନଙ୍କରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ପ୍ରାୟ ୩୬ଟି ସମ୍ପ୍ରଦାୟର ସେବାୟତମାନେ ଅଂଶଗ୍ରହଣ କରିବେ। ସମଲେଶ୍ୱରୀ ମନ୍ଦିରରେ ଭାଙ୍ଗି ଯାଇଥିବା ଯୋଡାଖମ୍ବ ସ୍ଥାନରେ ନୂତନ ଯୋଡାଖମ୍ବ ପାଇଁ ଆସନ୍ତା ୧୩ ତାରିଖ ଦିନ ଆବଶ୍ୟକ ବୃକ୍ଷ ଛେଦନ କରାଯାଇ ମୁଳାଷ୍ଟମୀ ଦିନ ତନ୍ତ୍ରବିଧି ଅନୁସାରେ ପୂଜା କରାଯାଇ ସ୍ଥାପନ କରାଯିବ। ସେହିଦିନ ରାତ୍ରିରେ ଖଣ୍ଡାଧୁଆ ପର୍ବ ଅନୁଷ୍ଠିତ ହୋଇ ବଳିଯାତ୍ରାର ଆରମ୍ଭ ହେବ। ବଳିଯାତ୍ରା ପୂର୍ବରୁ ଶାକ୍ତିପୀଠ ଗୁଡିକୁ ରଙ୍ଗ କରାଯାଇ ସୁସଜ୍ଜିତ କରାଯିବା ଆଲୋଚନା କରାଯାଇଥିଲା। ଯାତ୍ରା ସମୟରେ ଖମ୍ବେଶ୍ୱରୀ ମନ୍ଦିର ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ନେଇ ବୈଠକରେ ସ୍ଥିର କରାଯାଇ ଥିବାବେଳେ ଆସନ୍ତା ୧୫ ତାରିଖ ପରବର୍ତ୍ତୀ ବୈଠକ ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା।

# ଭାପୁରରେ ରାଧାଷ୍ଟମୀ ପାଳିତ

**ଖଣ୍ଡପଡ଼ା, ୧୧।୯ (ସଂଚାର ବ୍ୟୁରୋ):** ନୟାଗଡ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳର ପୁରପଲ୍ଲୀରେ ମା' ରାଧାଙ୍କ ଜନ୍ମ ଉତ୍ସବକୁ ରାଧାଷ୍ଟମୀ ଭାବେ ବୁଧବାର ଦିନ ଧୁମ୍ ଧାମରେ ପାଳିତ ହୋଇଯାଇଛି। ଭାପୁର ବ୍ଲକ ସଦର ମହକୁମା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପୁରୋହିତ କେଳୁ ଚରଣ ନନ୍ଦ, ପିତବାସ ମହାପାତ୍ର ପୂର୍ବାହ୍ନ ରେ ମା' ରାଧାଙ୍କ ଜନ୍ମ ଉତ୍ସବକୁ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ । ସନ୍ଧ୍ୟା ସମୟରେ ପୁରୋହିତ ମାନେ ସନ୍ଧ୍ୟା ଆଳତି, ହୋମ, ପୂଜାର୍ଚ୍ଚନା ଆଦି ମା' ରାଧାଙ୍କ ରୀତି ନୀତି ଅନୁଯାୟୀ ସମାପନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁ ମାନେ ଉପସ୍ଥିତ ରହି ମା' ରାଧା, ପ୍ରଭୁ ଶ୍ରୀ କୃଷ୍ଣ, ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଦର୍ଶନ କରିବା ସହ ଆର୍ଶୀବାଦ ଭିକ୍ଷା କରିଥିଲେ। ଏହି ଅବସରରେ ପଦ୍ମାବତୀ ଗ୍ରାମ ସ୍ଥିତ ଗୋପୀନାଥ ମନ୍ଦିର, ଗୋପାଳ ପ୍ରସାଦ ଗ୍ରାମ ସ୍ଥିତ ରାଧାକୃଷ୍ଣ ମନ୍ଦିର, ଗୋବର୍ଦ୍ଧନ ଗ୍ରାମ ସ୍ଥିତ ଗୋପାଳ ଜୀଉ ଆଦି ବିଭିନ୍ନ ମନ୍ଦିର ତଥା ମଠ ପରିସରରେ ମା' ରାଧାଙ୍କ ଜନ୍ମ ଉତ୍ସବ ରୀତି ନୀତି ଅନୁଯାୟୀ ଧୁମ୍ ଧାମରେ ପାଳିତ ହୋଇଯାଇଛି। ଯାହା ଫଳରେ ପୁରପଲ୍ଲୀରେ ଏକ ଆଧ୍ୟାତିକ ପରିବେଶ ସୃଷ୍ଟି ହୋଇଛି।




# ୨୩୫ ୟୁନିଟ୍ ରକ୍ତ ସଂଗ୍ରହ

**ବ୍ରହ୍ମପୁର, ୧୧।୯ (ସଂଚାର ବ୍ୟୁରୋ):** ବିକ୍ରମ ପଣ୍ଡା ଫେନ୍ କ୍ଲବ ପକ୍ଷରୁ ଏକ ରକ୍ତ ଦାନ ଶିବିରର ଆୟୋଜନ ହୋଇଥିଲା । ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଜନ୍ମ ଦିନ ଅବସରରେ ଏହି ଶିବିରରେ ୨୩୫ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଶିବିର ପୂର୍ବାହ୍ନ ରୁ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା । ନେତା, ନେତ୍ରୀ ଓ କର୍ମକର୍ତ୍ତା ଏଥିରେ ଭାଗ ନେଇଥିଲେ ।

# ବନରକ୍ଷୀବିହୀନ କୁମ୍ଭାରପଡା ବିଟ୍

**ଖଣ୍ଡପଡ଼ା, ୧୧।୯ (ସଂଚାର ବ୍ୟୁରୋ):** ନୟାଗଡ ବନଖଣ୍ଡ ଖଣ୍ଡପଡା ବନାଞ୍ଚଳ ଅଧୀନ କୁମ୍ଭାରପଡା ବିଟ୍ କାର୍ଯ୍ୟାଳୟରେ ରହୁନାହାଁନ୍ତି ବନରକ୍ଷୀ। ଏହାର ସୁଯୋଗ ନେଇ କାଠମାଫିଆ ମାନେ ନିର୍ଭୟରେ ବନାଞ୍ଚଳ ମଧ୍ୟରେ ପଶି ନିଜର ଆଧିପତ୍ୟ ଜାହିର କରିବା ସହିତ ମୂଲ୍ୟବାନ ଗଛ କାଟି ପଦା କରିଚାଲିଛନ୍ତି। ଗତ ରାତ୍ରିରେ କୁମ୍ଭାରପଡ଼ା ବନାଞ୍ଚଳ ମଧ୍ୟରୁ ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଶାଳ କାଠ ମାଫିଆମାନେ ଚାଲାଣ କରିଥିବା ଗ୍ରାମବାସୀଙ୍କ ଠାରୁ ପ୍ରକାଶ। ଧର୍ମକୁ ଆଖିଠାର ନ୍ୟାୟରେ ଆଜି ସକାଳୁ ବନବିଭାଗ କର୍ମଚାରୀମାନେ ବନାଞ୍ଚଳ ମଧ୍ୟରେ ପଇଁତରା ମାରୁଥିବା ଦେଖିବାକୁ ମିଳିଛି। ବନବିଭାଗ ପକ୍ଷରୁ ଦୈନିକ ପେଟ୍ରୋଲିଙ୍ଗର ବ୍ୟବସ୍ଥା ଥିଲେ ବି ଏହା କେବଳ ଲୋକଦେଖାଣିଆ ପାଲଟିଛି। ବନପାଳ ଓ ବନରକ୍ଷୀ କାର୍ଯ୍ୟାଳୟରେ ରହୁ ନଥିବାରୁ ଏଭଳି ଘଟଣା ଘଟୁଛି ବୋଲି ପରିବେଶବିତ୍ ମାନେ ମତପୋଷଣ କରିଛନ୍ତି। ଏସବୁ ଘଟଣା ସଂପର୍କରେ ଅଧିକାରୀ ମାନେ ଅବଗତ ଥିଲେ ମଧ୍ୟ ସେମାନଙ୍କ କଥା ବା ନିର୍ଦ୍ଦେଶକୁ କେହି ଖାତିର କରୁନାହାଁନ୍ତି। ବନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।



# ବାଘୁଆ ନାଳ ଓ ଗୁଡ଼ିଆ ଜୋର ଉପରେ ପୋଲ ନିର୍ମାଣ ଦାବି

**ପଟ୍ଟାମୁଣ୍ଡାଇ, ୧୧।୯ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ବିକାଶ ପାଇଁ ସର୍ବଦା ସ୍ୱର ଉତ୍ତୋଳନ କରିଆସୁଥିବା ଧୋୟାଞ୍ଚଳ ବିକାଶ ମଞ୍ଚ ସମ୍ପ୍ରତି କୃଷକମାନଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଆଗେଇ ଆସିଛି । ଅଳପୁଆ, ପେଣ୍ଠପାଳ ତରଡ଼ିପାଳ ପଂଚାୟତରେ ପ୍ରାୟ ୧୮୦ ହେକ୍ଟର ଉର୍ବର ଚାଷ ଜମି ଗମନାଗମନ ଅସୁବିଧାରୁ ଚାଷ ହୋଇପାରୁନାହିଁ ଏପରିକି ଟ୍ରାକ୍ଟର ଓ ପାୱାର ଟିଲର ମଧ୍ୟ ଚାଷ ଜମିକୁ ଯାଇପାରୁନାହିଁ ଯାହାଫଳରେ ଚାଷ କାର୍ଯ୍ୟ ବ୍ୟାହତ ହୋଇଛି । ପେଣ୍ଠପାଳ ପଂଚାୟତର ବାଘୁଆ ନାଳ ଉପରେ ପୋଲ ନିର୍ମାଣ କରିବା ପାଇଁ ଧୋୟା ଅଞ୍ଚଳ ବିକାଶ ମଞ୍ଚ ଦାବି କରିଛି । ସେହିପରି ଅଣ୍ଡରା, ଅମୃତମଣୋହି, ବଲୁରିଆ ଆଦି ପଂଚାୟତରେ ୨୦୦ଏକରରୁ ଉର୍ଦ୍ଧ୍ୱ ଉର୍ବର ଚାଷ ଜମି ରହିଛି । ମାତ୍ର ଗମନାଗମନ ସୁବିଧା ନଥିବାରୁ ଉକ୍ତ ଚାଷ ଜମିରେ ଚାଷ କାର୍ଯ୍ୟ ହୋଇପାରୁନାହିଁ । ଯାହାଫଳରେ ପ୍ରାୟ ୨୦୦ ହେକ୍ଟର ଉର୍ବର ଚାଷ ଜମି ପଡିଆ ପଡିଛି । ଧୋୟାଞ୍ଚଳର ୭ଟି ପଂଚାୟତର ପ୍ରାୟ ୪୦୦ହେକ୍ଟର ଚାଷ ଜମି ଗମନାଗମନ ସୁବିଧା ନଥିବାରୁ ପଡିଆ ପଡିଛି। ଧୋୟାଞ୍ଚଳ ଚାଷୀଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ପେଣ୍ଠପାଳ ପଂଚାୟତ ବାଘୁଆ ନାଳ ଓ ଅଣ୍ଡରା ପଂଚାୟତ ଗୁଡ଼ିଆ ଜୋର ଉପରେ ପୋଲ ନିର୍ମାଣ କରିବା ପାଇଁ ଧୋୟାଞ୍ଚଳ ବିକାଶ ମଞ୍ଚ ସମ୍ପାଦକ ରାଜକୁମାର ବିଶ୍ୱାଳଙ୍କ ନେତୃତ୍ୱରେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ ଓ କୋଷାଧକ୍ଷ ପ୍ରେମାନନ୍ଦ ସୂତାର ପ୍ରମୁଖ ବହୁ ସଦସ୍ୟ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଛନ୍ତି । ଏହି ଦାବୀପତ୍ରର ନକଲ ରାଜ୍ୟ ମୁଖ୍ୟମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନମନ୍ତ୍ରୀ, କେନ୍ଦ୍ରାପଡ଼ା ସାଂସଦ, ବିଧାୟକ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ସହନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରି ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବୀ କରାଯାଇଛି ।

# ସିଏମ୍ କିଷାନ: ମୁଖ୍ୟମନ୍ତ୍ରୀଙ୍କୁ ବିଜେପିର ଧନ୍ୟବାଦ



**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ):** ଓଡିଶାର ଯଶସ୍ୱୀ ଲୋକପ୍ରିୟ ଚାଷୀ ଦରଦୀ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ଶପଥପାଠ କରିବାର ମାତ୍ର ୩ ମାସ ନପୁରୁଣୁ ଚାଷୀମାନଙ୍କର ଆୟକୁ ଦୁଇ ଗୁଣ କରିବା ସହିତ ସମୃଦ୍ଧ କରିବା ପାଇଁ ଯୁଦ୍ଧ କାଳୀନ ଭିତିରେ ଗୋଟିଏ ପରେ ଗୋଟେ ପଦକ୍ଷେପମାନ ନେଇ ଚାଲିଛନ୍ତି । ଧାନ କ୍ୱିଂଟାଲ ପ୍ରତି ୩୧୦୦ଟଙ୍କା କରିବା, ୫୮ଟି ସବ୍‌ଡିଭିଜନରେ ଶୀତଳ ଭଣ୍ଡାର କରିବା, ଚାଷ ଜମିକୁ ଉଠା ଜଳସେଚନ ଦ୍ୱାରା ଜଳସେଚନ ପାଇଁ ବ୍ୟବସ୍ଥା କରିବା, ସମସ୍ତ ବ୍ଲକରେ ପନିପରିବା ମଣ୍ଡିର ବ୍ୟବସ୍ଥା କରିବା, ଚାଷୀ ପରିବାର ଛାତ୍ର ଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କର ଘୋଷଣା ଏକ ଯୁଗାନ୍ତକାରୀ ପଦକ୍ଷେପ । ଓଡ଼ିଶାର ଚାଷୀମାନଙ୍କୁ ଲାଭାନ୍ୱିତ କରିବା ପାଇଁ ବିଜେପି ସଂକଳ୍ପବଦ୍ଧ । ଓଡ଼ିଶାରେ "ଡବଲ ଇଞ୍ଜିନ ସରକାର" ଆସିବା ପରେ ଲୋକପ୍ରିୟ ଯଶସ୍ୱୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନୂଆଖାଇ ପର୍ବ ଦିନ ସମ୍ବଲପୁର ଠାରେ ସିଏମ୍ କିଷାନ୍ ଯୋଜନାର ଶୁଭାରମ୍ଭ କରି ପ୍ରଥମ କିସ୍ତିରେ ୪୬ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କ ପାଖକୁ ୨ହଜାର ଟଙ୍କା ଦିଆଯାଇଛି ଏବଂ ଅକ୍ଷୟ ତୃତୀୟାରେ ଦ୍ୱିତୀୟ କିସ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବାରୁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ନେତା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଛନ୍ତି । ସାରା ରାଜ୍ୟରୁ ଆସିଥିବା ଚାଷୀ ନେତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ । ଚାଷୀମାନେ ସେମାନେ ଚାଷ କରିଥିବା ବାଇଗଣ, କଲରା, ଭେଣ୍ଡି, ଜହ୍ନି, କାକୁଡି ପ୍ରଭୃତି ପନିପରିବା ଭର୍ତି ପାଛିଆ ଶ୍ରଦ୍ଧାର ସହ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ସହିତ ସାଙ୍ଗରେ ଆଣିଥିବା ଝାମ୍ପିକୁ ମୁଖ୍ୟମନ୍ତ୍ରୀଙ୍କୁ ପିନ୍ଧାଇଥିଲେ । ସମସ୍ତ ଚାଷୀ ଭାଇମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଥିଲେ ।




## ଓଡ଼ିଶାରେ ଆରମ୍ଭ ହେବ ବୟସ୍କ ବିସିଜି ଟିକାକରଣ

**ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ):** ୨୦୨୫ ସୁଦ୍ଧା ଦେଶରେ ଯକ୍ଷ୍ମା (ଯକ୍ଷ୍ମା) ନିରାକରଣ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଚଳିତ ମାସରେ ଓଡ଼ିଶାରେ ବୟସ୍କଙ୍କ ପାଇଁ ଏକ ନୂତନ ବିସିଜି ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି। ଅସୁରକ୍ଷିତ ବୟସ୍କ ଜନସଂଖ୍ୟାରେ ଏହାର ଫଳପ୍ରଦତା ଆକଳନ କରିବା ପାଇଁ ଆଇସିଏମଆର ସହଯୋଗରେ ଏହି ନୂତନ ଟିକା ଆରମ୍ଭ କରାଯାଉଥିବା ଟିବି ରାଜ୍ୟମାନଙ୍କ ମଧ୍ୟରୁ ଓଡ଼ିଶା ଅନ୍ୟତମ । ବାଲେଶ୍ୱର, ବଲାଙ୍ଗୀର, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ନବରଙ୍ଗପୁର, ନୟାଗଡ଼, ରାୟଗଡ଼ା ଓ ସୁନ୍ଦରଗଡ଼ ଆଦି ୧୫ଟି ଜିଲ୍ଲାରେ ଏହି ଅଭିଯାନ ଆରମ୍ଭ ହେବ। ସୂତ୍ରରୁ ପ୍ରକାଶ ଯେ ପାରମ୍ପରିକ ଭାବରେ ଯକ୍ଷ୍ମାର ଗମ୍ଭୀର ରୂପକୁ ରୋକିବା ପାଇଁ ପିଲାମାନଙ୍କ ପାଇଁ ବ୍ୟବହୃତ ହେଉଥିବା ବିସିଜି ଟିକା ବୟସ୍କଙ୍କ ଠାରେ ଏହାର ଫଳପ୍ରଦତା ପାଇଁ ପରୀକ୍ଷଣ କରାଯାଉଛି। ଯକ୍ଷ୍ମା ସଂକ୍ରମଣ ଓ ମୃତ୍ୟୁହାର ହ୍ରାସ କରିବା ଦିଗରେ ରାଜ୍ୟର ପ୍ରୟାସକୁ ଏହି କାର୍ଯ୍ୟକାରୀ କରିବା ଦ୍ୱାରା ଯଥେଷ୍ଟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ଜାତୀୟ ବ୍ୟାପକତା ସର୍ବେକ୍ଷଣରେ ଦର୍ଶାଯାଇଥିବା ୬ଟି ଟାର୍ଗେଟ ଗ୍ରୁପ୍ କୁ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରିବାକୁ ଯୋଜନା କରାଯାଇଛି। ଯକ୍ଷ୍ମା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି, ପୂର୍ବରୁ ଚିକିତ୍ସିତ ହୋଇଥିବା ଯକ୍ଷ୍ମା ବ୍ୟକ୍ତି, ୧୮ କିଲୋଗ୍ରାମ/ବର୍ଗ ମିଟରରୁ କମ୍ ବିଏମଆଇ ଥିବା ବୟସ୍କ, ୬୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି, ସ୍ୱୟଂ ରିପୋର୍ଟ ହୋଇଥିବା ଧୂମପାନକାରୀ ଏବଂ ସ୍ୱୟଂ ରିପୋର୍ଟ ହୋଇଥିବା ମଧୁମେହ କୁ ଟିକା ଦିଆଯିବ । ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି ଯେ ଏହି ପରୀକ୍ଷଣ ଟିକାର କାର୍ଯ୍ୟଦକ୍ଷତା ଏବଂ ବ୍ୟାପକ ମାତ୍ରାରେ ଗ୍ରହଣ କରିବାର ସମ୍ଭାବନା ବିଷୟରେ ମୂଲ୍ୟବାନ ସୂଚନା ପ୍ରଦାନ କରିବ। ଚୟନ କରାଯାଇଥିବା ଜିଲ୍ଲାଗୁଡିକ ଯକ୍ଷ୍ମା ନିରାକରଣ ପାଇଁ ଏହି ଅଭିନବ ପଦ୍ଧତି ପାଇଁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷଣ ସ୍ଥଳ ଭାବରେ କାର୍ଯ୍ୟ କରିବ। ବୟସ୍କମାନେ ଏହି ଟିକାକରଣ ପାଇଁ ସ୍ୱେଚ୍ଛାସେବୀ ହୋଇପାରିବେ । ଏହି ଅଭିଯାନ ବ୍ୟାପକ ରୋଗ ନିୟନ୍ତ୍ରଣ ହାସଲ କରିବାରେ ସହାୟକ ହେବ ଏବଂ ସମ୍ଭାବ୍ୟ ରାଜ୍ୟବ୍ୟାପୀ କାର୍ଯ୍ୟକାରିତା ପାଇଁ ପଥ ପ୍ରଶସ୍ତ କରିବ। ସମସ୍ତ ଜିଲ୍ଲାରେ ଆଶା କର୍ମୀଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରଶିକ୍ଷଣ ଶେଷ ହୋଇଛି। ପ୍ରାଥମିକ ଆକଳନ ଅନୁଯାୟୀ ପ୍ରାୟ ୪୦ ଲକ୍ଷ ହିତାଧିକାରୀ ରହିବେ, କିନ୍ତୁ ଗାଇଡଲାଇନ ଅନୁଯାୟୀ ଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ହେଡ୍ କାଉଣ୍ଟ ସର୍ଭେ ଚାଲିଛି। ସପ୍ତାହରେ ୪ ଦିନ (ବୁଧବାର, ଶନିବାର ଓ ଛୁଟି ଦିନକୁ ବାଦ୍ ଦେଲେ) ଟିକାକରଣ ଅଧିବେଶନ ଅନୁଷ୍ଠିତ ହେବ। ମନୋନୀତ ଜିଲ୍ଲାଗୁଡ଼ିକରେ ପ୍ରସ୍ତୁତି ଆରମ୍ଭ ହୋଇସାରିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି। ଟିକାକରଣ ସ୍ୱେଚ୍ଛାକୃତ ହୋଇଥିବାରୁ ହିତାଧିକାରୀଙ୍କ ତାଲିକା ଚୂଡ଼ାନ୍ତ କରିବା ସହ ଗୋଷ୍ଠୀ ସଚେତନତା କରିବାକୁ ଜିଲ୍ଲାଗୁଡ଼ିକୁ କୁହାଯାଇଛି। ଖୁବଶୀଘ୍ର ରାଜ୍ୟରେ ଏହି ଅଭିଯାନ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଯକ୍ଷ୍ମା ବିଜ୍ଞପ୍ତି ରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ୫୦ ହଜାରରୁ ଅଧିକ ରୋଗୀ ଚିକିତ୍ସାଧୀନ ଅଛନ୍ତି। କୋଭିଡ୍-୧୯ ମହାମାରୀ ପରେ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୪୫ ପ୍ରତିଶତ ବୃଦ୍ଧି ପାଇଛି।

## ଆଉ ଏକ ଘୂର୍ଣ୍ଣିବଳୟ ୨ ଦିନ ପ୍ରବଳ ବର୍ଷିବ

**ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ବର୍ତ୍ତମାନ ମିଆଁମାର ପାଖାପାଖି ଅଞ୍ଚଳରେ ଏହି ଘୂର୍ଣ୍ଣିବଳୟ ସକ୍ରିୟ ଥିବା ବେଳେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରି ଉପକୂଳବର୍ତ୍ତୀ ବଙ୍ଗଳାଦେଶ ବା ଉତ୍ତର ପଶ୍ଚିମ ବଙ୍ଗୋପସାଗରକୁ ଆସିବାର ସମ୍ଭାବନା ରହିଛି ।ଏହାର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବିଶେଷ ଭାବେ ୧୩ ଓ ୧୪ ତାରିଖରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଗୋଟିଏ ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ମଧ୍ୟ ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ମନୋରମା ମହାନ୍ତି କହିଛନ୍ତି। ଆସନ୍ତା ୨୪ ଘଣ୍ଟା ପାଇଁ ରାଜ୍ୟର ୧୪ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଗୁରୁବାର ଠାରୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ ସୁନ୍ଦରଗଡ଼, ଦେଓଗଡ଼, ଗଜପତି, ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ନୟାଗଡ ଏବଂ ଖୋର୍ଦ୍ଧା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ସେହିଭଳି ଆସନ୍ତା ୨୪ ଘଣ୍ଟା ପାଇଁ ଜଗତ୍‌ସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଦେଓଗଡ଼, ସମ୍ବଲପୁର ଏବଂ ଝାରସୁଗୁଡ଼ା ଆଦି ଜିଲ୍ଲା ପାଇଁ ସତର୍କ ସୂଚନା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି କରାଯାଇଛି। ୧୩ ରୁ ବର୍ଷା ବଢ଼ିବାର ସମ୍ଭାବନା ଥିବା ପ୍ରବଳ ବର୍ଷା ପାଇଁ ମୟୂରଭଞ୍ଜ ଓ କେନ୍ଦୁଝରକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୧୫ ତାରିଖ ବେଳକୁ ବର୍ଷା କମିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଗତ ୨୪ ଘଣ୍ଟାରେ ସାରା ରାଜ୍ୟରେ ୯୪୨.୮ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ୭ ପ୍ରତିଶତ ନିଅଣ୍ଟିଆ ବର୍ଷା ରେକର୍ଡ ହୋଇଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ମାଗଣା ବିଜୁଳି ପ୍ରସଙ୍ଗ

## କୌଣସି ସେବାକୁ ମାଗଣା ଆଶା ରଖନ୍ତୁନି: ମନ୍ତ୍ରୀ



**ପିଏମ୍ ସୂର୍ଯ୍ୟ ଘର ଯୋଜନାରେ ବିନାମୂଲ୍ୟରେ ମିଳିବ ୩୦୦ ୟୁନିଟ**

**ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ):** ବିଧାନସଭାରେ ଉଠିଲା ମାଗଣା ବିଜୁଳି ପ୍ରସଙ୍ଗ। ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କଲେ ବିରୋଧୀ। ମାଗଣା ବିଜୁଳିକୁ ନେଇ କଂଗ୍ରେସ ବିଧାୟକ ଅଶୋକ ଦାସଙ୍କ ପ୍ରଶ୍ନର ବିଧାନସଭାରେ ଉତ୍ତର ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନବର୍ଦ୍ଧନ ସିଂହଦେଓ।

ମନ୍ତ୍ରୀ କହିଛନ୍ତି, ସୁଇଚ ଅଫ ନ କଲେ ବିଲ ଅଧିକ ଆସିବ। ଶକ୍ତି ସଂରକ୍ଷଣ ଶିଖନ୍ତୁ, ମାଗଣାରେ ବିଜୁଳି ପାଇବା ଆଶା ରଖନାହିଁ। କୌଣସି ସେବାକୁ ମାଗଣାରେ ଆଶା ରଖନ୍ତୁ ନାହିଁ। ଉପଭୋକ୍ତାଙ୍କୁ ସଚେତନତା ପାଇଁ ଭିଡିଓ ଏବଂ ମେସେଜ ଦିଆଯାଉଛି। ଅନେକ ସମୟରେ ସୁଇଚ ଅଫ କେହି କରୁନାହାଁନ୍ତି।

ଉଦାହରଣ ଦେଇ ମନ୍ତ୍ରୀ କହିଛନ୍ତି, ମୋବାଇଲ ଚାର୍ଜର ସୁଇଚ କେହି ବନ୍ଦ କରୁନାହାଁନ୍ତି, ଏହାଦ୍ୱାରା ଅଧିକ ବିଲ ଆସିଥାଏ। ଉପଭୋକ୍ତାମାନଙ୍କୁ ସଚେତନ କରିବାକୁ ମନ୍ତ୍ରୀ ସବୁ ବିଧାୟକଙ୍କୁ ନିବେଦନ କରିଛନ୍ତି। ମିଟର ଅସୁବିଧା ଥିଲେ ଟାଟା ପାୱାର କର୍ମଚାରୀ ପହଞ୍ଚି ସମସ୍ୟା ଦୂର କରିବେ। କିନ୍ତୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ଆବେଦନ କଲେ ୩୦୦ ୟୁନିଟ ବିଦ୍ୟୁତ ମାଗଣା ମିଳିବ ବୋଲି କହିଛନ୍ତି ମନ୍ତ୍ରୀ। ପିଏମ ସୂର୍ଯ୍ୟ ଘର ମାଗଣା ବଦ୍ୟୁତ ଯୋଜନାର ନିର୍ଦ୍ଧାରିତ ଲକ୍ଷ୍ୟ ଅନୁଯାୟୀ ସମସ୍ତ ଅଧିକାରୀଙ୍କୁ ନିଜ ନିଜ ଅଞ୍ଚଳରେ ପଞ୍ଜୀକରଣ କରିବା ପରେ ସୋଲାର ରୁଫଟପ ସ୍ଥାପନ କରିବାକୁ ପଡ଼ିବ। ଏହି ଯୋଜନା ଅନ୍ତର୍ଗତ ସୋଲାର ରୁଫଟପ ପ୍ଲାଣ୍ଟ ସ୍ଥାପନ ପାଇଁ ୪୫ ହଜାରରୁ ୧.୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯିବ। ସୋଲାର ପ୍ୟାନେଲ ସ୍ଥାପନ ପାଇଁ ଆପଣଙ୍କୁ ୧.୮ ଲକ୍ଷ ଟଙ୍କା ଦେବେ ସରକାର। ଏହି ଯୋଜନା ଅଧୀନରେ ଗୋଟିଏ କିଲୋୱାଟ ସୋଲାର ରୁଫଟପ ସ୍ଥାପନ ପାଇଁ ୪୫ ହଜାର ଟଙ୍କା, ଦୁଇଟି କିଲୋୱାଟର ସୋଲାର ରୁଫଟପ ସ୍ଥାପନ ପାଇଁ ୯୦ ହଜାର ଟଙ୍କା ଏବଂ ତିନୋଟି ୧୦ କିଲୋୱାଟ ସୋଲାର ରୁଫଟପ ସ୍ଥାପନ ପାଇଁ ୧.୮ ଲକ୍ଷ ଟଙ୍କା ପ୍ରଦାନ କରିବେ ସରକାର।

## ପିଏସ୍‌ପି ନେଇ କେଭି- ରିନିଉ ଗ୍ରୀନ ଏନର୍ଜି ଗ୍ରୁପ ଆଲୋଚନା

**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ପମ୍ପଡ ଷ୍ଟୋରେଜ ପ୍ରୋଜେକ୍ଟ (ପିଏସ୍‌ପି) ସମ୍ପର୍କିତ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା । ରିନିଉ ଗ୍ରୀନ ଏନର୍ଜି ଗ୍ରୁପର ପ୍ରତିନିଧି ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ ।

ଅକ୍ଷୟ ଶକ୍ତିର ଉତ୍ସ ଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରି ସେହି ସ୍ଥାନରେ ଥିବା ଜଳର ଉତ୍ସରୁ ପମ୍ପ ସାହାଯ୍ୟରେ ପାଣିକୁ ଉଠାଇ ଗୋଟିଏ ସ୍ଥାନରେ ଏକତ୍ରିତ କରି ରଖାଯିବ ଓ ସେହି ଜଳକୁ ବ୍ୟବହାର କରି ସେଥିରୁ ବିଦ୍ୟୁତ ଶକ୍ତି ଉତ୍ପାଦନ କରାଯିବ । ଆଜିର ସମୟରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ସବୁଜ ବିଦ୍ୟୁତ ଓ ଅକ୍ଷୟ ଶକ୍ତିର ବ୍ୟବହାର ଉପରେ ଗୁରୁତ୍ୱ ଦେଉଥିବାରୁ ଓଡ଼ିଶା ମଧ୍ୟ ସେହି ଅନୁରୂପ ଜଳବାୟୁ ଓ ପରିବେଶ ଅନୁକୂଳ ସବୁଜ ବିଦ୍ୟୁତ ଉତ୍ପାଦନକୁ ପ୍ରୋତ୍ସାହନ ଦେଉଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଗଚ୍ଛିତ ଥିବା ଅକ୍ଷୟ ଶକ୍ତିକୁ ବ୍ୟବହାର କରି ସବୁଜ ବିଦ୍ୟୁତ ଉତ୍ପାଦନ, ଗ୍ରୀନ ଆମୋନିଆ, ଗ୍ରୀନ ମିଥାନଲ୍ ପ୍ଲାଣ୍ଟ କରିବାକୁ ରିନିଉ ଗ୍ରୀନ



ଏନର୍ଜି ଆଗ୍ରହୀ ବୋଲି ବୈଠକରେ ମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ରିନିଉ ଗ୍ରୁପର ପ୍ରତିନିଧି କହିଥିଲେ ।

୨୦୩୦ ସୁଦ୍ଧା ଓଡ଼ିଶାର ୩ଟି ସ୍ଥାନରେ ତିନିଗୋଟି ପ୍ରୋଜେକ୍ଟ ଦ୍ୱାରା ବାର୍ଷିକ ୧ ମେଟ୍ରିକ ଟନ୍‌ର ଗ୍ରୀନ ହାଇଡ୍ରୋଜେନ ପ୍ରସ୍ତୁତ କରିବା ଲକ୍ଷ୍ୟ ରଖିଛି ରିନିଉ ଏନର୍ଜି । ଏଗୁଡ଼ିକ ହେଲା ପାରାଦୀପର ଗ୍ରୀନ ଆମୋନିଆ, ରାୟଗଡ଼ା ଓ ମାଲକାନଗିରିରେ ଗ୍ରୀନ ମିଥାନଲ୍ ପ୍ଲାଣ୍ଟ । ଏହି ସବୁ ପ୍ରୋଜେକ୍ଟ ତିଆରି କରିବା ଲାଗି ସରକାରଙ୍କ ସହାୟତା ଆବଶ୍ୟକ ବୋଲି ରିନିଉ ଏନର୍ଜିର ପ୍ରତିନିଧି କହିଥିଲେ ।

## ବରଗଡ଼ରେ ସ୍କ୍ରବ୍ ଟାଇଫସ୍ ଆତଙ୍କ

**ବରଗଡ଼, ୧୧/୯ (ସଂଚାର ବ୍ୟୁରୋ):** ବରଗଡ଼ରେ ସ୍କ୍ରବ ଟାଇଫସ ଆତଙ୍କ। ସପ୍ତାହେ ମଧ୍ୟରେ ଏଠାରେ ୩ ଜଣ ସ୍କ୍ରବ ଟାଇଫସ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହି ୩ ମୃତକ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଉକ୍ତ ହସ୍ପିଟାଲରେ ଆଉ ୪ ଜଣ ସ୍କ୍ରବ ଟାଇଫସ ଆକ୍ରାନ୍ତ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ସ୍କ୍ରବ ଟାଇଫସରେ ଆକ୍ରାନ୍ତ ହୋଇ ଗତ ସୋମବାର ପ୍ରାଣ ହରାଇଥିଲେ ଅମ୍ବାଭୋନା ବ୍ଲକ ବୁଙ୍ଗା ପାଲି ଗାଁର ଚାଷୀ ସରୋଜ ପ୍ରଧାନ (୪୨)। ସେହିପରି ମଙ୍ଗଳବାର (ଗତକାଲି) ପଦ୍ମପୁରର ୭୦ ବର୍ଷୀୟା ସଖୀ ପ୍ରଧାନଙ୍କ ମୃତ୍ୟୁ ଘଟିଥିବା ବେଳେ ଆଜି ପଦ୍ମପୁରର ଶିଖା ରଣା(୧୬)ଙ୍କ ମୃତ୍ୟୁ ହୋଇଛି। ସ୍କ୍ରବ ଟାଇଫସରେ ୩ ଜଣଙ୍କ ମୃତ୍ୟୁ କଥା ସତ ବୋଲି ସ୍ପଷ୍ଟ କରିଛନ୍ତି ବରଗଡ଼ ସିଡିଏମ୍‌ଓ ନିରୁପମା ଷଡ଼ଙ୍ଗୀ। ସେ କହିଛନ୍ତି ଯେ ଏ ନେଇ ତଦନ୍ତ କରାଯାଇଥିଲା। ଘରୋଇ ଡାକ୍ତରଖାନାରେ ସ୍କ୍ରବ ଟାଇଫସରେ ଆକ୍ରାନ୍ତ ୩ ଜଣଙ୍କ ମୃତ୍ୟୁ ହୋଇଛି। ସିଡିଏମ୍‌ଓ କହିଛନ୍ତି ଯେ ସେପ୍ଟେମ୍ବର ମାସରେ ୧୦ ତାରିଖ ସୁଦ୍ଧା ୨୦ ଜଣଙ୍କର ସ୍କ୍ରବ ଟାଇଫସ ଟେଷ୍ଟ (ସରକାରୀ ଭାବେ) କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ରିପୋର୍ଟ ପଜିଟିଭ ଆସିଥିଲା। ସେମାନେ ଘରେ ରହି ଚିକିତ୍ସିତ ହେଉଛନ୍ତି ଓ ସେମାନଙ୍କ ଅବସ୍ଥା ଭଲ ରହିଛି।

**୩ ଦିନରେ ୩ ମୃତ**

## ଟ୍ୱିନ୍ ସିଟି କ୍ରାଇମ୍

### ୨ବେପାରୀ ଗିରଫ, ୬ ଗ୍ରାମ ବ୍ରାଉନ ସୁଗାର ଜବତ

**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ):** ଲୁମ୍ବିନି ବିହାର ଛକ ଅଞ୍ଚଳରେ ବାଇକରେ ଆସି କିଛି ନିଶାଡ଼ିଙ୍କୁ ଧଳାଜହର ବିକ୍ରି କରୁଥିବା ସମୟରେ ଦୁଇ ବେପାରୀଙ୍କୁ ମାଡ଼ି ବସିଲା ମୈତ୍ରୀବିହାର ଥାନା ପୁଲିସ। ପରେ ସେମାନଙ୍କ ତଲାସି ବେଳେ ସେମାନଙ୍କଠାରୁ ୬ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଗିରଫ ଦୁଇ ବେପାରୀ ହେଲେ, ଚନ୍ଦ୍ରଶେଖରପୁର ପଣ୍ଡାପାର୍କ ବସ୍ତିର ଶିଶିର ନାୟକ ଓ ରାଧାକୃଷ୍ଣ ବସ୍ତିର ବୀନୟ ମହାନ୍ତି। ଆଜି ଦୁହିଁଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଆଜି ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ମୈତ୍ରୀବିହାର ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ଟିମ ଲୁମ୍ବିନି ବିହାର ଛକ ଅଞ୍ଚଳରେ ଅତର୍କିତ ଚଢ଼ାଉ କରି ବେଆଇନ୍ ଭାବେ ସର୍ବସାଧାରଣରେ ବ୍ରାଉନସୁଗାର ବିକ୍ରି ବେଳେ ଦୁଇ ଜଣ ବେପାରୀଙ୍କୁ ଧରିଲା ଟିମ। ସେମାନଙ୍କ ଛାନଭିନ ସମୟରେ ସେମାନଙ୍କ ପକେଟରୁ ୬ ଗ୍ରାମ ବ୍ରାଉନସୁଗାର ଓ କିଛି ଟଙ୍କା ଜବତ କରାଯାଇଥିଲା। ପରେ ମୈତ୍ରୀବିହାର ଥାନା ପୁଲିସ ଏକ ବେଆଇନ୍ ବ୍ରାଉନସୁଗାର ମାମଲା ରୁଜୁକରି ଆଜି ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି।

### ୪ ଅଭିଯୁକ୍ତ ଗିରଫ,୬ ମୋବାଇଲ ଓ ତାର ଜବତ

**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ):** ଭିନ୍ନ ଭିନ୍ନ ୪ଟି ମାମଲାରେ ଭରତପୁର ଥାନା ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ୪ ଜଣ ଲୁଟେରାଙ୍କୁ ଗିରଫ କରିଛି। ୩ଟି ମୋବାଇଲ ଚୋରି ମାମଲା ରହିଥିବା ବେଳେ ଅନ୍ୟଟି କମ୍ପାନୀରୁ କପର ତାର ଚୋରି ଅଭିଯୋଗରେ ଗିରଫ ହୋଇଛି। ଗିରଫ ଅଭିଯୁକ୍ତ ହେଲା, କମ୍ପାନୀର ସାଇଟ୍ ଇନଚାଜ, ର୍ ମନୋଜ କୁମାର ନାୟକ। ୩ ମୋବାଇଲ ଲୁଟେରା ହେଲେ, ରଘୁନାଥ ନଗର ଡୁମୁଡୁମାର ସିଲୁ ପ୍ରଧାନ, ସାଁପୁରର ପବିତ୍ର ନାୟକ ଓ ଭରତପୁର ବସ୍ତିର ରାଜା ନାୟକ। ସେମାନଙ୍କ ଠାରୁ ୬ଟି ମୋବାଇଲ ଓ ୪ଟି କପର ତାର ବଣ୍ଡଲ ଜବତ କରାଯାଇଛି। ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଆଈ ମା' ଗପ ଛାଡି ସରକାର କାମ କରନ୍ତୁ



**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ):** ବଡ ପାଟିରେ ମିଛ କହିଲେ ତାହା କେବେ ସତ ହୋଇଯାଏ ନାହିଁ। ମିଛ କହି ହୃଦୟ ଜିତିବା ସହଜ ହୋଇପାରେ କିନ୍ତୁ ଲୋକଙ୍କ ହୃଦୟ ଜିତିବା ସହଜ ନୁହେଁ। ଲୋକଙ୍କ ହୃଦୟ ଜିତିବା ପାଇଁ ସେବା ହିଁ ଏକମାତ୍ର ମାର୍ଗ ବୋଲି ବିଜୁ ଜନତା ଦଳ ସଭାପତି ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

। ଆଜି ଶଙ୍ଖ ଭବନ ଠାରେ ଆୟୋଜିତ ବିଜୁ ଯୁବ ଜନତା ଦଳ ର ଏକ ସମାବେଶ ରେ ଯୋଗ ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ ସୁଭଦ୍ରା ଯୋଜନା ଠାରୁ ଆରମ୍ଭ କରି ମାଗଣା ବିଜୁଳି ଓ ପେନସନ ସବୁ କଥା ରେ ବିଜେପି ର ମିଛ, ଦୁଇ ପ୍ରକାର କଥା।ତିନି ମାସ ହୋଇଗଲା। ଏବେ ଆଈ ମା ଗପ ଛାଡି କାମ କରି ଦେଖାଇବାକୁ ଶ୍ରୀ ପଟ୍ଟନାୟକ ବିଜେପି କୁ ପରାମର୍ଶ ଦେଇଛନ୍ତି।

ସାମ୍ପ୍ରତିକ ଘଟଣା ବଳୀ ଉପରେ ଆଲୋଚନା କରି ପଟ୍ଟନାୟକ କହିଥିଲେ ଯେ କିଛି ଲୋକ ସେମାନଙ୍କ ଚିନ୍ତାଧାରା କୁ ସମସ୍ତଙ୍କ ଉପରେ ଲଦି ଦେବାକୁ ଚାହୁଁଛନ୍ତି। କିନ୍ତୁ ଭାରତ ପରି ଏକ ଗଣତାନ୍ତ୍ରିକ ସମାଜ ରେ ଏହା ଗ୍ରହଣୀୟ ନୁହେଁ। ଏପରିକି କିଛି ଲୋକ ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ଆମ ବରପୁତ୍ର ମାନଂକୁ ନିନ୍ଦା କରିବାକୁ ମଧ୍ୟ୍ୟ ପଛଉନାହାନ୍ତି।

ଏପରି ଘଟଣା କୁ ନାପସନ୍ଦ କରି ଶ୍ରୀ ପଟ୍ଟନାୟକ ଏହା ଓଡ଼ିଆ ଅସ୍ମିତା ?

ଏହା କଣ ଆମ ବରପୁତ୍ର ମାନଙ୍କ ତ୍ୟାଗ ପାଇଁ ସମ୍ମାନ ବୋଲି ପ୍ରଶ୍ନ କରି ଏଭଳି କାର୍ଯ୍ୟ ଆମ ଭବିଷ୍ୟତ ପିଢ଼ି କୁ କି ପ୍ରେରଣା ଦେବ ବୋଲି ଚିନ୍ତା ବ୍ୟକ୍ତ କରିଛନ୍ତି ।

ଶ୍ରୀ ପଟ୍ଟନାୟକ କହିଲେ ଯେ ରାଜନୀତି କ୍ଷମତା ପାଇଁ ନୁହେଁ। ତାଙ୍କ ଦୃଷ୍ଟିରେ ରାଜନୀତି ହେଉଛି ସମାଜ ଦେଶ ତଥା ମାନବ ସମାଜ ପାଇଁ ସେବା କରିବାର ଏକ ମାଧ୍ୟମ

ଏକ ବିକଶିତ ଓ ସଶକ୍ତ ଓଡିଶା ର ସ୍ୱପ୍ନ ଦେଖିଥିବା ବିଜୁ ବାବୁଙ୍କ ଆଦର୍ଶରେ ବିଜୁ ଜନତା ଦଳ କାମ କରୁଛି। ଯେ ପର୍ଯ୍ୟନ୍ତ ଆମେ ଏହି ଆଦର୍ଶ ରେ କାମ କରୁଥିବା ସେ ପର୍ଯ୍ୟନ୍ତ ଲୋକଙ୍କ ହୃଦୟ ରେ ବିଜେଡି ରହିଥିବ। ବିଜେଡି କିଛି ବ୍ୟକ୍ତିଙ୍କ। ଉପରେ ନିର୍ଭରଶୀଳ ନୁହେଁ। ଏକ ଆଦର୍ଶ ଉପରେ ପ୍ରତିଷ୍ଠିତ। କିଛି ବ୍ୟକ୍ତି ଦଳ ଛାଡ଼ିବା ଉପରେ ଟିପଣୀ ଦେଇ ଶ୍ରୀ ପଟନାୟକ କହିଲେ ସୁବିଧାବାଦୀଙ୍କ ଦଳ ତ୍ୟାଗ ଆମ ଆଦର୍ଶ ପାଇଁ ସଂଗ୍ରାମ କୁ ଲହୁ ଲୁହ ଦେଇ ଆହୁରି ଶକ୍ତିଶାଳୀ କରିବ।

ବିଜୁ ବାବୁଙ୍କ ଆଦର୍ଶ ରେ ଅଟଳ ରହି ସମୃଦ୍ଧ ଓଡିଶା ପାଇଁ କାମ କରିବାକୁ ଶ୍ରୀ ପଟ୍ଟନାୟକ ଯୁବସମାଜ କୁ ଆହ୍ୱାନ ଜଣାଇଥିଲେ। ଏହାସହିତ ସାମାଜିକ ଗଣମାଧ୍ୟମ ରେ ସକ୍ରିୟ ରହି ମିଛ ପ୍ରଚାର ବିରୋଧ ରେ ଲଢେଇ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ।

ଏହି କାର୍ଯ୍ୟକ୍ରମ ରେ ବିଧାୟକ ଶ୍ରୀ ବ୍ୟୋମକେଶ ରାୟ। ବିଧାୟକ ଶ୍ରୀ ଦେବୀରଞ୍ଜନ ତ୍ରିପାଠୀ। ପୂର୍ବତନ ମନ୍ତ୍ରୀ ଶ୍ରୀ ଦେବୀପ୍ରସାଦ ମିଶ୍ର ପ୍ରମୁଖ ଉଦବୋଧନ ଦେଇଥିଲେ।

## ଯନ୍ତ୍ରୀଙ୍କ ଘର ରେଡ୍: ୬ ଅଟ୍ଟାଳିକା, ୫ ପ୍ଲଟ ଠାବ



**ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ):** ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଆଜି ଭିଜିଲାନ୍ସ ପକ୍ଷରୁ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ (ସିଭିଲ) ପ୍ରସନ୍ନ କୁମାର ସ୍ୱାଇଁଙ୍କ ଘରେ ଚଢ଼ାଉ କରାଯାଇଥିବା ବେଳେ ତାଙ୍କର ୬ଟି ବହୁତଳ କୋଠା ଠାବ କରାଯାଇଛି। ସେଥିରୁ ୨ଟି ୪ ମହଲା ବିଶିଷ୍ଟ ହୋଇଥିବା ବେଳେ ୨ଟି ୩ ମହଲା ଓ ଆଉ ୨ଟି ୨ ମହଲା ବିଶିଷ୍ଟ କୋଠା। ଏହା ବ୍ୟତୀତ ତାଙ୍କର ୫ଟି ବାସୋପଯୋଗୀ ପ୍ଲଟ ଅଛି। ବ୍ରହ୍ମପୁରର ତୁଳସୀ ନଗରରେ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ସ୍ୱାଇଁଙ୍କର ଏକ ୪ ମହଲା କୋଠା ଅଛି। ୯ ହଜାର ବର୍ଗଫୁଟ୍‌ରେ ନିର୍ମିତ ଏହି କୋଠାର ମୂଲ୍ୟ ପ୍ରାୟ ୨ କୋଟି ୪୦ ଲକ୍ଷ ଟଙ୍କା ହେବ। ଭଞ୍ଜନଗରର ବାଗ୍‌ଦେବୀ ରୋଡ୍‌ରେ ତାଙ୍କର ଆଉ ଏକ ୪ ମହଲା କୋଠା ଅଛି। ୬ ହଜାର ବର୍ଗଫୁଟ୍‌ରେ ତିଆରି ହୋଇଛି ଏହି ୪ ମହଲା କୋଠା। ସେହି ବାଗ୍‌ଦେବୀ ରୋଡ୍‌ରେ ଇଞ୍ଜିନିୟର ଶ୍ରୀ ସ୍ୱାଇଁଙ୍କର ଏକ ୩ ମହଲା କୋଠା ମଧ୍ୟ ଅଛି। ୩୦୦୦ ବର୍ଗଫୁଟରେ ତିଆରି ହୋଇଛି ଏହି କୋଠା। ସେହିଭଳି ଭଞ୍ଜନରରେ ତାଙ୍କର ଆଉ ଏକ ତିନି ମହଲା କୋଠା ଅଛି, ଯାହା ୨୫୦୦ ବର୍ଗଫୁଟରେ ନିର୍ମିତ ହୋଇଛି। ଭଞ୍ଜନଗରର ଲୁଡୁଲୁଡିରେ ତାଙ୍କର ଏକ ଦୁଇ ମହଲା କୋଠା ରହିଛି, ଯାହା ତାଙ୍କର ପୈତୃକ ଘର। ଏହା ବ୍ୟତୀତ ବ୍ରହ୍ମପୁରରେ ତାଙ୍କର ଗୋଟିଏ ପ୍ଲଟ ଥିବା ବେଳେ ଭଞ୍ଜନଗର ଆଖପାଖରେ ୪ଟି ପ୍ଲଟ ଅଛି। ଜଣ ଇନ୍ସପେକ୍ଟର/ଏଏସ୍‌ଆଇ ଓ ଅନ୍ୟ ସପୋର୍ଟ ଷ୍ଟାଫ୍ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି।

## ସରିଲା ବିଧାନସଭା ବଜେଟ ଅଧିବେଶନ

### ତିନି ବିଧାୟକଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ

**ଭୁବନେଶ୍ୱର,୧୧।୯ (ସଂଚାର ବ୍ୟୁରୋ):** ସରିଲା ସପ୍ତଦଶ ବିଧାନସଭା ଅଧିବେଶନ। ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତିବି ହେଲା ବିଧାନସଭା। ଶେଷ ଦିନରେ ତିନି ବିଧାୟକଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଆଣିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ। ବିଜେଡି ବିଧାୟକ ଧ୍ରୁବ ସାହୁ, ବ୍ରଜ ପ୍ରଧାନ ଓ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଆଣିଥିଲେ ସଂସଦୀୟ ବ୍ୟାପର ମନ୍ତ୍ରୀ। ଶୂନ୍ୟକାଳରେ ବାଚସ୍ପତିଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିବାରୁ ଏହି ନିନ୍ଦା ପ୍ରସ୍ତାବ ଅଣାଯାଇଥିଲା। ନନ୍ଦା ପ୍ରସ୍ତାବ ଗୃହ ଅନୁମୋଦନ ପାଇବା ପରେ ବିଜେଡି ଓ କଂଗ୍ରେସ ବିଧାୟକମାନେ ହଟ୍ଟଗୋଳ କରିଥିଲେ। ଏପରିକି ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ଧାରଣା ଦେଇଥିଲେ ଧ୍ରୁବ ସାହୁ। କାର୍ଯ୍ୟସୂଚୀ ଅନୁଯାୟୀ ଦୁଇ ଦିନ ପୂର୍ବରୁ ସରିଲା ଅଧିବେଶନ। ବିଧାନସଭାର ପ୍ରଥମ ଅଧିବେଶନ ଜୁଲାଇ ୨୨ ତାରିଖରୁ ଆରମ୍ଭ ହୋଇଥିଲା। ୨୫ଟି କାର୍ଯ୍ୟ ଦିବସ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନ ସମୟରେ ୨୦୨୪-୨୫ ବର୍ଷର ଆର୍ଥିକ ବଜେଟ ଉପସ୍ଥାପିତ ହୋଇଛି।

## ୧୬. ୨୭ ଲକ୍ଷଙ୍କ ରାସନ କାର୍ଡ କଟିଲାଣି

**ଭୁବନେଶ୍ୱର, ୧୧।୯ (ସଂଚାର ବ୍ୟୁରୋ):** ରାସନକାର୍ଡକୁ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଉପଭୋକ୍ତା କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବିଧାନସଭାରେ ବିଧାୟିକା ସୋଫିଆ ଫିରଦୌସଙ୍କ ପ୍ରଶ୍ନରେ ଉତ୍ତର ରଖି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ, ୨୦୧୬-୧୭ରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାସନ କାର୍ଡରୁ ୧୬ ଲକ୍ଷ ୨୭ ହଜାର ୯୨୦ ଜଣଙ୍କ ନାଁ ହଟାଯାଇଛି । ମନ୍ତ୍ରୀ ଆହୁରି କହିଛନ୍ତି, ଆଉ ଯେଉଁମାନେ ଏହି ସୁଯୋଗର ଲାଭ ପାଇବାରୁ ବଞ୍ଚିତ ହୋଇଛନ୍ତି ତାଙ୍କୁ ଏଥିରେ ତାଲିକାଭୁକ୍ତ କରାଯାଉଛି । ସବୁ କାର୍ଡଧାରୀଙ୍କୁ ଆଧାର ସହ ଇ-କଓ୍ୱାଇସି ଲିଙ୍କ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର